READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୮ ସଂଖ୍ୟା-୧୯ ୨୦ - ୨୬ ମଇ, ୨୦୨୪ ଭୁବନେଶ୍ୱର Monday Weekly VOL-8 ISSUE-19 20th - 26th MAY, 2024 BHUBANESWAR ₹ 5/- (8 Pages)


## ଶାହାଙ୍କ ଦୃଢ଼ୋକ୍ତି; ଗେରୁଆମୟ ହେବ ଓଡ଼ିଶା

**ଭୁବନେଶ୍ୱର :** କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଓଡ଼ିଶାର ରାଉରକେଲାଠାରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ। ସେ ଏହି ଉଦ୍‌ବୋଧନରେ ଓଡିଶାର ବିଜେଡି ସରକାର ଉପରେ କେନ୍ଦ୍ର ସରକାରଙ୍କ ଯୋଜନା ଗୁଡିକୁ ଲାଗୁ ନକରିବାକୁ ନେଇ ଟାର୍ଗେଟ କରିଥିଲେ। କାର୍ଯ୍ୟକ୍ରମରେ ମଞ୍ଚରେ ସୁନ୍ଦରଗଡର ଲୋକସଭା ପ୍ରାର୍ଥୀ ଜୁଏଲ ଓରାମ, ବିଧାୟକ ଶଙ୍କର ଓରାମ, ରାଉରକେଲା ବିଧାନସଭା ପ୍ରାର୍ଥୀ ଦିଲ୍ଲୀପ ରାୟ ଓ ରଘୁନାଥପଲ୍ଲୀ ପ୍ରାର୍ଥୀ ଦୁର୍ଗା ତନ୍ତୀଙ୍କ ସହିତ ଅନ୍ୟ ନେତା ମାନେ ଉପସ୍ଥିତ ଥିଲେ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ କହିଛନ୍ତି ଯେ ଦେଶରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ଚାରୋଟି ପର୍ଯ୍ୟାୟରେ ଏନଡିଏ ୨୭୦ଟି ଆସନ ଅତିକ୍ରମ କରି ୪୦୦ ଆଡ଼କୁ ଗତି କରୁଛି। ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବା ସହିତ ଓଡିଶାରେ ମଧ ବିଜେପି ସରକାର ଗଠନ ହେବାକୁ ଯାଉଛି। ଏଥର ଓଡିଶାରେ ଡବଲ ପରିବର୍ତ୍ତନ ହେବାକୁ ଯାଉଛି, ଲୋକସଭାରେ ୧୫ ରୁ ଅଧିକ ସାଂସଦ ଏବଂ ବିଧାନସଭାରେ ୭୫ ରୁ ଅଧିକ ଆସନ ସହ



ଓଡ଼ିଶା ଗେରୁଆମୟ ହେବାକୁ ଯାଉଛି। ଏହି ନିର୍ବାଚନ ହେଉଛି ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ କରିବା, ଦେଶର ଅର୍ଥନୀତିକୁ ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବା, ୩ ଲକ୍ଷ ଲକ୍ଷପତି ଦିଦି କରିବା କରିବା, ୩ କୋଟି ଗରିବ ଲୋକଙ୍କୁ ଘର ଦେବା ଏବଂ ଓଡିଶାରେ ବିକାଶର ଯୁଗ ଆରମ୍ଭ କରିବା ପାଇଁ ନିର୍ବାଚନ। ଶ୍ରୀ ଶାହା କହିଛନ୍ତି ଯେ କଂଗ୍ରେସ ପାର୍ଟି ରାମ ମନ୍ଦିର ପ୍ରସଙ୍ଗକୁ ୭୦ ବର୍ଷ ଧରି ଅଟକାଇ ରଖିଥିଲା। କିନ୍ତୁ ଦେଶର ଲୋକମାନେ ଦ୍ୱିତୀୟ ଥର ପାଇଁ ନରେନ୍ଦ୍ର ମୋଦୀଙ୍କୁ ପ୍ରଧାନମନ୍ତ୍ରୀ କରିଥିଲେ ଏବଂ ୫ ବର୍ଷ ମଧ୍ୟରେ ଶ୍ରୀ ରାମ ଜନ୍ମଭୂମିରେ ଭୂମି ପୂଜନ ବେଳା ଓ ଭବ୍ୟ ରାମ ମନ୍ଦିର ମଧ ନିର୍ମାଣ ହୋଇଗଲା। ଯେତେବେଳେ ସାରା ଦେଶ ରାମ ଉତ୍ସବ ପାଳନ କରୁଥିଲା ସେତେବେଳେ ବିଜୁ ଜନତା ଦଳର ସରକାର ରାମ ଉତ୍ସବ ପାଳନ କରିବାକୁ ରୋକୁଥିଲା। ରାମ ଉତ୍ସବ ପାଳନ କରିବାରୁ ରୋକୁ ଥିବା ଦଳକୁ ଓଡିଶାର ଜନସାଧାରଣ ଭୋଟ ଦେବେ ନାହିଁ। କଂଗ୍ରେସର ଜାତୀୟ ସଭାପତି ମଲ୍ଲିକାର୍ଜୁନ ଖଡଗେ କହନ୍ତି ଯେ ରାଜସ୍ଥାନ ଓ ଓଡିଶାର ଲୋକ ମାନଙ୍କର କାଶ୍ମୀର ସହ କଣ ଦେବା ନେବା ଅଛି। ଖଡଗେ ସାହେବ ଜାଣନ୍ତି ନାହିଁ, ➤ ପୃ-୬

### ତୃତୀୟଥର ପ୍ରଧାନମନ୍ତ୍ରୀ ହେବାପରେ ପ୍ରଥମେ ପାକିସ୍ତାନ ଯିବେ ମୋଦି !



**ଇସଲାମାବାଦ୍ :** ପାକିସ୍ତାନୀ ଗଣମାଧ୍ୟମରେ ଭାରତର ପ୍ରଧାନମନ୍ତ୍ରୀଙ୍କ ବିଷୟରେ ଚର୍ଚ୍ଚା ଜୋର ଧରିଛି। ଲୋକ ସଭା ନିର୍ବାଚନରେ ଜିତିବା ପରେ ମୋଦି ପ୍ରଥମେ ପାକିସ୍ତାନ ଆସିବେ ବୋଲି ଦାବି କରାଯାଉଛି। ଏଥି ସହିତ ପାକିସ୍ତାନୀମାନେ ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସୀ ଯେ, ଏଥର ପୁଣିଥରେ ମୋଦି ଭାରତରେ ନିର୍ବାଚନ ଜିତିବାକୁ ଯାଉଛନ୍ତି। ପାକିସ୍ତାନୀ ୟୁଟ୍ୟୁବର୍ ଶୋଏବ ଚୌଧରୀ ମଧ୍ୟ ପାକିସ୍ତାନୀ ଗଣମାଧ୍ୟମର ଏକ କ୍ଲିପ ଦେଖାଇଛନ୍ତି। ଏଥିରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନ ଆସୁଛନ୍ତି ବୋଲି ଦାବି କରାଯାଉଛି। ଏକ ମିଡିଆ ଶୋ'ରେ ଜଣେ ମହିଳା ସାମ୍ବାଦିକ ପାକିସ୍ତାନୀ ବରିଷ୍ଠ ସାମ୍ବାଦିକ ହାସନ ନିସରଙ୍କୁ ପଚାରିଥିଲେ ଯେ ପାକିସ୍ତାନୀ ରାଜନୈତିକ ପଣ୍ଡିତମାନେ କହିଛନ୍ତି ଯେ, ଲୋକସଭା ନିର୍ବାଚନରେ ଜିତିବା ପରେ ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନ ଗସ୍ତ କରିବେ। ଏହାର ଉତ୍ତରରେ ହାସନ ନିସାର କହିଛନ୍ତି, ଯଦି ନରେନ୍ଦ୍ର ମୋଦୀ ଏହା କରନ୍ତି ତେବେ ସେହି ତାରିଖ ଇତିହାସରେ ଲିପିବଦ୍ଧ ହେବ। ନରେନ୍ଦ୍ର ମୋଦି ନେଲସନ ମଣ୍ଡେଲାଙ୍କ ସ୍ଥିତିକୁ ଯିବେ। ବିଶ୍ୱର ସର୍ବବୃହତ ସଂଖ୍ୟାଗରିଷ୍ଠତାର ପ୍ରିୟ ନେତା ମୋଦି। ତାଙ୍କ ପାଇଁ ପାକିସ୍ତାନ ଆସିବା ତାଙ୍କ ପାଇଁ ଏକ ବଡ କଥା ହେବ, ଯଦି ସେ ପାକିସ୍ତାନ ଆସନ୍ତି ତେବେ ଆମେ ଖୁସି ହେବୁ।

### ଯେ କ'ଣ ଓଡ଼ିଆ ଅସ୍ମିତା ?

#### କାନ୍ତକବିଙ୍କୁ କଣ୍ଠକବି ସମ୍ବୋଧନ



**ଭୁବନେଶ୍ୱର :** ଚଳିତ ନିର୍ବାଚନ ରଣାଙ୍ଗନରେ 'ଓଡ଼ିଆ ଅସ୍ମିତା'କୁ ଦୁଇ ପ୍ରମୁଖ ଦଳ ବିଜେପି ଓ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ବିଜେପି ଅଧିକ ଆକ୍ରାମକ ଶୈଳୀରେ 'ଓଡ଼ିଆ ଅସ୍ମିତା ଓ ସମ୍ମାନ'କୁ ନେଇ ଲୋକଙ୍କ ପାଖକୁ ଯାଉଛି। ଆଉ ଏପଟେ ଆଞ୍ଚଳିକ ଦଳ ବିଜେଡିର ନିର୍ବାଚନୀ ପ୍ରଚାର ମଙ୍ଗ ଧରିଥିବା ଭିକେ ପାଣ୍ଡିଆନ ଓଡ଼ିଆ ଅସ୍ମିତାକୁ କୁଠାରଘାତ କରିବା ଭଳି କାର୍ଯ୍ୟ କରିବାକୁ ପଛାଉନାହାନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଦୀର୍ଘ ଅଢ଼େଇ ଦଶନ୍ଧି ମଧ୍ୟରେ ପ୍ରଥମଥର ସରକାରୀସ୍ତରରେ 'ବିଶ୍ୱ ଓଡ଼ିଆ ସମ୍ମିଳନୀ'ର ଆୟୋଜନ କରି ସେଥିରେ ଓଡ଼ିଶାର ବରପୁତ୍ରଙ୍କୁ (କାନ୍ତକବିଙ୍କୁ କଣ୍ଠକବି ସମ୍ବୋଧନ) ଅସମ୍ମାନିତ କରିବା ଘଟଣାକୁ ରାଜ୍ୟବାସୀ ଭୁଲିନଥିବାବେଳେ ଏବେ ପାଣ୍ଡିଆନ ସମ୍ବଲପୁର ମାଟିରେ ଠିଆ ହୋଇ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ 'ସନ୍ଥ କବି' ଭାବେ ସମ୍ବୋଧିତ କରିବା ଓ ସେଥିପାଇଁ ଅନୁତାପ ନକରିବାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ସୂଚନା ଅନୁସାରେ, ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରି ବିଜେଡି ନେତା ଭିକେ ପାଣ୍ଡିଆନ ଓଡ଼ିଶାର ବରପୁତ୍ର 'ସନ୍ଥକବି ଭୀମଭୋଇ ଓ ➤ ପୃ-୬

## ଜୁଲାଇରୁ ବିଜୁଳି ବିଲ୍ ଛାଡ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରଚାର କରି ବିଜୁ ଜନତା ଦଳ ପାଇଁ ଭୋଟ ମାଗିଛନ୍ତି। ସବୁ ସ୍ଥାନରେ ବିଶାଳ ଜନସଭାରେ ମୁଖ୍ୟମନ୍ତ୍ରୀଙ୍କୁ ଲୋକମାନେ ଭବ୍ୟ ସ୍ୱାଗତ କରୁଛନ୍ତି। ବିଜୁ ଜନତା ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଶୀର୍ବାଦ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ସଭାରେ ବିରୋଧୀ ଦଳକୁ ଆକ୍ରମଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ସେମାନଙ୍କ ନେତାମାନେ ମିଛ କଥା କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଏସକେୱାଇ, ମିଶନ ଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, ଚାଷୀଙ୍କ କାଳିଆ, ମଧୁବାବୁ ପେନ୍‌ସନ ଯୋଜନା, ଚାଉଳ କାର୍ଡ ପରି ଜନକଲ୍ୟାଣକାରୀ ଯୋଜନାର ସୁଫଳ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପଚାରି ଥିଲେ ଏସବୁ ଯୋଜନା ଭଲ କି ? ଜନତାଙ୍କ ସମୂହ ଉତ୍ତର ଥିଲା 'ହଁ'। ଯେତେବେଳେ ସେ ପଚାରିଲେ ନବୀନ ପଟ୍ଟନାୟକ ଭଲ କି ? 'ହଁ' ଧ୍ୱନିରେ ପ୍ରତିଧ୍ୱନିତ ହୋଇଥିଲା ସଭାସ୍ଥଳ। ସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ, ଜୁଲାଇରୁ ଆଉ ବିଜୁଳି



ବିଲ ଆସିବ ନାହିଁ। ବିଜୁ ଜନତା ଦଳ ସରକାର ମାଗଣା ବିଜୁଳି ଦେବ। ଆପଣମାନେ ଖୁସି ତ ? ତା'ପରେ ସେ ପୁଣି କହିଲେ ମା ସମଲେଇଙ୍କ ପ୍ରକଳ୍ପ କାମ ଭଲ ହୋଇଛି ତ ? ପୁରୀ ପରିକ୍ରମା ପ୍ରକଳ୍ପ ଭଲ ହେଇଛି ତ ? ବହୁତ ଭଲ ବୋଲି ଉଚ୍ଛ୍ୱସିତ ସ୍ୱରରେ ଜନତା ଉତ୍ତର ଦେଲେ। କେନ୍ଦୁପତ୍ର ଶ୍ରମିକଙ୍କ ପାଇଁ ପ୍ୟାକେଜ ଆସିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବିଜେପିର ସମସ୍ତେ କହୁଛନ୍ତି ଓଡ଼ିଶାକୁ ଏକ ନମ୍ବର କରିବେ, ସେମାନେ ପ୍ରଥମେ ଆଗେ ତାଙ୍କ ପାର୍ଲାମେଣ୍ଟାରି ପାର୍ଟିର ବୈଠକ କରି ନିଷ୍ପତ୍ତି କରନ୍ତୁ - କେଉଁ ରାଜ୍ୟକୁ ଏକ ନମ୍ବର କରିବେ ? ସେମାନେ କୁହନ୍ତୁ, ତାଙ୍କ ରାଜ୍ୟକୁ କ'ଣ କରିବେ ? କେନ୍ଦ୍ର ଗୃହମନ୍ତ୍ରୀ ମଧ କହୁଛନ୍ତି, କର୍ଣ୍ଣାଟକକୁ, ତେଲେଙ୍ଗାନାକୁ ଏକ ନମ୍ବର କରିବେ। ➤ ପୃ-୬

### ସୁପ୍ରିମ୍‌କୋର୍ଟଙ୍କ ଐତିହାସିକ ନିଷ୍ପତ୍ତି

## ମାମଲା ବିଚାରଧୀନ ଥିଲେ ଗିରଫ କରିପାରିବନି ଇଡି

**ନୂଆଦିଲ୍ଲୀ :** ଏକ ଐତିହାସିକ ନିଷ୍ପତ୍ତିକ୍ରମେ ସୁପ୍ରିମକୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର କ୍ଷମତାକୁ ସଙ୍କୁଚିତ କରି ଦେଇଛନ୍ତି। ପିଏମଏଲ ଆକ୍ଟର ଧାରା ୧୯ ଅନୁଯାୟୀ ଇଡି ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପାଇଥିବା ଅଧିକାର ଉପରେ ସୁପ୍ରିମକୋର୍ଟ ସର୍ତ୍ତ ଲାଗୁ କରିଛନ୍ତି। ଯଦି ଅଭିଯୁକ୍ତ ସ୍ୱତନ୍ତ୍ର କୋର୍ଟଙ୍କ ସମନ ଅନୁସାରେ ହାଜର ହେଉଛନ୍ତି, ତା'ହେଲେ ଇଡି ତାଙ୍କୁ ଗିରଫ କରିପାରିବ ନାହିଁ। ଏପରି ସ୍ଥିତିରେ ଇଡିକୁ ଗିରଫଦାରୀ ପୂର୍ବରୁ କୋର୍ଟଙ୍କ ଅନୁମତି ନେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ➤ ପୃ-୬



## ବିଜେଡି ଆସିଲେ ପାଣ୍ଡୁଜୀ ହେବେ ମୁଖ୍ୟମନ୍ତ୍ରୀ : ଅପରାଜିତା

**ଭୁବନେଶ୍ୱର :** ବିଜେଡି ଆଉ ବିଜୁ ଜନତା ଦଳ ହୋଇ ରହି ନାହିଁ। ତାହା ଏବେ ପାଣ୍ଡୁ ଜନତା ଦଳ। ତେଣୁ ଆପଣ ଯଦି ବିଜେଡିକୁ ଭୋଟ ଦେଉଛନ୍ତି ତା'ହେଲେ ଜାଣି ରଖନ୍ତୁ ଆପଣ ପାଣ୍ଡୁଜୀଙ୍କୁ ଭୋଟ ଦେଉଛନ୍ତି। କାରଣ ବିଜେଡି ଆସିଲେ ଏଥର ନବୀନ ନୁହେଁ, ପାଣ୍ଡୁଜୀ ମୁଖ୍ୟମନ୍ତ୍ରୀ ହେବେ। ଏପରି କହି ବିଜେଡିକୁ ସିଧାସଳଖ ଟାର୍ଗେଟ କରି ବର୍ଷିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ରାଜଧାନୀରେ ରୋଡ ଶୋ' କରିଥିଲେ। ରୋଡ



ଶୋ' ସରିବା ପରେ ସେ ଲିଙ୍ଗରାଜ ମନ୍ଦିରରେ ପହଞ୍ଚି ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହ ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରାର୍ଥୀ ବାବୁ ସିଂ ଓ ବିଜେପିର କିଛି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ସାମ୍ବାଦିକଙ୍କୁ ସମ୍ବୋଧନ କରି ସାଂସଦ ଷଡଙ୍ଗୀ କହିଥିଲେ ଯେ, ଓଡ଼ିଶାବାସୀ ଏବେ ସୁସ୍ଥ, ଯୁବ ଓ ଅସ୍ମିତା ମୁଖ୍ୟମନ୍ତ୍ରୀ ଚାହୁଁଛନ୍ତି। ଯେଉଁ ମୁଖ୍ୟମନ୍ତ୍ରୀ ସକ୍ରିୟ ଶାସନ ବ୍ୟବସ୍ଥା ସହ ଗରିବ ଓ ଯୁବ ବର୍ଗଙ୍କ ବିକାଶ, ମହିଳା ଓ ଚାଷୀଙ୍କ ବିକାଶ ପାଇଁ କାମ କରୁଥିବ। ➤ ପୃ-୬

### ବକ୍ରବାଣୀ



ରତ୍ନଭଣ୍ଡାର ଖୋଲିବା ପାଇଁକି
ବିଜେପିକି ଆଜି ଭୋଅଟ ଲୋଡ଼ା
ଖୋଲିଦେବେ ଦ୍ୱାର ଜିତିଲା ପରେ
ଦେଉଳେ ପଶିବେ ଚଢ଼ିକି ଘୋଡ଼ା
ମିଛ ପ୍ରହସନ କରନ୍ତି ସବୁ
ଭକୁଆ ଭାବନ୍ତି ଆମକୁ ସତେ
କରିବାର ଥିଲା କଲେନି କିଆଁ
ଜଗା ପାଇଁ ଯଦି ଦରଦ ଏତେ
ଭୋଅଟ ବିକଳେ ଚଳାନ୍ତି ଗୋଟି
ଧରମ ଚୁଲାରେ ସେକିବେ ରୋଟି।

—— ଟୁଟୁ

## କନ୍ଧମାଳରେ ସୁକାନ୍ତଙ୍କ ବିଜୟ ରାସ୍ତା ପରିଷ୍କାର



**ଭୁବନେଶ୍ୱର :** ନିକଟରେ କନ୍ଧମାଳରେ ବିଜେପି ଲୋକସଭା ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଚାର କରିଯିବା ପରେ ଭୋଟରଙ୍କ ମଧ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ସେହିପରି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ମଧ ଗତ ୧୭ ତାରିଖରେ ସୁକାନ୍ତଙ୍କ ପାଇଁ କନ୍ଧମାଳରେ ପ୍ରଚାର ସାରି ଫେରିଛନ୍ତି। କନ୍ଧମାଳବାସୀ ଏଥର ଡବଲ ଇଞ୍ଜିନ୍ ସରକାର ଚାହାନ୍ତି ବୋଲି ଭୋଟରଙ୍କ ଠାରୁ ଜଣାପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତୃତୀୟ ଥର ପ୍ରଧାନମନ୍ତ୍ରୀ ଏବଂ କନ୍ଧମାଳ ଲୋକସଭା ଆସନ ପାଇଁ ସୁକାନ୍ତଙ୍କୁ ଜିତାଇବା ପାଇଁ ବିଜେପି କେନ୍ଦ୍ରୀୟ ନେତାଙ୍କ ଜୋରଦାର ପ୍ରଚାର ଜାରି ରହିଛି। ଅନ୍ୟପଟେ ସୁକାନ୍ତ ଘରକୁ ଘର ବୁଲି ଭୋଟରମାନଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିବା ସହିତ ସମସ୍ତଙ୍କ ସୁଖଦୁଃଖ ପଚାରି ବୁଝୁଛନ୍ତି। ସଂସଦକୁ ଯିବା ପରେ କନ୍ଧମାଳର ବିକାଶ ସହିତ ସାଧାରଣ ଜନତାଙ୍କ ସ୍ୱପ୍ନ ପୂରଣ କରିବାକୁ ପ୍ରତିଶ୍ରୁତି ମଧ ଦେଉଛନ୍ତି। ଆଗାମୀ ଦିନରେ କନ୍ଧମାଳର କିପରି ବିକାଶ ହୋଇପାରିବ ସେ ନେଇ ନକ୍ସା ପ୍ରସ୍ତୁତ ସରିଥିବା କଥା ସୁକାନ୍ତ କହିଛନ୍ତି। ସେ ଯୋଡି ଫୁଲରେ ମୋହର ମାରିବାକୁ ସୁକାନ୍ତ ସମସ୍ତଙ୍କୁ ନିବେଦନ କରିଛନ୍ତି। ତାଙ୍କ କହିବା କଥା କନ୍ଧମାଳ ଲୋକ ବୁଝିଗଲେଣି। ସେହିପରି ସୁକାନ୍ତଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଡକ୍ଟର ଅଚ୍ୟୁତ୍ ସାମନ୍ତ କନ୍ଧମାଳର ଆଦୌ ବିକାଶ କରିନାହାନ୍ତି, ବରଂ କନ୍ଧମାଳର କ୍ଷତି କରିଛନ୍ତି। ଡକ୍ଟର ସାମନ୍ତ କେବଳ ନିଜ ସ୍ୱାର୍ଥ ହାସଲ ପାଇଁ କନ୍ଧମାଳବାସୀଙ୍କ ସହ ଛଳନା କରି ଆସୁଛନ୍ତି। କନ୍ଧମାଳର ନିରୀହ ଆଦିବାସୀ ଓ ଜନସାଧାରଣ ସରଳ ଲୋକ ହୋଇଥିବାରୁ ତାଙ୍କ ସହ ଡକ୍ଟର ସାମନ୍ତ ଦୀର୍ଘ ୫ ବର୍ଷ ହେଲା ପ୍ରତାରଣା କରିବା ସହ କୌଣସି ବିକାଶମୂଳକ କାର୍ଯ୍ୟ କରିନାହାନ୍ତି ବୋଲି ସ୍ଥାନୀୟ ଭୋଟର ଅଭିଯୋଗ କରୁଛନ୍ତି। ତେଣୁ ଏଥର ସେମାନେ ମନ ସ୍ଥିର କରିଛନ୍ତି ଆଉ ଅଚ୍ୟୁତ୍ ନୁହେଁ, ସୁକାନ୍ତଙ୍କୁ ହିଁ ଭୋଟ ଦେବେ।

## ପଞ୍ଚୁପାଣ୍ଡବଙ୍କୁ ନେଇ ଟେନସନ୍‌ରେ ନବୀନ !

**ଭୁବନେଶ୍ୱର :** ରାଜ୍ୟରେ ଏବେ ପଞ୍ଚୁପାଣ୍ଡବଙ୍କୁ ନେଇ ଚର୍ଚ୍ଚା ଚାଲିଛି। କାରଣ ରାଜ୍ୟ ଶାସନର ସବୁ ଶ୍ରେୟ ମୁଣ୍ଡାଇଛି ୫-ଟି। ବିଜେଡିର ନିର୍ବାଚନୀ ସ୍ଲୋଗାନ ପାଲଟିଛି ବି ୫-ଟି ଗ୍ୟାରେଣ୍ଟି। ବିଜେଡିର ଦାବି, ୫-ଟି ମାନେ ଟ୍ରାନ୍ସପରେନ୍ସି, ଟେକ୍ନୋଲୋଜି, ଟିମ୍ ୱାର୍କ, ଟାଇମ୍ ଓ ଟ୍ରାନ୍ସଫରମେସନ୍। କିନ୍ତୁ ନିର୍ବାଚନର ଘନଘଟା ମଧ୍ୟରେ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଓଡ଼ିଶାର ରିଅଲ ୫-ଟି'ର ଫଟୋ। ଯେଉଁଥିରେ କୁହାଯାଉଛି ପ୍ରକୃତ ୫-ଟି ହେଉଛନ୍ତି ୫ ଜଣ ତାମିଲ ବାବୁ। ପାଣ୍ଡିଆନ୍, ମାଥି ଭାଥନନ, ପ୍ରଭାକରନ୍, ଭିନିଲକ୍ରିଷ୍ଣା ଓ ବାଲକ୍ରିଷ୍ଣନ୍‌ଙ୍କ ଫଟୋ ଏବେ ସୋସିଆଲ ମିଡିଆରେ ଭାରି ଭାଇରାଲ। ଏହି ୫ ତାମିଲ ହେଉଛନ୍ତି ଏବେ ଓଡ଼ିଶା ପାୱାର କରିଡରର ସର୍ବଶକ୍ତିମାନ। ଖାଲି ଓଡ଼ିଶା ଶାସନ ନୁହେଁ ବରଂ ବିଜେଡିକୁ ବି କବଜା କରି



ରଖିଛନ୍ତି ଏମାନେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଭାଇରାଲ ଫଟୋରେ ରିଅଲ ଫାଇଭ ଟି ସହ ପଞ୍ଜୁରୀ ଭିତରେ ଦେଖାଯାଇଛି ଏକ କାର୍ଟୁନ ଶୁଆ। କିଏ ଏହି ପଞ୍ଜୁରୀ ଭିତର ଶୁଆ ? ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଞ୍ଜୁରୀ ଶୁଆ ବନାଇଛନ୍ତି ପାଣ୍ଡିଆନ୍। ➤ ପୃ-୬

## ମେଣ୍ଟ ପାଇଁ ହୋଇପାରୁନି ଖଣି ଓ ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ : ଖଡ଼୍‌ଗେ

**ଭୁବନେଶ୍ୱର :** ଅସୀମ ପ୍ରାକୃତିକ ସମ୍ପଦ, ଜଳ, ଜଙ୍ଗଲ, ଜମି ଓ ଖଣି ଖାଦାନରେ ଭରା ଓଡ଼ିଶା। ମାନବ ସମ୍ବଳ ମଧ ଏଠାରେ କିଛି କମ୍ ନୁହେଁ। ଏଠାକାର ଖଣି ଖାଦାନରୁ ସାମଗ୍ରୀ ନେଇ ଅନ୍ୟ ରାଜ୍ୟରେ ବୃହତ ଶିଳ୍ପ, କାରଖାନା ଗଢ଼ି ଉଠିଛି। ହେଲେ ମୋଦି ସରକାରଙ୍କ ୧୦ବର୍ଷ ଓ ନବୀନ ବାବୁଙ୍କ ୨୪ବର୍ଷର ଶାସନରେ ରାଜ୍ୟର ଆଶାନୁରୂପ ବିକାଶ ହୋଇପାରିନାହିଁ। ଏଠାରେ ବେକାରୀ ସମସ୍ୟା ଉତ୍କଟ ହୋଇଛି। ରାଜ୍ୟର ମୋଟ୍ ୪୧ ପ୍ରତିଶତ ଯୁବବର୍ଗ ବେକାର ହୋଇ ବୁଲୁଛନ୍ତି। ଏଠାକାର ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଯାଇ ସ୍ୱଳ୍ପ ଅର୍ଥରେ ଶ୍ରମିକ ଭାବେ କାମ କରୁଛନ୍ତି। ତେଣୁ ବିଜେପି ଓ ବିଜେଡି ମେଣ୍ଟ ସରକାର ଓଡ଼ିଶାକୁ ଏକ ଶସ୍ତା ଶ୍ରମିକ ଚାଲାଣ ରାଜ୍ୟରେ ପରିଣତ କରିଛନ୍ତି ବୋଲି ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଛନ୍ତି। ଗୁରୁବାର ଓଡ଼ିଶା ଗସ୍ତରେ ଆସି ହୋଟେଲ ମେଫେୟାରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖଡ଼୍‌ଗେ ଉଭୟ ବିଜେପି ଓ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ କିଛିଦିନ ତଳେ ବିଜେପି ଓ ବିଜେଡି ମେଣ୍ଟ ପାଇଁ ଖୋଲା ଆଲୋଚନା କରୁଥିଲେ। ବର୍ତ୍ତମାନ ନିଜ



ସ୍ୱାର୍ଥ ପାଇଁ ସେମାନେ ଭିତିରି ବୁଝାମଣାରେ ନିର୍ବାଚନ ଲଢୁଛନ୍ତି। କେବଳ ଲୋକ ଦେଖାଣିଆ ଭାବେ ନିର୍ବାଚନୀ ସଭାରେ ପରସ୍ପରକୁ ସମାଲୋଚନା କରୁଛନ୍ତି। ସେମାନଙ୍କ ଏହି ଅଘୋଷିତ ମେଣ୍ଟ ଓଡ଼ିଶା ଓ ଓଡ଼ିଶାର ଜନସାଧାରଣଙ୍କୁ ଅଧିକ କ୍ଷତିଗ୍ରସ୍ତ କରିଛି। ଏହି ମେଣ୍ଟ ପାଇଁ ଓଡ଼ିଶାରେ ବେକାରୀ ସମସ୍ୟା ବଢ଼ିଛି। ଦରଦାମ କଥା ନ କହିବା ଭଲ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାବେଳେ କୃଷି କ୍ଷେତ୍ରରେ ବ୍ୟବହୃତ ସାମଗ୍ରୀ ଉପରେ ଜିଏସ୍‌ଟି ଲଗାଇ କୃଷକଙ୍କ ମେରୁଦଣ୍ଡ ଭାଙ୍ଗି ଦିଆଯାଇଛି। ରାଜ୍ୟର ସବୁଠାରୁ ବଡ଼ ଖଣି ଦୁର୍ନୀତିର ତଦନ୍ତ ହୋଇପାରୁନି। ଚିଟ୍‌ଫଣ୍ଡ ଦୁର୍ନୀତିରେ କ୍ଷତିଗ୍ରସ୍ତ ଲୋକମାନେ ଏହି ମେଣ୍ଟ ପାଇଁ ନ୍ୟାୟ ପାଇପାରୁନାହାନ୍ତି। ତେଣୁ ଓଡ଼ିଶାବାସୀ ଏହି ଅଘୋଷିତ ମେଣ୍ଟକୁ ଠିକ୍ ଭାବେ ଚିହ୍ନି ସାରିଲେଣି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ନିର୍ବାଚନୀ ସଭାରେ ଅବ୍‌କି ବାର ୪୦୦ ପାର ନାରା ଦେଉଛନ୍ତି। ହେଲେ ଏହି ସଂଖ୍ୟା ସେ କେମିତି ଆକଳନ କରୁଛନ୍ତି ବୋଲି ଶ୍ରୀ ଖଡ଼୍‌ଗେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ତାମିଲନାଡୁ ଓ କେରଳରେ ବିଜେପି ନଥିବାବେଳେ କର୍ଣ୍ଣାଟକ, ମହାରାଷ୍ଟ୍ରରେ ଅଧା ଆସନ ପାଇବ। ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାରେ ମଧ ବିଜେପି ନାହିଁ। ଏସବୁ ସତ୍ତ୍ୱେ ୪୦୦ ପାରର ଏକ ମିଛ ନାରା ଦେଇ ନରେନ୍ଦ୍ର ମୋଦି ଭୋଟରଙ୍କୁ ଭ୍ରମିତ କରିବାକୁ ଚେଷ୍ଟା କରୁଛନ୍ତି। ଗତ ନିର୍ବାଚନବେଳେ ମଧ ମୋଦି କଳାଧନ ଫେରାଇ ଆଣିବା, ପ୍ରତ୍ୟେକ ଲୋକଙ୍କ ଆକାଉଣ୍ଟକୁ ୧୫ଲକ୍ଷ ଟଙ୍କା ପ୍ରଦାନ, ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ସ୍ୱାସ୍ଥ୍ୟ ଉତ୍ତମ ରହିବ। ଆୟରେ ବୃଦ୍ଧି ହେବ। ସଞ୍ଚୟ ହେବ। ପରିବାର ସହଯୋଗ ପାଇବେ ନାହିଁ। ସ୍ଥାନାନ୍ତରଣ ଯୋଗ ଅଛି। ବିଦେଶରେ ପାଠ ପଢ଼ିପାରନ୍ତି। ଦାମ୍ପତ୍ୟ ଜୀବନରେ ଅସ୍ଥିରତା ଯୋଗ ଅଛି। ପ୍ରତିକାର : ପ୍ରତିଦିନ ୧୦ଥର ଓଁ ଭୌମାୟ ନମଃ ଜପ କରନ୍ତୁ।

**ବୃଷ** ମାଦକ ଦ୍ରବ୍ୟ ସେବନରୁ ଦୂରେଇ ପାରନ୍ତି। ବାପା ମାଆଙ୍କ ସହଯୋଗ ପାଇ କାର୍ଯ୍ୟକ୍ଷେତ୍ରରେ ନୂତନ ଉପଲବ୍ଧି ପାଇବେ। ଛାତ୍ରୀମାନଙ୍କ ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ତାଳ ମେଳ ବଢ଼ିବ। ପ୍ରତିକାର : ପ୍ରତିଦିନ ୪୦ଥର ଓଁ ରାହବେ ନମଃ ଜପ କରନ୍ତୁ।

**ମିଥୁନ** ଖରାପ ସ୍ୱାସ୍ଥ୍ୟ ଆତ୍ମବିଶ୍ୱାସ କମିବ। ବ୍ୟୟରେ ବୃଦ୍ଧି ହେବ। ଉଧାର କରିପାରନ୍ତି। ବୀପରିତ ଲିଙ୍ଗି ବ୍ୟକ୍ତିଙ୍କୁ ଆକର୍ଷି କରିପାରନ୍ତି। କାର୍ଯ୍ୟକ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେବ। ପ୍ରତିକାର : ପ୍ରତିଦିନ ୪୧ଥର ଓଁ ବୁଧାୟ ନମଃ ଜପ କରନ୍ତୁ।

**କର୍କଟ** ପେଟରେ ସମସ୍ୟା ଦେଖାଦେଇପାରେ। ବ୍ୟବସାୟରେ ସଫଳ ହେବେ। ଧନହାନୀ ହୋଇପାରେ। ସହକର୍ମୀ ଆପଣଙ୍କ ଉପରେ କ୍ଷୁବ୍ଧ ହୋଇପାରନ୍ତି। ପ୍ରତିକାର : ବିକଳାଙ୍ଗଙ୍କୁ ଖାଦ୍ୟ ଖୁଆନ୍ତୁ।

**ସିଂହ** ଖେଳକୁଦରେ ଭାଗ ନିଅନ୍ତୁ। ଦୀର୍ଘ ମିଆଦି ବ୍ୟବସାୟ କରନ୍ତୁ। ପରିବାରରେ ସମ୍ପର୍କ ବିଗିଡିପାରେ। କାର୍ଯ୍ୟକ୍ଷେତ୍ରରେ ଅନ୍ୟର ସହଯୋଗ ନିଅନ୍ତୁ। ପ୍ରତିକାର : ମଙ୍ଗଳବାର ଦିନ ରାହୁଙ୍କ ପାଇଁ ହୋମ କରନ୍ତୁ।

**କନ୍ୟା** ସ୍ୱାସ୍ଥ୍ୟରେ ଉନ୍ନତି ହେବ। କୌଣସି ସନ୍ଥଙ୍କ ଆଶୀର୍ବାଦ ପାଇବେ। ଅର୍ଥ ପ୍ରାପ୍ତ ଯୋଗ ଅଛି। ଆତ୍ମୀୟଙ୍କ ସହ ମତଭେଦ ହୋଇପାରେ। ପ୍ରେମୀ ନାରାଜ ହୋଇପାରନ୍ତି। ପ୍ରତିକାର : ପ୍ରତିଦିନ ବିଷ୍ଣୁ ସହସ୍ର ନାମ ଜପ କରନ୍ତୁ।

**ତୁଳା** ମନ ଅସ୍ଥିର ରହିବ। ବ୍ୟବସାୟରେ ବିସ୍ତାର ପାଇଁ ଋଣ ନେଇପାରନ୍ତି। ଅନ୍ୟ ସହମତ ଭେଦ ହୋଇପାରେ। ସତର୍କ ରହନ୍ତୁ। ଶିକ୍ଷକଙ୍କ ସହଯୋଗ ପାଇବେ। ପ୍ରତିକାର : ପ୍ରତିଦିନ ୩୧ଥର ଓଁ ଶୁକ୍ରାୟ ନମଃ ଜପ କରନ୍ତୁ।

**ବିଛା** ଅଧିକ ଚିନ୍ତା କରନ୍ତୁ ନାହିଁ। କମ୍ ପରିଶ୍ରମରେ ଅଧିକ ଆୟ ହେବ। ପରିବାରରେ ସୁଖ ପାଇଷବ। ଲକ୍ଷ୍ୟପ୍ରାପ୍ତି ଯୋଗ ଅଛି। ପ୍ରେମୀ ମାନେ ଭ୍ରମଣ ପାଇଁ ଯାଇପାରନ୍ତି। ପ୍ରତିକାର : ପ୍ରତିଦିନ ୨୭ଥର ଓଁ ଶୁକ୍ରାୟ ନମଃ ଧ୍ୟାନ କରନ୍ତୁ।

**ଧନୁ** ଖର୍ଚ୍ଚ ପାଇଁ ମାର୍ଗ ପ୍ରସ୍ତୁତ କରନ୍ତୁ। ମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଛାତ୍ରମାନଙ୍କ ସମୟ ପ୍ରତିକୂଳ ରହିବ। ପ୍ରେମୀମାନେ ବିବାହ ପ୍ରସ୍ତାବ ରଖିପାରନ୍ତି। ପ୍ରତିକାର : ଗୁରୁବାର ଦିନ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ମକର** ଅର୍ଥ ଆଗମନର ସୂଚନା ପାଇବେ। ଧନର ଠିକ୍ ଉପଯୋଗ କରନ୍ତୁ। ପରିବାରର କାର୍ଯ୍ୟରେ ବାନ୍ଧି ହୋଇପାରନ୍ତି। ବାପା ବା ମାଆଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ପ୍ରତିକାର : ୧୧ଥର ଓଁ ଭାସ୍କରାୟ ନମଃ ଜପ କରନ୍ତୁ।

**କୁମ୍ଭ** ପାଚନ ରୋଗରୁ ମୁକ୍ତି ପାଇବେ। ଆର୍ଥିକ ସ୍ଥିତିରେ ଉନ୍ନତି ହେବ। ପରିବାର ଓ ବନ୍ଧୁଙ୍କ ସହଯୋଗ ପାଇବେ। ଛାତ୍ରଙ୍କୁ ସଫଳତା ମିଳିବ। ପ୍ରେମୀଙ୍କ ଠାରୁ ଦୂରେଇ ରହିବା କଷ୍ଟ ହୋଇପାରେ। ପ୍ରତିକାର : ଭଗବାନ ଶିଙ୍କ ଉପାସନା କରନ୍ତୁ।

**ମୀନ** ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ବ୍ୟୟରେ ବୃଦ୍ଧି ହେବ। ପରିବାର ସହ ସମୟ କଟିବ। ପଦୋନ୍ନତି ହୋଇପାରେ। ଛାତ୍ରମାନେ ସଫଳତା ପାଇବେ। ଜୀବନସାଥୀଙ୍କ ସହ ବାଦବିବାଦ ହୋଇପାରେ। ପ୍ରତିକାର : ପ୍ରତିଦିନ ୨୧ଥର ଓଁ ଗଣେଶାୟ ନମଃ ଜପନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ୨୬ ସପ୍ତାହର ଗର୍ଭପାତ ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ

**ନୂଆଦିଲ୍ଲୀ :** ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ସୋମବାର ଜଣେ ୨୭ ବର୍ଷୀୟା ମହିଳାଙ୍କୁ ୨୬ ସପ୍ତାହରୁ ଅଧିକ ଭୃଣର ଗର୍ଭପାତ କରିବାକୁ ଅନୁମତି ଦେବାକୁ ମନା କରି ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ଆଇନ ବାହାରେ ଯାଇପାରିବ ନାହିଁ, ଯାହା ଅନୁଯାୟୀ କେବଳ ଭ୍ରୁଣ ଅସ୍ୱାଭାବିକତା କିମ୍ବା ଗର୍ଭବତୀ ମହିଳାଙ୍କ ଜୀବନ ବଞ୍ଚାଇବା ପାଇଁ ୨୪ ସପ୍ତାହରୁ ଅଧିକ ଗର୍ଭଧାରଣକୁ ଅନୁମତି ଦିଆଯାଇଛି। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ (ଏମ୍ସ)ର ଏକ ରିପୋର୍ଟକୁ ବିଚାରକୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ମହିଳାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି, ଯେଉଁଥିରେ ଗର୍ଭପାତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ମହିଳାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଡାକ୍ତରୀ ବିଶେଷଜ୍ଞ କମିଟି କହିଛନ୍ତି। କମିଟି ଗର୍ଭଧାରଣ ଜାରି ରଖିବାକୁ ସମର୍ଥନ କରିବା ସହ ଉପଯୁକ୍ତ ଚିକିତ୍ସା ସେବା, ଚିକିତ୍ସା ଏବଂ ଉପଯୁକ୍ତ ଡାକ୍ତରୀ ତତ୍ତ୍ୱାବଧାନ ଦ୍ୱାରା ଗର୍ଭାବସ୍ଥା ଏବଂ ପ୍ରସବ ପରବର୍ତ୍ତୀ ସମୟରେ ସେ ଓ ଶିଶୁକୁ ଭଲ ଭାବରେ ପରିଚାଳନା କରାଯାଇପାରିବ ବୋଲି ମତ ଦେଇଥିଲେ। ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟ୍ଟୀ ଖଣ୍ଡପୀଠଙ୍କୁ ଏହି ରିପୋର୍ଟ ପ୍ରଦାନ କରିଥିଲେ ଏବଂ ଅଦାଲତଙ୍କୁ ଜଣାଇଥିଲେ ଯେ ଅକ୍ଟୋବର ୧୩ ତାରିଖର ନିର୍ଦ୍ଦେଶ ଅନୁଯାୟୀ ବୋର୍ଡ ଗଠନ କରାଯାଇଛି। ଖଣ୍ଡପୀଠ ଏହି ସଦ୍ୟତମ ଡାକ୍ତରୀ ମତାମତ ତଥା ଅକ୍ଟୋବର ୬ ତାରିଖର ପୂର୍ବ ରିପୋର୍ଟକୁ ଉଲ୍ଲେଖ କରି କହିଛନ୍ତି ଯେ ମହିଳାଙ୍କ ଜୀବନ ବଞ୍ଚାଇବା ପାଇଁ ଗର୍ଭପାତ ଜରୁରୀ ବୋଲି କେହି ସୂଚାଇ ନାହାନ୍ତି। ସବୁଠାରୁ



ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଭୃଣର ଡାକ୍ତରୀ ନିଦାନରେ କୌଣସି ଅସ୍ୱାଭାବିକତା ଚିହ୍ନଟ ହୋଇନଥିଲା। ଅନ୍ୟପକ୍ଷରେ, ଅଦାଲତ କହିଛନ୍ତି ଯେ ଭୃଣର ହୃଦସ୍ପନ୍ଦନ ବନ୍ଦ କରିବାକୁ ଡାକ୍ତରମାନଙ୍କୁ ନିର୍ଦ୍ଦେଶ ଦେବାକୁ କୋର୍ଟ ବିରୋଧ କରୁଛନ୍ତି। ଶିଶୁର ଜନ୍ମ ପାଇଁ ବାଟ ଖୋଲି ଖଣ୍ଡପୀଠ ଏମ୍ସକୁ ଉପଯୁକ୍ତ ସମୟରେ ପ୍ରସବ କରିବାକୁ ନିର୍ଦ୍ଦେଶ ଦେବା ସହ ଦମ୍ପତିଙ୍କୁ ସହାୟତା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସବ ପରେ ଯଦି ଦମ୍ପତି ଏଥିପାଇଁ ରାଜି ହୁଅନ୍ତି, ତେବେ ଭାରତ ସରକାର ମଧ୍ୟ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାରେ ସାହାଯ୍ୟ କରିବେ। ୨୫ ସପ୍ତାହ ୫ ଦିନର ଗର୍ଭବତୀ ଥିବା ମହିଳା ଜଣକ ଗର୍ଭପାତ ପାଇଁ ଅନୁମତି ନିମନ୍ତେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଦାଖଲ ହୋଇଥିବା ଆବେଦନର ଶୁଣାଣି କରି ଅଦାଲତ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗର୍ଭସ୍ଥ ଶିଶୁର ବଞ୍ଚିବାର ଅଧିକାର ବିରୋଧରେ ମହିଳାଙ୍କ ଚୟନ ଅଧିକାରକୁ ନେଇ ଏହି ପିଟିସନରେ ପ୍ରଶ୍ନ ଉଠିଥିଲା। ଦୁଇ ସନ୍ତାନର ମା' ମହିଳା ଜଣକ କହିଛନ୍ତି ଯେ ସେ ଗର୍ଭଧାରଣ ପାଇଁ ପ୍ରସ୍ତୁତ ନୁହଁନ୍ତି କାରଣ ଦ୍ୱିତୀୟ ସନ୍ତାନର ପ୍ରସବ ପରେ ସେ ଏଲଏଏମ ଆପଣାଇଥିଲେ, ଯାହାର ଅର୍ଥ ଗର୍ଭନିରୋଧକ ପଦ୍ଧତି ଭାବରେ ସ୍ତନ୍ୟପାନ ଜାରି ରଖିବା କାରଣରୁ ଋତୁସ୍ରାବ ନ ହେବା। ମେଡିକାଲ ଟର୍ମିନେସନ୍ ଅଫ୍ ଗର୍ଭଧାରଣ ଆଇନ, ୧୯୭୧ (ଏମଟିପି) ଅଧୀନରେ ଆଇନଗତ ପ୍ରତିବନ୍ଧକ ଥିବା ଦର୍ଶାଇ ଅନେକ ଡାକ୍ତର ଗର୍ଭପାତ ପାଇଁ ତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଥିବାରୁ ସେ ଏହି ମାମଲାରେ ଅଦାଲତଙ୍କ ହସ୍ତକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ। ଏହି ଆଇନରେ ପଞ୍ଜୀକୃତ ଡାକ୍ତରଙ୍କ ଦ୍ୱାରା ୨୦ ସପ୍ତାହ ପର୍ଯ୍ୟନ୍ତ ଗର୍ଭଧାରଣ ଏବଂ ଯୌନ ନିର୍ଯାତନା କିମ୍ବା ଦୁଷ୍କର୍ମ କିମ୍ବା ଅସଦାଚରଣର ଶିକାର ହୋଇଥିବା ମହିଳାଙ୍କ ସମେତ ନିର୍ଦ୍ଦିଷ୍ଟ ବର୍ଗର ମହିଳାଙ୍କ ପାଇଁ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭଧାରଣ କରିବାକୁ ଅନୁମତି ଦିଆଯାଇଛି।

## ରାମଚରିତ ମାନସ, ପଞ୍ଚତନ୍ତ୍ରକୁ ୟୁନେସ୍କୋ ମାନ୍ୟତା

### ମେମୋରୀ ଅଫ୍ ଦ ୱାର୍ଲଡ୍ ଏସିଆ-ପାସିଫିକ୍ ରିଜନାଲ୍ ରେଜିଷ୍ଟରରେ ସାମିଲ



**ନୂଆଦିଲ୍ଲୀ :** ଭାରତ ଓ ଏହାର ସମୃଦ୍ଧ ସଂସ୍କୃତି ପାଇଁ ଗର୍ବର ମୁହୂର୍ତ୍ତ। 'ରାମଚରିତ ମାନସ' ଓ 'ପଞ୍ଚତନ୍ତ୍ର'କୁ ମିଳିଛି ୟୁନେସ୍କୋ ମାନ୍ୟତା । ୟୁନେସ୍କୋର ମେମୋରୀ ଅଫ୍ ଦ ୱାର୍ଲଡ୍ ଏସିଆ-ପାସିଫିକ୍ ରିଜନାଲ୍ ରେଜିଷ୍ଟର୍‌ରେ ଏହା ସାମିଲ ହୋଇଛି। 'ରାମଚରିତ ମାନସ'କୁ ଗୋସ୍ୱାମୀ ତୁଳସୀଦାସ ରଚନା କରିଥିବାବେଳେ ପଣ୍ଡିତ ବିଷ୍ଣୁ ଶର୍ମାଙ୍କ କାଳଜୟୀ କୃତି ହେଉଛି 'ପଞ୍ଚତନ୍ତ୍ର'। 'ସହର୍ଦୟଲୋକ-ଲୋକାନା' ମଧ୍ୟ ୟୁନେସ୍କୋରେ ସ୍ଥାନ ପାଇଛି। ଏହାର ରଚୟିତା ହେଉଛନ୍ତି ଆଚାର୍ଯ୍ୟ ଆନନ୍ଦବର୍ଦ୍ଧନ। ଗତ ୭-୮ ତାରିଖରେ ମଙ୍ଗୋଲିଆର ରାଜଧାନୀ ଉଲାନ୍‌ବାଟାରେ ଅନୁଷ୍ଠିତ ମେରୋରୀ ଅଫ୍ ଦ ୱାର୍ଲଡ୍ କମିଟି ଫର୍ ଏସିଆ ଆଣ୍ଡ ଦ ପାସିଫିକ୍ (ଏମ୍‌ଓଡବ୍ଲ୍ୟୁସିଏପି)ର ୧୦ମ ସାଧାରଣ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଭାରତୀୟ ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଥିବା ରାମଚରିତମାନସ, ପଞ୍ଚତନ୍ତ୍ର ଓ ସହର୍ଦୟଲୋକ-ଲୋକାନା ଦେଶର ନୈତିକ ମୂଲ୍ୟବୋଧ ଓ କଳାତ୍ମକ ଅଭିବ୍ୟକ୍ତିର ମାର୍ଗଦର୍ଶନ କରିଛ। ଏହି ଚମତ୍କାର ସାହିତ୍ୟ କୃତି କେବଳ ଭାରତ ନୁହେଁ, ବିଦେଶରେ ମଧ୍ୟ ପାଠକ ଓ କଳାକାରଙ୍କ ମଧ୍ୟରେ ସ୍ୱତନ୍ତ୍ର ସ୍ଥାନ ବହନ କରିଛି। ଏହି ଉପଲବ୍ଧି ଦେଶର ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟକୁ ମାନ୍ୟତା ଦେଇଛି। ଭାରତର ଏହି ଚମତ୍କାର ସାହିତ୍ୟ କୃତିଗୁଡ଼ିକୁ ସମ୍ମାନ ଦେଇ ସମାଜ ଏହାର ସ୍ରଷ୍ଟାଙ୍କ ସୃଜନଶୀଳତାକୁ ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଦେଇଛି। ସେମାନଙ୍କ ଜ୍ଞାନ ଓ ଶିକ୍ଷା ପଦ୍ଧତି ଭବିଷ୍ୟତ ପିଢ଼ିକୁ ପ୍ରେରଣା ପ୍ରଦାନ କରିବ ଏବଂ ଆଲୋକ ବର୍ତ୍ତିକା ହେବ ବୋଲି ସଂସ୍କୃତି ମନ୍ତ୍ରାଳୟ ପ୍ରକାଶ କରିଛି।

**କୋଭିସିଲ୍ଡ ପରେ କୋଭାକ୍ସିନକୁ ନେଇ ଆସିଲା ସାଂଘାତିକ ତଥ୍ୟ**

## ଝିଅମାନେ ଅଧିକ ପ୍ରଭାବିତ

**ନୂଆଦିଲ୍ଲୀ :** କରୋନା ମହାମାରୀ ସମୟରେ ଦେଶର ବହୁଳ ମାତ୍ରାରେ ଲୋକଙ୍କୁ କୋଭିସିଲ୍ଡ ଓ କୋଭାକ୍ସିନ ଟିକା ଦିଆଯାଇଥିଲା। ସେତେବେଳେ କୁହାଯାଇଥିଲା ଯେ କରୋନା ବିରୋଧରେ ଏହି ଟିକା ବ୍ରହ୍ମାସ୍ତ୍ର। ଏହାକୁ ସମସ୍ତେ ନେବା ଦରକାର। ହେଲେ ଏବେ ଏହି ଟିକାକୁ ନେଇ ଚିନ୍ତାଜନକ ଖବର ଆସିଛି। ଧୀରେ ଧୀରେ ଦୁଇଟି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିବା ଆରମ୍ଭ ହୋଇଛି। କୋଭିସିଲ୍ଡକୁ ବିକଶିତ କରିଥିବା ବ୍ରିଟିଶ କମ୍ପାନୀ ଆଷ୍ଟ୍ରାଜେନାକା ନିକଟରେ ଗୋଟିଏ କୋର୍ଟରେ ସ୍ୱୀକାର କରିଛି ଯେ ଏହାର ଟିକା କିଛି ଲୋକଙ୍କଠାରେ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିପାରେ। ଏବେ ଭାରତ ବାୟୋଟେକ୍ କମ୍ପାନୀ ଦ୍ୱାରା ବିକଶିତ ଟିକା 'କୋଭାକ୍ସିନ'ର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଏକ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟରେ ଦାବି




କରାଯାଇଛି ଯେ ଏହି ଟିକା ନେବାର ପ୍ରାୟ ଗୋଟିଏ ବର୍ଷ ଯାଏ ଓ ପରେ ବିଭିନ୍ନ ପ୍ରକାରର ପାର୍ଶ୍ୱ ପ୍ରତିକ୍ରିୟା ବହୁ ସଂଖ୍ୟାରେ ଦେଖାଯାଇଛି। ବିଶେଷ କରି ଯୁବତୀ ଓ ଝିଅମାନେ ଏପରି ପାର୍ଶ୍ୱ ପ୍ରତିକ୍ରିୟା ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। କିଛି ପାର୍ଶ୍ୱ ପ୍ରତିକ୍ରିୟା ଅତ୍ୟନ୍ତ ଗୁରୁତର ମଧ୍ୟ ରହିଥିଲା। 'ଇକୋନୋମିକ୍ ଟାଇମ୍ସ'ର ଏକ ରିପୋର୍ଟ ଅନୁଯାୟୀ, ଏହି ଟିକାର ପାର୍ଶ୍ୱ ପ୍ରତିକ୍ରିୟା ବିଷୟରେ ଗୋଟିଏ 'ପର୍ଯ୍ୟବେକ୍ଷଣ ଅଧ୍ୟୟନ' କରାଯାଇଥିଲା। ଏଥିରେ ଟିକାକରଣ କରିଥିବା ଲୋକଙ୍କ ମଧ୍ୟରୁ ଏକ ତୃତୀୟାଂଶ କ୍ଷେତ୍ରରେ Adverse events of special interest ବା AESI ଦେଖାଦେଇଥିଲା। ଏହି ଅଧ୍ୟୟନ ରିପୋର୍ଟ ସ୍ପ୍ରିଞ୍ଜର ଲିଙ୍କ ପତ୍ରିକାରେ ବି ପ୍ରକାଶିତ ହୋଇଛି। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଗବେଷଣା ଶୁଭ ଚକ୍ରବର୍ତ୍ତୀ ଓ ତାଙ୍କ ଟିମ କରିଥିଲେ। ସେମାନେ ଦେଇଥିବା ରିପୋର୍ଟ ଅନୁଯାୟୀ, ଟିକା ନେଇଥିବା ଅଧିକାଂଶ ଲୋକଙ୍କ ମଧ୍ୟରେ ଗୋଟିଏ ବର୍ଷ ପାଇଁ ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଗବେଷଣାରେ ୧୦୨୪ ଜଣଙ୍କୁ ସାମିଲ କରାଯାଇଥିଲେ। ଏଥିରେ ୬୩୫ ଜଣ କିଶୋର/କିଶୋରୀ ଓ ୨୯୧ ଜଣ ପ୍ରାପ୍ତ ବୟସ୍କ ରହିଥିଲେ। ଟିକା ନେବାର ଏକବର୍ଷ ଯାଏ ଫଲୋଅପ୍ ଚେକ୍‌ଅପ୍ ପାଇଁ ସମସ୍ତଙ୍କୁ ଯୋଗାଯୋଗ କରାଯାଇଥିଲା।

**ଶ୍ରମ ମନ୍ତ୍ରଣାଳୟର ସୂଚନା**

## ଇପିଏଫ୍‌ଓ ଦାବି ସମାଧାନ ହେବ ମାତ୍ର ୪ ଦିନରେ




**ନୂଆଦିଲ୍ଲୀ :** ଏଣିକି ଶିକ୍ଷା, ବିବାହ ହେଉ କି ଗୃହ ନିର୍ମାଣ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟମାନଙ୍କୁ ଆଉ ଅଧିକ ସମୟ ଅପେକ୍ଷା କରିବାକୁ ପଡିବ ନାହିଁ। ଏସବୁ ନିମନ୍ତେ କ୍ଲେମ୍ ବା ଦାବି କରିବାର ତିନିରୁ ଚାରି ଦିନ ମଧ୍ୟରେ ସଦସ୍ୟଙ୍କୁ ଟଙ୍କା ସେମାନଙ୍କ ଆକାଉଣ୍ଟକୁ ଆସିଯିବ। ଇପିଏଫ୍ ସ୍କିମ୍, ୧୯୫୨ର ପାରା ୬୮ବି (ଶିକ୍ଷା ଏବଂ ବିବାହ) ଏବଂ ୬୮ବି (ଗୃହ ପାଇଁ ଅଗ୍ରୀମ) ଅନୁଯାୟୀ ସମସ୍ତ ଦାବି ଅଟୋ ଦାବି ସମାଧାନ ସୁବିଧା ଅଧୀନରେ ଅଣାଯାଇଥିବା କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଏହିପରି ଦାବିଗୁଡିକ ବର୍ତ୍ତମାନ ମାନବ ହସ୍ତକ୍ଷେପ ବିନା ଆଇଟି ସିଷ୍ଟମ ଦ୍ୱାରା ସ୍ୱୟଂଚାଳିତ ଭାବରେ ପ୍ରକ୍ରିୟାକରଣ ହେବ। ପୂର୍ବରୁ ଏସବୁ ପ୍ରକାର ଦାବି ସମାଧାନ ଲାଗି ୧୦ ଦିନ ସମୟ ଲାଗୁଥିଲା କିନ୍ତୁ ବର୍ତ୍ତମାନ ଏହି କାମ ତିନିରୁ ଚାରି ଦିନ ମଧ୍ୟରେ କରାଯିବ। ଏହି ସୁବିଧା ପ୍ରଥମେ ଏପ୍ରିଲ୍ ୨୦୨୦ରେ କରୋନା ଅବଧିରେ ଆରମ୍ଭ ହୋଇଥିଲା। ରୋଗ ସମ୍ବନ୍ଧୀୟ ଅଗ୍ରୀମ ସମାଧାନ ପାଇଁ ଏହା ଆରମ୍ଭ କରାଯାଇଥିଲା। ଚଳିତ ବର୍ଷ ୨.୨୫ କୋଟି ସଦସ୍ୟ ଏହି ସୁବିଧା ପାଇବେ ବୋଲି ଆଶା କରାଯାଉଛି। ଇପିଏଫ୍‌ଓ ରୋଗ ସମ୍ବନ୍ଧୀୟ ଅଗ୍ରୀମର ସୀମାକୁ ଦ୍ୱିଗୁଣିତ କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିଛି। ଏହା ପୂର୍ବରୁ ଏହି ପରିମାଣ ୫୦ ହଜାର ଟଙ୍କା ରହିଥିଲା। ଗତ ଆର୍ଥିକବର୍ଷ ୨୦୨୩-୨୪ ମଧ୍ୟରେ ଇପିଏଫ୍‌ଓ ୪.୪୫ କୋଟି ଟଙ୍କାର ଦାବି ସମାଧାନ କରିଛି। ଏଥିମଧ୍ୟରୁ ୨.୮୪ କୋଟି ଦାବି ଇପିଏଫ ଆକାଉଣ୍ଟରୁ ଟଙ୍କା ଉଠାଇବା ନେଇ ରହିଥିଲା। ଇପିଏଫଓ ବିବୃତ୍ତିରେ କହିଛି ଯେ ୨୦୩-୨୪ ଆର୍ଥିକବର୍ଷରେ ପ୍ରାୟ ୪.୪୫ କୋଟି ଟଙ୍କାର ଦାବି ସମାଧାନ ହୋଇଛି। ଏଥିମଧ୍ୟରୁ ୬୦ ପ୍ରତିଶତରୁ ଅଧିକ (୨.୮୪ କୋଟି) ଅଗ୍ରୀମ ଦାବି ଥିଲା (ଅସୁସ୍ଥତା, ବିବାହ, ଶିକ୍ଷା ପରି କାରଣରୁ ଟଙ୍କା ଉଠାଇବା। ବର୍ଷ ମଧ୍ୟରେ ସମାଧାନ ହୋଇଥିବା ଅର୍ଥ ପ୍ରତ୍ୟାହାର ପାଇଁ ହୋଇଥିବା ପ୍ରାୟ ୮୯.୫୨ ଲକ୍ଷ ଦାବି ଅଟୋ ସୁବିଧା ମାଧ୍ୟମରେ ସମାଧାନ କରାଯାଇଥିଲା।

**ନାଗରିକତା (ସଂଶୋଧନ) ନିୟମ, ୨୦୨୪ର ବିଜ୍ଞପ୍ତି ଜାରି**

## ନାଗରିକତ୍ୱ ପ୍ରମାଣପତ୍ରର ପ୍ରଥମ ଶୃଙ୍ଖଳା ଜାରି

**ନୂଆଦିଲ୍ଲୀ, (ପିଆଇବି):** ନାଗରିକତା (ସଂଶୋଧନ) ନିୟମ, ୨୦୨୪ର ବିଜ୍ଞପ୍ତି ପରେ ନାଗରିକତ୍ୱ ପ୍ରମାଣପତ୍ରର ପ୍ରଥମ ଶୃଙ୍ଖଳା ଜାରି କରାଯାଇଛି। କେନ୍ଦ୍ର ଗୃହ ସଚିବ ଅଜୟ କୁମାର ଭଲ୍ଲା ନୂଆଦିଲ୍ଲୀର କିଛି ଆବେଦନକାରୀଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଗୃହ ସଚିବ ଆବେଦନକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ନାଗରିକତା (ସଂଶୋଧନ) ନିୟମ, ୨୦୨୪ ର ମୁଖ୍ୟ ବୈଶିଷ୍ଟ୍ୟଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନା ଚକ୍ରରେ ଡାକ ସଚିବ, ନିର୍ଦ୍ଦେଶକ (ଆଇବି), ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଭାରତ ସରକାର ୧୧ ମାର୍ଚ୍ଚ ୨୦୨୪ରେ ନାଗରିକତା ସଂଶୋଧନ ନିୟମ, ୨୦୨୪ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହି



ନିୟମରେ ଆବେଦନ ଫର୍ମର ପଦ୍ଧତି, ଜିଲ୍ଲାସ୍ତରୀୟ କମିଟି (ଡିଏଲସି) ଦ୍ୱାରା ଆବେଦନ ପ୍ରକ୍ରିୟା ଏବଂ ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟି (ଇସି) ଦ୍ୱାରା ନାଗରିକତା ଯାଞ୍ଚ ଏବଂ ଅନୁମତି ପ୍ରଦାନ ବିଷୟରେ ଉଲ୍ଲେଖ କରାଯାଇଛି। ଏହି ନିୟମ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ହିନ୍ଦୁ, ଶିଖ, ଜୈନ, ବୌଦ୍ଧ, ପାର୍ସୀ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ଠାରୁ ଯେଉଁମାନେ ଧର୍ମ ଆଧାରରେ ନିର୍ଯାତନା କାରଣରୁ କିମ୍ବା ଏଭଳି ନିର୍ଯାତନାର ଭୟରେ ୩୧.୧୨.୨୦୧୪ ପର୍ଯ୍ୟନ୍ତ ଭାରତରେ ପ୍ରବେଶ କରିଛନ୍ତି ସେମାନଙ୍କ ଠାରୁ ଆବେଦନ ଗ୍ରହଣ କରାଯାଇଛି। ପଦନାମିତ ଅଧିକାରୀମାନଙ୍କ ରୂପରେ ବରିଷ୍ଠ ଡାକ ଅଧୀକ୍ଷକ/ଡାକ ଅଧୀକ୍ଷକଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ କମିଟି (ଡିଏଲ୍‌ସି) ଦସ୍ତାବିଜର ସଫଳ ଯାଞ୍ଚ କରି ଆବେଦନକାରୀମାନଙ୍କ ପ୍ରତି ନିଷ୍ଠାର ଶପଥ ପାଠ କରାଇଛନ୍ତି। ନିୟମ ଅନୁଯାୟୀ ପ୍ରକ୍ରିୟାକରଣ କରିବା ପରେ ଡିଏଲସିଗୁଡ଼ିକ ନିର୍ଦ୍ଦେଶକ (ଜନଗଣନା ସଞ୍ଚାଳନ)ଙ୍କ ଅଧକ୍ଷତାରେ ଗଠିତ ରାଜ୍ୟସ୍ତରୀୟ କ୍ଷମତାପ୍ରାପ୍ତ କମିଟିକୁ ଆବେଦନଗୁଡ଼ିକୁ ପଠାଇଛନ୍ତି। ଆବେଦନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଅନଲାଇନ୍ ପୋର୍ଟାଲ ମାଧ୍ୟମରେ କରାଯାଇଥାଏ। ନିର୍ଦ୍ଦେଶକ (ଜନଗଣନା ସଂଚାଳନ), ଦିଲ୍ଲୀଙ୍କ ଅଧକ୍ଷତାରେ ଗଠିତ ଅଧିକାରପ୍ରାପ୍ତ କମିଟି ଉଚିତ ଯାଞ୍ଚ ପରେ ୧୪ ଜଣ ଆବେଦନକାରୀଙ୍କୁ ନାଗରିକତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ସେହି ଅନୁଯାୟୀ ନିର୍ଦ୍ଦେଶକ (ଜନଗଣନା ସଂଚାଳନ) ଏହି ଆବେଦନକାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି।

**ୟୁରୋପୀୟ ସଂଘର ଚାଞ୍ଚଲ୍ୟକର ବୟାନ**

# ୪୦୦ ଭାରତୀୟ ଖାଦ୍ୟ ସାମଗ୍ରୀରେ କୀଟନାଶକ ଓ କବକ

**ନୂଆଦିଲ୍ଲୀ :** ଆଜିର ଦିନରେ ସୁସ୍ଥ ଜୀବନ ଶୈଳୀ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ହେଲେ ଆମେ ଖାଉଥିବା ଖାଦ୍ୟ ସାମଗ୍ରୀରେ କ୍ୟାନସର ସୃଷ୍ଟିକାରୀ ଉପାଦାନ ରହିଥିବା ଖବର ବେଶ ଚିନ୍ତାଜନକ। ଏକ ରିପୋର୍ଟ ଅନୁଯାୟୀ, ଗତ ୫ ବର୍ଷ (୨୦୧୯-୨୦୨୪) ମଧ୍ୟରେ ଭାରତରେ ପ୍ରସ୍ତୁତ ହୋଇ ବିଦେଶକୁ ଯାଇଥିବା ୪୦୦ ପ୍ରକାରର ବିଭିନ୍ନ ଖାଦ୍ୟ ସାମଗ୍ରୀକୁ ୟୁରୋପୀୟ ସଂଘ (ଇୟୁ) ନିଷିଦ୍ଧ କରିଛି। ଉକ୍ତ ଖାଦ୍ୟ ସାମଗ୍ରୀଗୁଡିକରେ କୀଟନାଶକ, କବକ ଏବଂ କ୍ୟାଡ୍ମିୟମ୍ ଭଳି କ୍ଷତିକାରକ ଉପାଦାନ ମିଳିବା ପରେ ୟୁରୋପୀୟ ୟୁନିଅନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇୟୁ ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ପ୍ରସ୍ତୁତ ହେଉଥିବା ଏହି ୪୦୦ ଖାଦ୍ୟ ସାମଗ୍ରୀ ମଧ୍ୟରୁ ୧୪ଟିରେ ମର୍କ୍ୟୁରୀ ଓ କ୍ୟାଡ୍ମିୟମ ଭଳି କ୍ଷତିକାରଣ ଉପାଦାନ ରହିଛି। ଯାହାକି ଆମ ଶରୀରର ଅଙ୍ଗକୁ କ୍ଷତି ପହଞ୍ଚାଇବା ସହ ନଷ୍ଟ କରିଦେବ। ସେହିଭଳି ୨୧ଟି ସାମଗ୍ରୀରେ କାଡମିୟମ ଭଳି ଭାରୀ ଧାତୁ ରହିଛି। ଏହାକୁ ସେବନ କିମ୍ବା ଆଘ୍ରାଣ କରିବା ଫଳରେ ଘାତକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ। ଏହାର ଦୀର୍ଘକାଳୀନ ବ୍ୟବହାର କରିବା ଦ୍ୱାରା କିଡ୍ନୀ ନଷ୍ଟ ହେବା ସହ ଶରୀର ଅସ୍ଥି କ୍ଷତିଗ୍ରସ୍ତ ହେବା, ଶ୍ୱାସପ୍ରଶ୍ୱାସ ସମସ୍ୟା ଉପୁଜିବା ଓ ହୃଦ୍ରୋଗ ଭଳି ସମସ୍ୟା ଦେଖାଦେବାର ସମ୍ଭାବନା ମଧ୍ୟ ରହିଛି। ଅଧିକ ଦିନ ଧରି କାଡମିୟମ ମିଶ୍ରିତ ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ଦ୍ୱାରା କ୍ୟାନସର ରୋଗ ବିଶେଷକରି ଫୁସଫୁସ କର୍କଟ ହେବାର ଆଶଙ୍କା ରହିଛି। ୫୯ଟି ଖାଦ୍ୟ ସାମଗ୍ରୀରେ



କାର୍ସିନୋଜେନିକ ଭଳି କୀଟନାଶକ ରହିଛି,ଯାହାକି କ୍ୟାନସର ସୃଷ୍ଟିକାରୀ ଉପାଦାନ ଭାବେ ପରିଚିତ। ଚାଉଳ, ଜଡିବୁଟି ଓ ମସଲା ଭଳି ସାମଗ୍ରୀରେ ରାସାୟନିକ ଉପାଦାନ ଟ୍ରାଇସାଇକ୍ଲାଜୋଲ ରହିଛି। ଏଥିରେ କାର୍ସିନୋଜେନିକ ଓ ଜେନୋଟକ୍ସିକ ଉପାଦାନ ଥିବା କାରଣରୁ ୟୁରୋପୀୟ ୟୁନିଅନ ଏହାକୁ ପୂର୍ବରୁ ନିଷେଧ କରିସାରିଛି। ସେହିଭଳି ୫୨ରୁ ଅଧିକ ଖାଦ୍ୟ ସାମଗ୍ରୀରେ ଏକରୁ ଅଧିକ କୀଟନାଶକ ଓ କବକନାଶୀ ରହିଛି। କେତେକ ସାମଗ୍ରୀରେ ୫ରୁ ଅଧିକ ଏଭଳି ଉପାଦାନ ରହିଥିବା ମଧ୍ୟ ଜଣାପଡିଛି। ସେହିଭଳି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ୨୦ଟି ଖାଦ୍ୟ ସାମଗ୍ରୀରେ ୨-କ୍ଲୋରୋଇଥାନଲ୍ର ସନ୍ଧାନ ମିଳିଛି, ଯାହାକି ଏଥିଲିନ ଅକ୍ସାଇଡର ଏକ ବିଷାକ୍ତ ଉତ୍ପାଦ। ଓକ୍ରାଟକ୍ସିନ-ଏ ନାମକ ଏକ ପ୍ରକାର ନିଷିଦ୍ଧ ଘୋଷିତ ମାଇକୋଟକ୍ସିନ ଲଙ୍କା, କଫି ଓ ଚାଉଳ ସହିତ ୧୦ଟି ଖାଦ୍ୟ ସାମଗ୍ରୀରେ ରହିଛି। ସତାବରି, ଅଶ୍ୱଗନ୍ଧା, ତିଳ ମଞ୍ଜି ବ୍ୟତୀତ ଆହୁରି ୧୦୦ରୁ ଅଧିକ ସାମଗ୍ରୀରେ ସାଲମୋନେଲା ନାମକ ଏକ ପ୍ରକାର କ୍ଷତିକାରକ ଉପାଦାନ ରହିଛିଫ ବାଦାମ ଦାନା ଓ ଅଖରୋଟ କ୍ରାକରରେ ଆଫ୍ଲାଟକ୍ସିନ୍ସ ନାମକ ଏକ ବିଷାକ୍ତ କାର୍ସିନୋଜେନ ଓ ନ୍ୟୁଟାଜେନ ରହିଛି ଯାହାକି ଲିଭରକୁ କ୍ଷତି ପହଞ୍ଚାଇବା ସହ କ୍ୟାନସର ମଧ୍ୟ ସୃଷ୍ଟି କରିବଫ ସେହିଭଳି ଚାଉଳ ଗୁଣ୍ଡ ଓ ଧନିଆ ଗୁଣ୍ଡରେ କ୍ଲୋରୋପାଇରିଫସ ନାମକ ବିଷାକ୍ତ ଉପାଦାନ ରହିଛି। ଏହା ଏକ ପ୍ରକାର କୀଟନାଶକ, ଯାହାକି ପତ୍ର ଓ ମାଟିରେ ସୃଷ୍ଟି ହେଉଥିବା କେତେକ କୀଟଙ୍କୁ ମାରିବା ଲାଗି ପ୍ରୟୋଗ କରାଯାଇଥାଏଫ ଏହାର ବ୍ୟବହାର ଫଳରେ ସ୍ନାୟବିକ ସମସ୍ୟା ଓ ଶ୍ୱାସପ୍ରଶ୍ୱାସ ଜନିତ ସମସ୍ୟା ବିଶେଷକରି ପିଲାଙ୍କଠାରେ ଦେଖାଦେଇଥାଏ ବୋଲି ରିପୋର୍ଟରେ କୁହାଯାଇଛି।

# ଓଡିଶାର ଐତିହ୍ୟକୁ ସୁରକ୍ଷା ଦେବାରେ ବିଫଳ ବିଜେଡି ସରକାର : ହେମା ମାଳିନୀ



**ଭୁବନେଶ୍ୱର :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ଦେଶବାସୀ ଖୁସି। ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସାରା ଦେଶରେ ବିକାଶ ହେଉଛି। ପୂରା ଭାରତର ନୂଆ ନିର୍ମାଣ ହେଉଛି। ଦେଶର ଏମିତି ବିକଶ ଦେଖି ବିଶ୍ୱ ବି ଚକିତ। ଗରିବ, ମହିଳା, ଦଳିତଙ୍କ ପାଇଁ ମୋଦି ଅନେକ ଯୋଜନା କରିଛନ୍ତି। ଓଡ଼ିଶାରେ ଏଥର ବିଜେପି ସରକାର କରିବ। ରାଜ୍ୟର ୨୫ବର୍ଷ ସରକାର ପରିବର୍ତନ ହେବାର ସମୟ ଆସିଛି। ଓଡ଼ିଶାରେ ବର୍ତମାନ ସୁଦ୍ଧା କୌଣସି ବିକାଶ ହୋଇନି। ଓଡିଶାର ବିକାଶ ପାଇଁ ମୋଦି ସରକାର ଗତ ୧୦ ବର୍ଷରେ ୧୮ଲକ୍ଷ କୋଟି ଟଙ୍କା ଓଡିଶାକୁ ଦେଇଛନ୍ତି । ରାଜ୍ୟରେ ବିକାଶର ବାଧକ ସାଜିଛି ବିଜେଡି ସରକାର । ଓଡ଼ିଶାର ବିକାଶ ପାଇଁ ବିଜେପି ସରକାର ଆବଶ୍ୟକ ଅଛି। ଏଠାରେ ପୂର୍ବରୁ କଂଗ୍ରେସର ସରକାର ଥିଲା। ତା'ପରେ ୨୫ବର୍ଷ ଧରି ବିଜେଡି ଶାସନ କରୁଛି। ଓଡ଼ିଶା ଏବେ କେଉଁ ସ୍ଥିତିରେ ଅଛି। ଭ୍ରଷ୍ଟାଚାର ବଢୁଛି, ବେରୋଜଗାର ବଢୁଛି। ଓଡ଼ିଶାରେ ସାଂସ୍କୃତିକ ସ୍ଥାନ, ପ୍ରାକୃତିକ ଉପାଦାନ ରହିଛି। ବିଜେଡି ଦୀର୍ଘଦିନ ସରକାର ରହି ମଧ ପର୍ଯ୍ୟଟନର ବିକାଶ କରିନାହିଁ। ପର୍ଯ୍ୟଟନ ପ୍ରତି ବିଜେଡି ସରକାରର ଧ୍ୟାନ ନାହିଁ ବୋଲି ସାଂସଦ ଶ୍ରୀମତୀ ହେମାମାଳିନୀ କହିଛନ୍ତି । ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳି ସାଲିଆ ସାହିର ଜନସଭାକୁ ସମ୍ବୋଧିତ କରି ଭଗବାନ ଶ୍ରୀକୃଷ୍ଣନଗର ମଥୁରା ସାଂସଦ ତଥା ଅଭିନେତା ହେମା ମାଳିନୀ ରାଧେ ରାଧେ କହି ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି। ମୁଁ ଓଡ଼ିଶାକୁ ୨୦୧୯ରୁ ଆସୁଛି। ଓଡ଼ିଶାର କଳା, ସଂସ୍କୃତିରେ ମୁଁ ପ୍ରଭାବିତ। ଓଡ଼ିଶାର ନୃତ୍ୟଗୁରୁଙ୍କ ସହ ମୋର ସାକ୍ଷାତ ହୋଇଛି। ନିର୍ବାଚନ ବେଳେ କେଳୁଚରଣ ମହାପାତ୍ରଙ୍କ କଥାକୁ ମଧ ସ୍ମରଣ କରିଛନ୍ତି। ମୁଁ ନିର୍ବାଚନ ପ୍ରଚାର ପାଇଁ ଓଡିଶା ଆସିଛି। ଓଡିଶାର କଳା, ସଂସ୍କୃତି, ଐତିହ୍ୟ, ଭାସ୍କର୍ଯ୍ୟର ସଠିକ ପ୍ରଚାର କରିବାରେ ବିଜେଡି ସରକାର ବିଫଳ ହୋଇଛି । ଓଡିଶାରେ ବିଜେପି ସରକାର ହେବ, ଓଡ଼ିଶାର ଲୋକେ ବିକାଶର ସ୍ୱାଦ ଚାଖିବେ ବୋଲି ହେମା ମାଳିନୀ କହିଛନ୍ତି। ଶ୍ରୀମତୀ ହେମାମାଳିନୀ କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶୋରନଗର ଏବଂ ପୁରୀ ଲୋକସଭା ଅନ୍ତର୍ଗତ ପିପିଲିଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିଥିଲେ। ଏହି ଜନସଭାରେ ସାଂସଦ ଅପରାଜିତା ଷଡଙ୍ଗୀ, ପୁରୀ ସାଂସଦ ପ୍ରାର୍ଥୀ ଡା.ସମ୍ବିତ ପାତ୍ର, ଉତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର, ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରୀତ ପଟ୍ଟନାୟକ, କଟକ ସଦର ବିଧାୟକ ପ୍ରାର୍ଥୀ ପ୍ରକାଶ ସେଠୀ ପ୍ରମୁଖଙ୍କ ସମେତ ଅନେକ ନେତା ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ବିଜେଇଏମ୍ ସ୍କୁଲ-୨ରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ




**ଭୁବନେଶ୍ୱର :** ସ୍ମାର୍ଟ ସିଟି ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁରସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ-୨ ପକ୍ଷରୁ ଗ୍ରୀଷ୍ମକାଳୀନ ଶିବିର – ୨୦୨୪ ଗତ ୦୭ ତାରିଖରେ ଉଦ୍‌ଘାଟିତ ହୋଇଯାଇଛି। ୮ ଦିନ ବ୍ୟାପି ଅୟୋଜିତ ଶିବିରରେ ୩ୟ ଶ୍ରେଣୀ ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଥିରେ ସଂଗୀତ, ନୃତ୍ୟ, ଚିତ୍ରକଳା, ହସ୍ତକଳା , ପଟ୍ଟଚିତ୍ର, କ୍ରୀଡା, ଯୋଗ ଇତ୍ୟାଦି କ୍ଷେତ୍ରରେ ସହଜ ଓ ସରଳ ଉପାୟରେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିଥିଲେ। ଏଥିସହ ଭାରତ ସରକାରଙ୍କ ନୀତି ଆୟୋଗର ସହଭାଗିତାରେ କାରଖାନା ତରଫରୁ ଛାତ୍ରଛାତ୍ରୀମାନଙ୍କ ବୈଷୟିକ ଜ୍ଞାନକୌଶଳ ଉନ୍ନତି ପାଇଁ ସମର ଇନୋଭେସନ କ୍ୟାମ୍ପ ମଧ୍ୟ ବିଦ୍ୟାଳୟର ପରିସରରେ ଅନୁଷ୍ଠିତ ହୋଉଯାଇଅଛି। ଶିବିରର ଷଷ୍ଠ ଦିନରେ ପିଲାମାନେ ୱାଟର ପାର୍କକୁ ଯାଇ ତାର ଭରପୁର ମଜା ନେଇଥିଲେ। ଏହି ଶିବିରର ଉଦ୍‌ଘାଟନୀ ଦିବସରେ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର, ପରିଚାଳକ ପ୍ରତାପ କୁମାର ଜେନା, ସହପରିଚାଳକ ସଂଗ୍ରାମ କେଶରୀ ନାୟକ ଯୋଗଦେଇ ଗ୍ରୀଷ୍ମକାଳୀନ ଶିବିରର ଗୁରୁତ୍ୱ ଓ ଉପାଦେୟତା ବିଷୟରେ ନିଜ ନିଜର ମତ ରଖିଥିଲେ। ଶିବିରର ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ରଘୁନାଥ ମିଶ୍ର ଏବଂ ପରିଚାଳନା କମିଟିର ସଦସ୍ୟ ଧ୍ରୁବ ଚରଣ ମିଶ୍ର ଯୋଗ ଦେଇ ଶିବିରାର୍ଥିମାନଙ୍କୁ ଆଶୀର୍ବଚନୀ ପ୍ରଦାନ କରିଥିଲେ। ଅଧକ୍ଷା ଅଳକା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ସ୍ଥଳେ, ଉପାଧକ୍ଷ ଡ଼ଃ ମନୋରଞ୍ଜନ ବେଜ୍ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରର ଉଦ୍‌ଯାପନୀ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା, ହସ୍ତକଳା, ଓ ପଟ୍ଟଚିତ୍ରକୁ ନେଇ ଏକ ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଶିବିର ବିଦ୍ୟାଳୟର ଅଧକ୍ଷା ଅଳକା ମହାନ୍ତି, ଉପାଧକ୍ଷ ଡ଼ଃ ମନୋରଞ୍ଜନ ବେଜ୍ ଏବଂ ପ୍ରଶାସନିକ ପ୍ରର୍ଯ୍ୟବେକ୍ଷିକାମାନଙ୍କର ସଂଯୋଜନାରେ ଚିତ୍ରକଳା, ସଂଗୀତ, ନୃତ୍ୟ ଓ କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନା କରିଥିଲେ।

# ବିଜେଡିର ମାଗଣା ବିଜୁଳି ପ୍ରତିଶ୍ରୁତି ମିଛ: ସମୀର




**ଭୁବନେଶ୍ୱର :** ଶାସକ ବିଜେଡି ସମ୍ପୂର୍ଣ୍ଣଭାବେ ମିଛ କହି ଓଡ଼ିଶାବାସୀଙ୍କୁ ଭ୍ରମିତ କରୁଛି। ବିଜେଡି ଓଡ଼ିଶାର ସମସ୍ତ ପରିବାରକୁ ସମ୍ପୂର୍ଣ୍ଣ ମାଗଣା ବିଦ୍ୟୁତ ଯୋଗାଇଦେବା ପାଇଁ ଇସ୍ତାହାର ପତ୍ରରେ ପ୍ରକାଶ କରିଛି। କିନ୍ତୁ ଅପରପକ୍ଷେ ବିଜୁ ଜନତା ଦଳ ନେତା ତଥା ଗୁମାସ୍ତା ଜନସଭା ଓ ବିଜ୍ଞାପନ ମାଧ୍ୟମରେ ପ୍ରଚାର ପ୍ରସାର କରୁଛନ୍ତି ଯେ, ଆସନ୍ତା ଜୁଲାଇ ମାସରୁ ଓଡିଶାର ବିଦ୍ୟୁତ ଉପଭୋକ୍ତାଙ୍କୁ ୧୦୦ୟୁନିଟ୍ ମାଗଣା ଦିଆଯିବ। ଏହାର ଅର୍ଥ ବିଜେଡି ଇସ୍ତାହାର ପତ୍ର ସମ୍ପୂର୍ଣ୍ଣ ମିଥ୍ୟା ପ୍ରହେଳିକା ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ସମୀର ମହାନ୍ତି କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି କହିଛନ୍ତି ଯେ, ଦୀର୍ଘ ୨୫ବର୍ଷ ଓଡ଼ିଶାବାସୀଙ୍କୁ ଶାସନ କରିବା ପରେ ପୁଣି ନିର୍ବାଚନ ସମୟରେ ମିଛ କହି ଭ୍ରମିତ କରୁଛନ୍ତି ବିଜେଡିର ଆମଦାନୀ ନେତା ତଥା ଗୁମାସ୍ତା। ଓଡ଼ିଆ ଲୋକଙ୍କୁ ବିଜେଡି ନଭଣ୍ଡାଉ। ଓଡ଼ିଶାରେ ପ୍ରାୟ ୯୬ଲକ୍ଷ ପରିବାର ବିଦ୍ୟୁତ୍ ଉପଭୋକ୍ତା ଅଛନ୍ତି। ବିଜେଡି କେତେ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଦେବ ତାହାର ସ୍ପଷ୍ଟ କରୁ। ପ୍ରଥମେ ବିଜୁଳି ବିଲ୍ ଆସିବନି ବୋଲି କହୁଥିଲେ, ପୁଣି ଏବେ ୧୦୦ୟୁନିଟ୍ ମାଗଣା କଥା କହୁଛନ୍ତି କାହିଁକି ? ଓଡ଼ିଆ ଲୋକଙ୍କୁ ନଭୂଡେଇ, ପ୍ରତାରଣା ତଥା ନଭଣ୍ଡେଇ ବିଜେଡିର ମୁଖିଆ ସତ କ'ଣ ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ନିର୍ବାଚନ ପରିପ୍ରେକ୍ଷିରେ ବିଜେପିର ସଂକଳ୍ପପତ୍ର ପ୍ରକାଶ ପାଇଛି। ସଂକଳ୍ପପତ୍ରରେ ଆମେ ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ "ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା"ରେ ମାଗଣାରେ ବିଦ୍ୟୁତ୍ ଦେବାର ସଂକଳ୍ପ କରିଛୁ। ଅପରପକ୍ଷେ କିଛିଦିନ ତଳେ ବିଜେଡି ମେନିଫେଷ୍ଟୋ ପ୍ରକାଶ କରିଛି। ବିଜେଡି ୨୫ବର୍ଷ ଶାସନ କରିବା ପରେ ଏକ ମିଛ ମେନିଫେଷ୍ଟୋରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ କଥା ମନେ ପକାଇଛି। ବିଦ୍ୟୁତ୍ ସେବା ରାଜ୍ୟ ଅର୍ଥନୀତି ପ୍ରଗତିର ସାରଥୀ। କିନ୍ତୁ ସମ୍ବେଦନଶୀଳ ବିଜୁଳି ଘଟଣାର ସ୍ପଷ୍ଟୀକରଣ ବିଜେଡି ପାଖରେ ନାହିଁ। ଓଡ଼ିଶାରେ ବିଦ୍ୟୁତ ଦରର ଜାତୀୟ ହାର ଠାରୁ ପ୍ରାୟ ୯୦ପଇସା ୟୁନିଟ୍ ପିଛା ଅଧିକ। ଓଡ଼ିଶାର ବିଦ୍ୟୁତ ଉପଭୋକ୍ତା ହାରାହାରି ୟୁନିଟ୍ ପିଛା ୫ଟଙ୍କା ୯୦ ପିଇସା କିଣୁଛି ଯାହା ଅନ୍ୟ ରାଜ୍ୟ ତୁଳନାରେ ଢ଼େର ଅଧିକ। ଭାରତ ବର୍ଷରେ ୨୭ଟି ରାଜ୍ୟ ସେମାନଙ୍କ ଉପଭୋକ୍ତାଙ୍କୁ ମାଗଣା ବିଦ୍ୟୁତ ଯୋଗାଇ ଦେଉଛନ୍ତି କିମ୍ବା ସବ୍‌ସିଡି ମଧ ଦେଉଛନ୍ତି। ଓଡ଼ିଶା ଏକମାତ୍ର ରାଜ୍ୟ ସେ ପକ୍ରିୟା ଭିତରକୁ ୨୫ବର୍ଷ ହେଲା ସାମିଲ ହୋଇନାହିଁ। ୧୯୯୫ ମସିହାରୁ ବିଦ୍ୟୁତ ସଂସ୍କାର କରିଛି ବୋଲି ବିଜେଡି ଡିଣ୍ଡିମ ପିଟୁଛି। ଓଡ଼ିଶାରେ କୋଇଲା ପ୍ରଚୁର ମାତ୍ରାରେ ଥିବା ସତ୍ତ୍ୱେ ଓଡ଼ିଶାର ଲୋକ ତାମିଲନାଡୁ ଅପେକ୍ଷା ଅଧିକ ମୂଲ୍ୟରେ ବିଜୁଳି କିଣୁଛି। ତାମିଲନାଡୁକୁ ୨ଟଙ୍କା ୫୩ପଇସାରେ ବିଦ୍ୟୁତ ଦିଆଯାଉଛି। ଓଡ଼ିଶାରେ ବିଦ୍ୟୁତ ବିତରକ କମ୍ପାନୀ ୨ଟଙ୍କା ୮୩ପଇସାରେ କିଣୁଛନ୍ତି। ରାଜ୍ୟ ସ୍ୱାର୍ଥକୁ ଅଣଦେଖା କରି ୨୫ବର୍ଷ ପାଇଁ ଏନଏନସିଏଲଆଇର ୩୨୦୦ ମେଗାୱାଟ ତଲାବିରା ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ତାମିଲନାଡୁ ସରକାରଙ୍କୁ ସମର୍ପଣ କରିଦେଇଛନ୍ତି ରାଜ୍ୟ ସରକାର। ଏଥିରେ ସିଧାସଳଖ ଭାବେ ରାଜ୍ୟର ରାଜସ୍ୱ ୫୦ହଜାର କୋଟି ଟଙ୍କା କ୍ଷତି ସହିବ, ଏହା କାହା ସ୍ୱାର୍ଥରେ ବୋଲି ନବୀନ ବାବୁ ସ୍ପଷ୍ଟୀକରଣ ଦିଅନ୍ତୁ। ଦୀର୍ଘ ୨୫ବର୍ଷ ଧରି ରାଜ୍ୟର ବିଜୁଳି ଉପଭୋକ୍ତାମାନଙ୍କୁ ବିଜେଡି ଅଣଦେଖା କରିଥିଲା। ନିର୍ବାଚନ ଆସିବାରୁ ନବୀନ ବାବୁ ମିଥ୍ୟା ବିଜୁଳିର ପ୍ରଲୋଭନ ଦେଖାଇ ଭୋଟ ହାତେଇବାର ଅପଚେଷ୍ଟା କରିଛନ୍ତି। ଏବେ ପୁଣି ଲୋକଙ୍କୁ ଭ୍ରମିତ କରିବା ପାଇଁ ୧୦୦ୟୁନିଟ୍ କଥା କହି ଲୋକଙ୍କୁ ଭୂଆଁ ବୁଲାଉଛନ୍ତି। ବିଗତ ଦିନମାନଙ୍କରେ ପିଠା, କାଳିଆ ଯୋଜନା ଭଳି ମାଗଣା ବିଦ୍ୟୁତ କଥା କହି ଭ୍ରମିତ କରିବା ସହ ବୋକା ବନାଇବାକୁ ଚେଷ୍ଟା କରୁଛି ବିଜେଡି। ଯାହାକୁ ବିଜେପି ନିନ୍ଦା କରୁଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ଅନିଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ରୁ ଦଧିମାଛ ଗାଡିଆରେ ବିଶ୍ୱଶାନ୍ତି ମହାଯଜ୍ଞ



**ଖୋର୍ଦ୍ଧା :** ଦାରୁକ୍ଷେତ୍ର ଦଧିମାଛ ଗାଡିଆରେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଶ୍ରୀଜଗନ୍ନାଥ ଚେତନାର ଅଭିବୃଦ୍ଧି ନିମନ୍ତେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ ସମିତି ପକ୍ଷରୁ ଜଣାପଡିଛି। ୧୯ ତାରିଖରେ ଶୁଭାଧିବାସ, ୨୦ରେ କଳସଯାତ୍ରା ଓ ଯଜ୍ଞ ଆରମ୍ଭ କରାଯିବ। ଉକ୍ତ ଦିନ ଶ୍ରୀ ରାମଚରିତ ମାନସ ପାରାୟଣର ଶୁଭାରମ୍ଭ ହେବା ସହ ଭଜନ, କୀର୍ତ୍ତନ ହେବାର କାର୍ଯ୍ୟକ୍ରମ ରହିଛି। ପାରାୟଣରେ ସ୍ୱାମୀ ସନ୍ଥ ଠାକୁର ଅନନ୍ତରାମ ଦାସଜୀ ମହାରାଜ, ମହନ୍ତ ଶ୍ରୀ ସନ୍ତ ଦାସଜୀ ମହାରାଜ, ସନ୍ଥ ଲାଲବାବା, ସନ୍ଥ ଶ୍ରୀ ସୀତାରାମ ଦାସଜୀ ମହାରାଜ, ବାବାଜୀ ଚୈତନ୍ୟ ଦାସ ମହାରାଜ, ପଣ୍ଡିତ ମହାଦେବ ରଥ ପ୍ରମୁଖ ଯୋଗ ଦେବେ। ୨୨ ତାରିଖ ବିଶ୍ୱଶାନ୍ତି ମହାଯଜ୍ଞର ଅନ୍ତିମ ଦିବସ ଏବଂ ଏଥିରେ ହାଇକୋର୍ଟର ବରିଷ୍ଠ ବିଚାରପତି ପୂର୍ଣ୍ଣାହୂତି ପ୍ରଦାନ କରିବେ।

## ନଦୀ କୂଳରେ ଗାଁ; ସ୍ୱପ୍ନ ପାଲଟିଛି ପିଇବା ପାଣି



**ବୌଦ୍ଧ :** ବୌଦ୍ଧଜିଲ୍ଲା ମହାନଦୀ କୂଳରେ ଗଢି ଉଠିଥିବା ବେଳେ ଜିଲ୍ଲାଦେଇ ସାଲୁଙ୍କି, ବାଘନଦୀ, ତେଲନଦୀ ଭଳି ଅନେକ ନଦୀ ପ୍ରବାହିତ ହେଉଛି। ଜିଲ୍ଲାରେ ଜଳ ସଂପଦ ରହି ଥିଲେ ମଧ ଜିଲ୍ଲାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଜିଲ୍ଲାର ଅନେକ ସ୍ଥାନରେ ଜଳକଷ୍ଟ ଅନୁଭୂତ ହେଉଛି। ଗୋଟିଏ ପଟେ ମହାନଦୀ ଓ ଅନ୍ୟ ନଦୀ ଗୁଡିକ ଶୁଖିଲା ପଡିଥିବା ବେଳେ ଅନ୍ୟପଟେ ଜିଲ୍ଲାରେ ଅନେକ ସ୍ଥାନରେ ପାନୀୟ ଜଳ ପ୍ରକଳ୍ପ ଗୁଡିକ ଅଚଳ ହୋଇପଡିଛି। ଯାହା ଫଳରେ ଜନସାଧାରଣ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାଦିନ ଆସିଲେ ପାଣି ପାଇଁ ଲୋକଙ୍କୁ ଚିନ୍ତା ମାଡି ଆସେ। ଏଭଳି ଏକ ସ୍ଥିତି ଏବେ ବୌଦ୍ଧ ସଦର ମହକୁମାକୁ ଲାଗି ରହିଥିବା ହରଭଙ୍ଗା ବ୍ଲକର ସରସରା ପଞ୍ଚାୟତର ବଘାରପାଲି ଗ୍ରାମରେ ଦେଖିବାକୁ ମିଳିଛି। ଏହି ଗ୍ରାମ ମହାନଦୀ କୂଳରେ ଜଗନ୍ନାଥ ସଡକ ପାର୍ଶ୍ୱରେ ଅବସ୍ଥିତ। ହେଲେ ଏହି ଗ୍ରାମବାସୀ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବଘାରପାଲି ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ ବିଛା ଯାଇଥିଲେ ମଧ ଗ୍ରାମବାସୀ ପାନୀୟ ଜଳ ପାଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଇପ ବିଛା ଯାଇଥିଲେ ମଧ ପାଇପ ବିଛାରେ ହିଁ ସୀମିତ ହୋଇ ରହି ଯାଇଛି। ପିଇବା ପାଣି ପାଇବା ଏମାନଙ୍କ ପାଇଁ ଏବେ ସ୍ୱପ୍ନ ପାଲଟି ଯାଇଛି। ଏହି ଗ୍ରାମକୁ ଜଳ ଯୋଗାଣ ପାଇଁ ବଙ୍କାପଡା ଗ୍ରାମ ନିକଟରେ ୪୦ ହଜାର ବିଶିଷ୍ଟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କରା ଯାଇଥିଲେ ମଧ ବଡବଙ୍କାପଡା ଓ ସାନବଙ୍କାପଡା ଗ୍ରାମବାସୀ ପାଣି ପାଉଥିବା ବେଳେ ବଘାରପାଲି ଗ୍ରାମବାସୀ ପାଣି ପାଇବା ପାଇଁ ବଞ୍ଚିତ ହୋଇଛନ୍ତି। ଗ୍ରାମରେ ତିନିଶହରୁ ଉର୍ଦ୍ଧ୍ୱର୍ ଲୋକ ବାସ କରୁଛନ୍ତି। ମହାନଦୀ ଶୁଖି ଯାଇଥିବାରୁ ଏହି ଗ୍ରାମବାସୀମାନେ ପାଣି ପାଇଁ ପ୍ରାୟ ଏକ କିଲୋମିଟର ଦୂର ମହାନଦୀକୁ ଯିବାକୁ ପଡୁଛି ତ ଆଉ କିଏ କାହା ବାଡିରେ କୂଅକୁ ଯାଇ ଲୋକମାନେ ପାଣି ଆଣି ବ୍ୟବହାର କରୁଛନ୍ତି। ଅନେକ କୂଅ ପାଣି ଖାରିଆ ରହୁଥିବାରୁ ସେଥିରେ ଭାତ ଓ ଡାଲି ରାନ୍ଧିଲେ ତାହା ଠିକ ଭାବରେ ସିଝୁ ନ ଥିବାରୁ ବାଧ ହୋଇନଦୀ ପାଣି ଉପରେ ନିର୍ଭର କରିବାକୁ ପଡୁଛି। ପ୍ରତିବର୍ଷ ଗ୍ରୀଷ୍ମ ଆରମ୍ଭରୁ ପ୍ରଶାସନ ପକ୍ଷରୁ ଜିଲ୍ଲାରେ ଜଳ ସଙ୍କଟ ନେଇ ଆଲୋଚନା ହୋଇଥାଏ। ଜଳ ସଂଙ୍କଟର ସମାଧାନ ପାଇଁ ବିହିତ ପଦକ୍ଷେପ ନିଆଯିବାକୁ ବୈଠକରେ ନିଷ୍ପତି ହୋଇଥଏ। ହେଲେ ବୈଠକ ଯାହା ନିଷ୍ପତି ହୋଇଥାଏ ତାହା କାର୍ଯ୍ୟକାରୀ ହେଉନଥିବାର ଅଭିଯୋଗ ହେଉଛି। ପ୍ରଶାସନ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜଳ ଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## 'ଭାରତକୁ ବିକଶିତ କରିବାକୁ ପଡ଼ିବ'




**ଭୁବନେଶ୍ୱର :** ଦେଶର ଅର୍ଥନୀତି ଏହାର ଶିକ୍ଷା ସହ ସିଧାସଳଖ ଜଡ଼ିତ। ଭାରତର ରାଜନୈତିକ ଦଳଗୁଡ଼ିକ ଶିକ୍ଷା କ୍ଷେତ୍ରକୁ ଗମ୍ଭୀରତାର ସହ ନେବା ଉଚିତ। ଭେଲୋର ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର କୁଳାଧିପତି ଜି. ବିଶ୍ୱନାଥନ ଏପରି କହିଛନ୍ତି। ସେ କହିଛନ୍ତି, ୨୦୪୭ ସୁଦ୍ଧା ଜିଡିପିର ୬% ଖର୍ଚ୍ଚକରି ଭାରତକୁ ବିକଶିତ କରିବାକୁ ପଡ଼ିବ। ୨୦୨୩ରେ ଭାରତର ମୁଣ୍ଡ ପିଛା ଆୟ ୨,୬୦୦ ଡଲାର ରହିଛି। ଶିକ୍ଷାକ୍ଷେତ୍ରରେ ଆଗୁଆ ରାଜ୍ୟ ଦକ୍ଷିଣ ଭାରତୀୟ କିମ୍ବା ପାଶ୍ଚାତ୍ୟ ଭାରତର ରାଜ୍ୟଗୁଡ଼ିକରେ ଏହି ହାର ଜାତୀୟ ହାରଠାରୁ ଅଧିକ ରହିଛି। ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକରେ ଏହା ୩,୫୦୦ରୁ ୪,୦୦୦ ଡଲାର ମଧ୍ୟରେ ରହିଛି। କେରଳ ପ୍ରଥମ ସ୍ଥାନରେ ରହିଥିବାବେଳେ ତେଲଙ୍ଗାନା ଦ୍ୱିତୀୟ ସ୍ଥାନ ଏବଂ ତାମିଲନାଡୁ ତୃତୀୟ ସ୍ଥାନରେ ରହିଛି। ଏହି ରାଜ୍ୟଗୁଡ଼ିକରେ ମୁଣ୍ଡ ପିଛା ଆୟ ପ୍ରାୟ ୪୦୦୦ ଡଲାର ରହିଛି। ମାତ୍ର ଶିକ୍ଷା କ୍ଷେତ୍ରରେ ପଛରେ ରହିବା କାରଣରୁ ବିହାର ଏବଂ ଉତ୍ତର ପ୍ରଦେଶ ଆଦି ରାଜ୍ୟରେ ମୁଣ୍ଡ ପିଛା ଆୟ ୧୦୦୦ ଡଲାରରୁ କମ୍ ରହିଛି। ଲୋକମାନେ ଏହା ବିଷୟରେ ଅବଗତ ନାହାନ୍ତି। ଲୋକଙ୍କୁ ଏହା ବିଷୟରେ ଶିକ୍ଷା ଦେବାର ଆବଶ୍ୟକତା ରହିଥିବାବେଳେ ରାଜନୈତିକ ଦଳ ଏନେଇ କୌଣସି ପଦକ୍ଷେପ ନିଅନ୍ତି ନାହିଁ ବୋଲି ସ୍ୱାମୀନାଥନ କହିଛନ୍ତି।

# ରୂପାନ୍ତରିକରଣ ଅପେକ୍ଷାରେ ଉପେକ୍ଷିତ ଶତାୟୁ ବିଦ୍ୟାଳୟ



**ରେଙ୍ଗାଲି :** ଶିକ୍ଷାନୁଷ୍ଠାନଗୁଡିକର ମୌଳିକ ଭିତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ କରୁଛନ୍ତି ରୂପାନ୍ତରିକରଣ ଯୋଜନା। ଏହି ସ୍ୱତନ୍ତ୍ର ଯୋଜନା ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରାଯାଇ ଅସଂଖ୍ୟ ସ୍କୁଲ କଲେଜର ଭିତିଭୂମି ଚକାଚକ୍ ହୋଇଛି। ତେବେ ବିଡ଼ମ୍ବନାର ବିଷୟ ଯେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକର ଲଇଡାଠାରେ ଥିବା ୧୭୦ ବର୍ଷ ପୁରାତନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସରକାରଙ୍କ ତଥାକଥିତ ବହୁ ଚର୍ଚ୍ଚିତ ରୂପାନ୍ତରିକରଣରୁ କାଣି କଉଡିଟିଏ ବି ମିଳିନାହିଁ। ବ୍ରିଟିଶ ଶାସନ ଅମଳରୁ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଜିଲ୍ଲାର ଅନ୍ୟତମ ପ୍ରାଚୀନ ବିଦ୍ୟାଳୟ। ଅଗଣିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ଆଲୋକ ଦେଖାଇ ସମାଜରେ ପ୍ରତିଷ୍ଠିତ କରାଇଥିବା ଏହି ବିଦ୍ୟାଳୟର ଏକ ସ୍ୱତନ୍ତ୍ର ପରିଚୟ ଏବଂ ପ୍ରସିଦ୍ଧି ରହିଛି। ଗୋଟିଏ ପଟେ ବିଦ୍ୟାଳୟଗୁଡିକର ରୂପାନ୍ତରିକରଣ ଯୋଜନା କାର୍ଯ୍ୟକାରୀ ହେଉଛି। ଅନ୍ୟପଟେ ଶତାୟୁ ବିଦ୍ୟାଳୟଗୁଡିକୁ ଐତିହ୍ୟର ମାନ୍ୟତା ମିଳିବ ବୋଲି ଗତ ଫେବୃଆରୀ ମାସ ୩ ତାରିଖ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ପୂର୍ବରୁ ଜାନୁଆରୀ ୧୯ ତାରିଖ ଦିନ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ ଘୋଷଣା କରିଥିଲେ ମଧ ଏହି ଶତାୟୁ ବିଦ୍ୟାଳୟକୁ ତାହା ଅପହଞ୍ଚ ହୋଇଛି। ସୂଚନାଥାଉ କି, ଏହି ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ସମୟରେ ବିଦ୍ୟାଳୟରେ ଥିବା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଥାପି ସମସ୍ୟା ଅସମାହିତ। ୧୭୦ ବର୍ଷ ପୁରାତନ ବ୍ରିଟିଶ ଶାସନ ଏବଂ ସ୍ୱାଧୀନତା ଆନ୍ଦୋଳନର ମୁକ ସାକ୍ଷୀ ଏବଂ ଐତିହ୍ୟର ଭଣ୍ଡାର ହୋଇଥିବା ଏହି ବିଦ୍ୟାଳୟ ନାନା ବିଧ ମୌଳିକ ସମସ୍ୟାରେ ଜର୍ଜରିତ। ବିଦ୍ୟାଳୟରେ ଥିବା ୧୧ଟି କୋଠରୀ ମଧ୍ୟରୁ ୪ଟି କୋଠରୀ ଦୀର୍ଘ ବର୍ଷ ହେଲା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ପୁନଃ ନିର୍ମାଣକୁ ଅପେକ୍ଷା କରିଛି। ଜରାଜୀର୍ଣ୍ଣ ଥିବା ୪ କୋଠରୀ ଉପରେ ଆଜବେଷ୍ଟସ୍ ଓ ଖପର ଛାଉଣି ରହିଛି। କେତେବେଳେ ଭୁଷୁଡି ଯିବ କିଛି ଠିକ୍ ନାହିଁ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୭ ଜଣ ଛାତ୍ରଛାତ୍ରୀ ଅଛନ୍ତି। ଗତ ୧୦ ମାସ ହେଲା ଛାତ୍ରଛାତ୍ରୀଙ୍କ ଶୌଚାଳୟ ଭାଙ୍ଗି ଯାଇଥିଲେ ବି ଏହାର ମରାମତି ହେଉନାହିଁ କି ନୂତନ ଶୌଚାଳୟ ନିର୍ମାଣ ହେଉନାହିଁ। ସରକାର ସ୍ୱଚ୍ଛ ଭାରତ ଅଭିଯାନରେ ପରିବେଶକୁ ବାହ୍ୟ ମଳମୂତ୍ର ମୁକ୍ତ କରିବାକୁ ଅଭିଯାନ ଚଳାଉଥିବାବେଳେ ଏହି ବିଦ୍ୟାଳୟରେ ଶୌଚାଳୟ ନାହିଁ। ଶୌଚାଳୟ ନିର୍ମାଣ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅସଂଖ୍ୟ ଥର ଦାବି କରାଯାଇଥିଲେ ମଧ ଫଳ ଶୂନ। ସ୍କୁଲର ଗୋଟିଏ ପାର୍ଶ୍ୱ ପାଚେରୀ ଗତ ଅଗଷ୍ଟ ମାସରୁ ଭାଙ୍ଗି ଯାଇଥିଲେ ମଧ ଏହାର ମରାମତି ହେଉନାହିଁ। ସ୍ୱଚ୍ଛ ପାନୀୟ ଜଳ ମଧ ଅପହଞ୍ଚ। ସ୍କୁଲ ପରିସରରେ ଥିବା ଏକମାତ୍ର ନଳକୂପ ଗ୍ରୀଷ୍ମ ଋତୁ ନ ହେଉଣୁ ଶୁଷ୍କ ହୋଇଯାଏ। ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ କେବଳ ବାଳକ ଅଧ୍ୟୟନ କରୁଥିବାବେଳେ ଅଷ୍ଟମ ଶ୍ରେଣୀରେ ବାଳକ ଏବଂ ବାଳିକା ଅଧ୍ୟୟନ କରୁଛନ୍ତି। ବାଳିକାମାନଙ୍କ ପାଇଁ କମନ୍ ରୁମ୍‌ର ଜରୁରୀ ଆବଶ୍ୟକତା ଥିଲେ ମଧ ଏଠାରେ କମନ୍ ରୁମ୍ ନାହିଁ। ବିଦ୍ୟାଳୟରେ ୮ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଠ ପଢ଼ାଇବାକୁ ମାତ୍ର ୪ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଦୁଇଟି ଶ୍ରେଣୀକୁ ଜଣେ ଶିକ୍ଷକ। ଧନ୍ୟ ସେ ଶିକ୍ଷା ନୀତି ବୋଲି ସଚେତନ ନାଗରିକ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏହି ବିଦ୍ୟାଳୟର ବହୁ ବର୍ଷ ପରେ ଖୋଲା ଯାଇଥିବା ଅନେକ ବିଦ୍ୟାଳୟମାନଙ୍କରେ ସ୍ମାର୍ଟ ବୋର୍ଡ ଖଞ୍ଜାଯାଇ ସଂପୃକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଦାନ କରାଯାଉଛି। କିନ୍ତୁ ଏହି ଶତାୟୁ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍ ରୁମ୍ ନାହିଁ କି ସ୍ମାର୍ଟ ବୋର୍ଡ ନାହିଁ। ସରାକାର ଡିଜିଟାଲ୍ ଇଣ୍ଡିଆର ସ୍ଲୋଗାନ୍ ଦେଇ ବିଦ୍ୟାର୍ଥୀମାନଙ୍କୁ ଡିଜିଟାଲ୍ ଜ୍ଞାନ ପ୍ରଦାନ ପାଇଁ ସ୍ମାଟ୍ ବୋର୍ଡ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରିଥିବା ବେଳେ ୧୭୦ ବର୍ଷ ପୁରାତନ ବିଦ୍ୟାଳୟରେ ସ୍ମାର୍ଟ ବୋର୍ଡ ନାହିଁ କି ସ୍ମାର୍ଟ୍ କ୍ଲାସ୍ ରୁମ୍ ନାହିଁ। ଏଭଳି ଅଭାବନୀୟ ପରିବେଶ ପରିସ୍ଥିତିରେ ଚାଲିଛି ଏହି ଶତାୟୁ ଶିକ୍ଷାନୁଷ୍ଠାନ। ବିଦ୍ୟାଳୟ ପ୍ରତି ଏଭଳି ବୈମାତୃକ ମନୋଭାବ କାହିଁକି ବୋଲି ପୁରାତନ ଛାତ୍ରଛାତ୍ରୀ ସଚେତନ ନାଗରିକ ଓ ଶିକ୍ଷାପ୍ରେମୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ପ୍ରାଚୀନ ଐତିହ୍ୟ ରୂପେ ଏହି ବିଦ୍ୟାଳୟକୁ ସଂରକ୍ଷିତ ଏବଂ ସୁରକ୍ଷିତ ରଖାଯିବାର ଅବଶ୍ୟକତା ଥିବାବେଳେ କ୍ରମାଗତ ଉପେକ୍ଷା ଓ ଅବହେଳା କରାଯିବା ଚରମ ବିଡମ୍ବନାର ବିଷୟ। ରୂପାନ୍ତରିକରଣ ଯୋଜନାରୁ ଏହି ବିଦ୍ୟାଳୟକୁ ବଞ୍ଚିତ କରାଯାଇଛି। ଶତାୟୁ ବିଦ୍ୟାଳୟକୁ ଐତିହ୍ୟର ମାନ୍ୟତା ମିଳିବ ବୋଲି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍ କରିଥିବା ଘୋଷଣା ଅନୁସାରେ ଏହି ବିଦ୍ୟାଳୟକୁ ଐତିହ୍ୟର ମାନ୍ୟତା ମିଳିବ ତ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି।



କାହା କଥାରେ ଯଦି କୌଣସି ଭୁଲ୍ କିମ୍ବା ଠିକ୍ ହୋଇଯାଉଥାନ୍ତା, ତେବେ ଦୁନିଆ ସ୍ୱର୍ଗ ପାଲଟି ଯାଇଥାନ୍ତା।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୦ - ୨୬ ମଇ, ୨୦୨୪

# ଭୋଟ ଫଳାଫଳକୁ ଅପେକ୍ଷା

ରାଜ୍ୟରେ ନିର୍ବାଚନୀ ମାହୋଲ ହେତୁ ବିଶେଷ ପରିବେଶ ଦେଖିବାକୁ ମିଳୁଛି। ପ୍ରଥମ ଚରଣ ନିର୍ବାଚନ ପରେ ନିର୍ବାଚନ ପ୍ରଚାର ଜୋରଦାର ହୋଇଛି। ବିଜେପି ପାଇଁ କେନ୍ଦ୍ରରୁ ମାଳ ମାଳ ନେତା ମନ୍ତ୍ରୀ ଓଡିଶା ଆସୁଥିଲା ବେଳେ ବିଜେଡିର ଦୁଇନମ୍ବର ନେତା ଭି କେ ପାଣ୍ଡିଆନ ସମସ୍ତ ଜିଲ୍ଲା ବୁଲି ବୁଲି ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ରୋଡ଼ ସୋ, ସଭା କରି ବିଜେପି ଶାସନରେ କୌଣସି ସୁବିଧା ନଥିବା ଦର୍ଶାଇ ଭୋଟରଙ୍କୁ କେବଳ ବିଜେଡି ଓ ନବୀନଙ୍କ କଲ୍ୟାଣକାରୀ ଯୋଜନା କଥା କହୁଛନ୍ତି। କିଛି କିଛି ସଭାକୁ ବିଜେଡିର ଷ୍ଟାର ପ୍ରଚାରକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଉଛନ୍ତି। ତାଙ୍କର ପଦିକିଆ ଭାଷଣରେ ଜନତାଙ୍କୁ ସମ୍ବୋଧିତ କରୁଛନ୍ତି। ହେଲେ ପାଣ୍ଡିଆନ ଯେତେବେଳେ ଭାଷଣ ଦେଉଛନ୍ତି ସେଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଖୋଲାଖୋଲି ଆହ୍ୱାନ ଦେବା ସହିତ ବିଜେପିକୁ ସମାଲୋଚନା କରିବାକୁ ପଛାଉନାହାନ୍ତି। ସବୁଠୁ ବଡ଼ କଥା ହେଉଛି ବିଜେଡିର ଚାଳିଶ ଜଣିଆ ଷ୍ଟାର ପ୍ରଚାରକ ଘୋଷଣା ହୋଇଥିଲା ବେଳେ ମଞ୍ଚରେ କିମ୍ବା ରୋଡ଼ ସୋ ବେଳେ ପାଣ୍ଡିଆନଙ୍କ ବ୍ୟତୀତ ଆଉ କାହାକୁ ଦେଖିବାକୁ ମିଳୁନାହିଁ। ଯାହା ଜଣାପଡୁଛି, ବିଜେଡିରେ ଆଉ ବରିଷ୍ଠ ନେତାଙ୍କ ଆବଶ୍ୟକତା ନାହିଁ। ସକଳ କ୍ଷମତା ଜଣଙ୍କ ନିକଟରେ କେନ୍ଦ୍ରୀଭୂତ ହୋଇଛି। ନବୀନ ସତେ ଯେମିତି ଆଉ କାହାକୁ ବିଶ୍ୱାସକୁ ନେଉନାହାନ୍ତି। ସେ ଜାଣିସାରିଛନ୍ତି ଶଙ୍ଖ ଚିହ୍ନରେ ଭୋଟ ଅଛି ଓ ଏଥିପାଇଁ ଅଧିକ ଦଳୀୟ ନେତାଙ୍କ ଅବାଶ୍ୟକତା ନାହିଁ। ତେଣୁ ଜଣକୁ କ୍ଷମତା ଦେଇ ଗାଦି ଭୋଗ କରିବା ହୁଏତ ସହଜ। ତେଣୁ ସେହି ଜଣେ ହିଁ ଦଳୀୟ ମଙ୍ଗ ଧରିଲେ ଝାମେଲା କମ, କାମ ଅସୁଲ ହୋଇଯିବ। ଏମିତିରେ ଦେଖିବାକୁ ଗଲେ ବିଜେଡିର କେହି ନେତା ମନ୍ତ୍ରୀ ଦଳର ସୁପ୍ରିମୋଙ୍କୁ ଭେଟିବାକୁ ସୁଯୋଗ ପାଉନାହାନ୍ତି। ଯାହା ବି ଆଲୋଚନା ତାହା ପାଣ୍ଡିଆନ ହିଁ କରୁଛନ୍ତି। ଯଦି କୌଣସି ନେତା ଭାଗ୍ୟ ବଳରେ ନବୀନଙ୍କ ସହିତ ସାକ୍ଷାତ କରୁଛନ୍ତି ତାହା କେବଳ ମୁହଁ ଦେଖିବାରେ ସୀମିତ ରହୁଛି। ମୁଖ୍ୟମନ୍ତ୍ରୀ ବା ଦଳର ସୁପ୍ରିମୋ ହିସାବରେ ତାଙ୍କ ସହ କୌଣସି ନେତା ବା ମନ୍ତ୍ରୀ କିଛି ବି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରୁନଥିବା ଚର୍ଚ୍ଚା ହେଉଛି। ଆଞ୍ଚଳିକ ଦଳ ହୋଇଥିବାରୁ ବିଜେଡିର କୌଣସି କେନ୍ଦ୍ରୀୟ ଟିମ ନାହିଁ, ତେଣୁ ଜଣିକିଆ ନିଷ୍ପତ୍ତିରେ ଦଳ ଚାଲୁଥିବା ନେଇ ଆଲୋଚନା ହୁଏ। ଯାହାର ସୁଯୋଗ ବୋଧେ ପାଉଛନ୍ତି ପାଣ୍ଡିଆନ। ତେଣୁ ଯାହା ବି ଦଳୀୟ ଆଲୋଚନା ତାହା ସେହି ଦୁଇଜଣଙ୍କ ମଧ୍ୟରେ ସୀମିତ ରହୁଛି। କହିବାକୁ ଗଲେ ବିଜେଡିରେ କେହି ନେତା ନାହାନ୍ତି, ଦଳୀୟ କର୍ମୀ ବା ବୋଲକରା ଭାବେ ଅଛନ୍ତି, ଯାହାଙ୍କର କିଛି ନିଷ୍ପତ୍ତି ନେବାର ବା ନିର୍ଣ୍ଣୟ କରିବାର ଅଧିକାର ନାହିଁ। ଯାହା କହିବେ ଜଣେ କହିବେ ଓ ଯାହା କରିବେ ଜଣେ କରିବେ। ବିଜେଡି ଜାଣିଛି ତାଙ୍କର ବୁଥ ସ୍ତରରେ ଜଗିବା ଲୋକ ଅଛନ୍ତି ଯାହା କି ବିରୋଧୀ ଦଳ ନିକଟରେ ନାହିଁ। ତେଣୁ ଦଳୀୟ ନିଷ୍ପତ୍ତି ଖବର ଭାବେ ତାଙ୍କ ନିକଟରେ ପହଞ୍ଚିଗଲେ ଖେଳ ଖତମ। ଅତୀତର ରଣନୀତି ବିଜେଡିକୁ ବାରମ୍ବାର ସଫଳତା ଦେଇଆସୁଥିବା କଥା ସମସ୍ତେ ଜାଣନ୍ତି। ଯଦିଓ ବିରୋଧୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ଯେ, ଏ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ସୁଯୋଗ ଦେଉଛି। ତଥାପି ସରକାର ପରିବର୍ତ୍ତନ ପାଇଁ ଏହା ଯଥେଷ୍ଟ ନୁହେଁ। ହେଲେ ୨୦୨୪ ନିର୍ବାଚନରେ ବିଜେପିର ଆଭିମୁଖ୍ୟ ପୂର୍ବ ଅପେକ୍ଷା ଅଧିକ କଠୋର ଥିବା ଦେଖିବାକୁ ମିଳୁଛି। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ଯଦିଓ ନବୀନଙ୍କୁ ସିଧାସଳଖ ଭ୍ରଷ୍ଟାଚାରୀ କହୁନାହାନ୍ତି ତଥାପି ତାଙ୍କ ସରକାରରେ ଚାଲିଥିବା ବ୍ୟାପକ ଦୁର୍ନୀତି ଓ ଅନିୟମିତତା କଥା ଜନତାଙ୍କୁ କହୁଛନ୍ତି। ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ ପି ନଡ୍ଡା ହୁଅନ୍ତୁ କି ହିମନ୍ତ ବିଶ୍ୱଶର୍ମା ସମସ୍ତେ ଓଡ଼ିଶାରେ ଚାଲିଥିବା ଅରାଜକତା ଓ ବାବୁରାଜ କଥା କହୁଛନ୍ତି। ବାବୁରାଜ ପରିବର୍ତ୍ତନ ପାଇଁ ଓଡ଼ିଶାର ଭୋଟରଙ୍କୁ ବିଜେପି ଆହ୍ୱାନ ଦେଉଛି। ଚଳିତ ଥର ଓଡିଶାରେ ନିର୍ବାଚନୀ ଦୃଶ୍ୟପଟ୍ଟ ଯୁଦ୍ଧ ପରିସ୍ଥିତି ଭଳି। କାରଣ ବିଜେପି-ବିଜେଡି ଏଭଳି ମାରାଥନ ପ୍ରଚାର କରୁଛନ୍ତି ଯାହା ପୂର୍ବରୁ କେବେ ଦେଖାଯାଇନଥିଲା। ବିଜେପି ପକ୍ଷରୁ କେନ୍ଦ୍ରୀୟ ନେତା, ମନ୍ତ୍ରୀ ଏଠାରେ ରୋଡ଼ ଶୋ, ପ୍ରଚାର ଚଳାଇଥିଲା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ସମାନ ନୀତି ଆପଣେଇ ପ୍ରଚାର ଓ ରୋଡ଼ ଶୋ କରୁଛନ୍ତି। ଏହାରି ମଧ୍ୟରେ ରାଜନୈତିକ ହିଂସା କାରଣରୁ ଜଣକର ମୃତ୍ୟୁ ମଧ୍ୟ ଘଟିଛି। ଅନେକ ସ୍ଥାନରେ ବିଜେଡି-ବିଜେପି ମୁହଁମୁହିଁ ସ୍ଥିତିରେ ପହଞ୍ଚି ଯାଉଛନ୍ତି।



ସମ୍ପାଦକୀୟ
ତାରକ ମହାନ୍ତି

ରୋଚକ ସ୍ଥିତିରେ ଏବେ ଓଡ଼ିଶାର ନିର୍ବାଚନ ପ୍ରଚାର। ରାଜ୍ୟରେ ଦୀର୍ଘ ୨୪ ବର୍ଷ ହେଲା ଗୋଟିଏ ସରକାର ଥିବାରୁ ସମ୍ବଲପୁରକୁ ଅବହେଳା କରାଯାଇଥିବା କହିଛନ୍ତି ଧର୍ମେନ୍ଦ୍ର। ଅନ୍ୟପଟେ ବଲାଙ୍ଗିର ସଂସଦୀୟ କ୍ଷେତ୍ରରେ ପ୍ରଚାର କରି ପାଣ୍ଡିଆନ କହିଛନ୍ତି, ବିଜେପିର ମିଛର ସୀମା ରହୁନାହିଁ। ବିରୋଧୀ ନେତା ରାଜନୀତିକୁ ଆସିଛନ୍ତି କ୍ଷମତା ପାଇଁ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେବା ପାଇଁ ଅଛନ୍ତି। ଲୋକସଭା ବାଚସ୍ପତି ଓଁ ବିର୍ଲା ଝାରସୁଗୁଡାରେ ବୁଦ୍ଧିଜୀବୀ ସମାବେଶରେ କହିଛନ୍ତି, ଇଭେଣ୍ଟ କମ୍ପାନୀ ନୁହେଁ, ନେତାଙ୍କୁ ଦେଖି ଭୋଟ ଦିଅନ୍ତୁ। ଯାହା ଜଣାପଡୁଛି, ଏଥର ପରିବର୍ତ୍ତନମୁହାଁ ଓଡିଶା। ଭୋଟ ପୂର୍ବରୁ ଯଦିଓ ମାଗଣା ବିଜୁଳି ଘୋଷଣା କରି ଭୋଟରଙ୍କୁ ଆକୃଷ୍ଟ କରିଛି ତଥାପି ଭୋଟର ମାନେ ଚିନ୍ତା କରୁଛନ୍ତି ଯେ, ଯେଉଁ ଯୋଜନା ବା ସୁବିଧା ଦେବାର ଥିଲା ତାହା ଏତେବର୍ଷ ପରେ କାହିଁକି ଘୋଷଣା କରାଗଲା। ଏହା ନିର୍ବାଚନୀ ଲଲିପପ ନୁହେଁ ତ ? ଅସଲ ପ୍ରସଙ୍ଗ ଏଡାଇ ବିଜେଡି କେବଳ ଭୋଟ ପାଇଁ ଅଫର ଘୋଷଣା କରୁଛି। ଚିଟଫଣ୍ଡ ଜମାକାରୀଙ୍କ ଟଙ୍କା କେବେ ଫେରସ୍ତ ହେବ ସେକଥା କହୁନାହିଁ। ସେହିପରି ଶ୍ରୀମନ୍ଦିର ଚାରି ଦ୍ୱାର କେବେ ଖୋଲିବ ସେ କଥା ଉଠାଉନାହିଁ। ମହାନଦୀ ବିବାଦର ସମାଧାନ କେବେ ହେବ ବା ମହାନଦୀରେ ପୂର୍ବ ଭଳି କେବେ ଜଳପୂର୍ଣ୍ଣ ହୋଇପାରିବ ପ୍ରଚାର ବେଳେ କୌଣସି ବିଜେଡି ନେତା ଏହା କହୁନାହାନ୍ତି। କେବଳ ମାଗଣା ଯୋଜନା ଘୋଷଣା କରି ଭୋଟ ହାସଲ ଲକ୍ଷ୍ୟରେ ଥିଲା ଭଳି ଜଣାପଡୁଛି। ଯଦି ବିଜେଡି ଏତେ ବିକାଶ କରିଛି, ତେବେ ଭୋଟ ପାଇଁ ଏତେ ଆତୁର କାହିଁକି ? ଭୋଟରଙ୍କ ଅନୁଭବରେ ବିକାଶ ଥିଲେ ଭୋଟ ଆପଣାଛାଏଁ ଆସି ପହଞ୍ଚିବ। ଏଥିପାଇଁ ଏତେ ପ୍ରାଣମୂର୍ଚ୍ଛା ଉଦ୍ୟମର ଆବଶ୍ୟକତା କାହିଁକି। ତେଣୁ କେଉଁଠି ନା କେଉଁଠି ବିକାଶ ଅଧାପନ୍ତରିଆ ବୋଲି ବିଜେଡି ଅନୁଭବ କରୁଥିବାରୁ ନିଜ ଭୂତ ନିଜକୁ ଡରାଉଛି। ତେଣୁ ଯେକୌଣସି ଉପାୟରେ ନିର୍ବାଚନ ବୈତରଣୀ ପାର ହେବା ବିଜେଡିର ଏକମାତ୍ର ଲକ୍ଷ୍ୟ। କିନ୍ତୁ ୨୦୧୯ ପରି ୨୦୨୪ରେ ଓଡ଼ିଶାରେ ରାଜନୈତିକ ପାଣିପାଗ ସମ୍ପୂର୍ଣ୍ଣ ବଦଳି ଯାଇଛି। ସରକାର ପରିବର୍ତ୍ତନ ପାଇଁ ଲୋକଙ୍କ ମନରେ ଏକ ଅନ୍ତଃସ୍ରୋତ ଜାଗରଣ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଚଳିତଥର ଭଳି ଓଡ଼ିଶାକୁ ଫୋକସ କରୁନଥିଲେ। ଏଥର କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଗୃହମନ୍ତ୍ରୀ ତଥା ଅନ୍ୟ କେନ୍ଦ୍ରମନ୍ତ୍ରୀ ମାନେ ଓଡ଼ିଶାକୁ ଘନ ଘନ ପ୍ରଚାର ପାଇଁ ଆସୁଛନ୍ତି। ଯାହାର ପ୍ରଭାବ ଭୋଟ ଫଳାଫଳରେ ଦେଖିବାକୁ ମିଳିବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଆମେ ଜିତିବୁ !



ଡଃ.କିଶୋର ମହାନ୍ତି

ଆମେ ଜିତିବୁ... ଅଲବତ ଜିତିବୁ।

କିଏ କହିଲା ନ ଜିତିବୁ ବୋଲି। ଆମ ଚିହ୍ନ ଯାହା ଭୋଟର ଭାଇମାନଙ୍କୁ ଆକୃଷ୍ଟ ନିଶ୍ଚୟ କରିବ - ଆଗେ ସେ ଚିହ୍ନ ଭୋଟ ଦେଲାବେଳକୁ ଦପ୍ ଦପ୍ କରିବ, ଆଉ ଆଖିରେ ଅଞ୍ଜନ ଏମିତି ଲାଗିଯିବ ଯେ, ମନମୁନ ଚଇନେ ଏକହେଇ ବିବେକ ସିଆଡ଼େ ଧାଇଁବ - ଭୋଟର ବାପୁଡ଼ା ପରେ ଆସି ପଶ୍ଚାଉ ଆଉ ଏମିତି କିମିଆଁ ଆମ ଚିହ୍ନରେ ଯେ ଦେଉଥିଲା ଭୋଟର ଆମ ଆଡ଼କୁ ଗୋଡ଼େଇ ଆସିବେ- ଦେଖିବ କେମିତି ଏସନ ଜିତାପଟ ଆମେ ନ ନେବୁ। ଯେମିତି ଯେ ପ୍ରକାର ଯେତେ କୂଟନୀତି କର ଯେତେ ଆମ ଦଳକୁ ଛି ଛାକର କର ଆମର ଜିତିବାଟା ପକ୍କା। କେହି ବାଟରେ, ଘାଟରେ, ନଦୀପଠାରେ, ଟା ଖଟିରେ ଅବା ହାଟ ପାଳିରେ ଆମ ନେତାଙ୍କ ବିଷୟରେ ଚର୍ଚ୍ଚା ନ ହେଇଥାଇପାରେ, ସରଗରମ ନହେଉ ପଛେ- ଆମ କଡୁଆ ଏକ ନମ୍ବର ସ୍ଲୋଗାନରେ ମାଟି କମ୍ପି ଯିବ, ଆଉ ଭୋଟର ଭାଇମାନେ ତାଟଙ୍ଗା ହେଇଯିବେ କହିବେ ନେତାଙ୍କୁ ଦେଖି 'କଣ କଳାରେ ସତରେ ଶହେରୁ ଶହେ ଖେଳ।' ଭୋଟ ଦେବା ଦିନ ଯେତିକି ପାଖେଇ ଆସୁଛି ସେତିକି ସେତିକି ହଟଚମଟ ଲାଗିଛି। ଏସନ ବଡ଼ ମଜେଦାର ହେବ ନିର୍ବାଚନ। ହଳହଳ ସ୍ୱାମୀ ସ୍ତ୍ରୀ, କର୍ମୀଙ୍କ ସହ ଗୋଛାଏ ଗେଣ୍ଡୁଫୁଲ ମାଳ ବେକରେ ଲମ୍ବେଇ ଭାଷଣ ଦେଇ ଭୋଟରଙ୍କ ମନ କିଣୁଛନ୍ତି। କିଏ କେଉଁଠି ଛିଡ଼ା ହୋଇଥାଉ - ସ୍ୱାମୀ ଗୋଟେ ଜାଗାରେ ଛିଡ଼ା ହେଲାଣି ତ - ସ୍ତ୍ରୀକୁ ଟାଣ୍ଡେ ଟାଣ୍ଡେ ଟିକେଟ୍ ମିଳିଲାଣି। କିଏ କହୁଛି ଦେଖରେ ନାରୀକୁ ସମ୍ମାନ ଦିଆ ନହେଉଛି ବୋଲି, ଏଁ - ପୁରୁଷଙ୍କ ସହ ନାରୀ ସମକକ୍ଷ- ସମ୍ବିଧାନ କଣ ତାଙ୍କ ପାଇଁ ଚୁପ୍ ହେଇ ବସିଚି। ଏତେଦିନ ପରେ ଆମ ନେତାଏ ବୁଝିଲେଣି - ନାରୀ ମାନଙ୍କୁ ଆଗକୁ ନେବାକୁ - ତେଣୁ ପତିପତ୍ନୀ ଯେତେବେଳେ ପରିବାର ମଙ୍ଗ ଧରିଛନ୍ତି - ଦେଶର ମଙ୍ଗ ନଧରିବେ ବୋଲି କେହି କହିପାରିବେନି - ତେଣୁ ପଲ୍ଲୀରୁ ଦିଲ୍ଲୀ ଯିବା ପାଇଁ ବାଟ ଫିଟିଗଲା ଏମାନଙ୍କର, ବରଂ ସମ୍ବିଧାନର ଧାରା-ଉପଧାରା, ତାର ମୁଖବନ୍ଧ ସମ୍ପର୍କରେ କିଛି ନ ଜାଣୁ ପଛେ ନିର୍ବାଚନ ଠିଆ ହୋଇ ଜିତିଗଲେ ବଡ଼ନେତା। ଭାରତର ଜ୍ଞାନୀ ଗୁଣୀ ନେତାଙ୍କ ଠାରୁ ଏମାନେ ନିଆରା, ଏବେ ଏମାନେ ଭୋଟରଙ୍କ ଗୋଡ଼ତଳେ ପଡୁଛନ୍ତି, ହାତ ଯୋଡୁଛନ୍ତି। ବାପାଲୋ, ଦାଦୀଲୋ, ନାନୀଲେଶ କହି ଅଭିନୟ କରୁଛନ୍ତି ଯେମିତି ଭୋଟ ମିଳିଗଲା - ତାପରେ ଦେଖ ନାଟ। ତୁ କିଏ ନା ମୁଁ କିଏ ! ଭୋଟ ପାଉ ପାଉ ଚମ୍ପଟ ମାରିଥିବେ। ଭୋଟର ତାପରେ ଭକୁଆ, ଅନେଇଥା - ଉପରକୁ। କିନ୍ତୁ ଆମଦଳ ସେମିତି କରିବନି, ଯିଏ କହିବ ସିଏ ତଡ଼ା ଖାଇବ। ଏଠି ବାପ ପୁଅର ନୁହେଁ ଏକଥା କହି ହେଉ ନାହିଁ- ବୟସାଧିକ୍ୟ ବ୍ୟକ୍ତି ବିଶେଷଙ୍କୁ ବଡ଼ ବଡ଼ ନେତା ଯିଏ ଦିନେ ମେଦିନୀ ହୁଲସ୍ଥୁଲ କରୁଥିଲେ ପୁଅ ନେତା ହେଲା ପରଠାରୁ ଏବେ ସେ ବଚସ୍କର - ବସ କହିଲେ ବସିବେ, ଉଠ କହିଲେ ଉଠିବେ- ସବୁ ନୀତି ନିୟମକୁ ବାହାରେ ଫୋପାଡ଼ି ପୁଅ ମୋହରେ ଏମିତି ପଡ଼ିଯାଇଛନ୍ତି ଯେ, ଅଠାକାଠି ଲାଗିଯାଇଛି। ସମସ୍ତ ବିବେକ ବୁଦ୍ଧିକୁ ଜଳାଞ୍ଜଳି ଦେଇ, ନିଜ ପାର୍ଟିକୁ ମୁହଁ ଆଡ଼େଇ ପୁଅ ପ୍ରୀତିରେ ସବୁ ମସ୍ତ- ଏକି ମାୟାରେ ବାୟା - ସବୁଠି ଏ ଦୃଶ୍ୟ ବେଶ୍ ଚମତ୍କାର ପ୍ରଭାବ ପକାଇଛି। ଆଉ ଲୋକମାନେ ଏହାକୁ ନିର୍ବାଚନ ପର୍ବ ବୋଲି ଭାବୁ ନାହାଁନ୍ତି। ଏ ଏକପ୍ରକାର ଖେଳତ। ଟଙ୍କାର ଖେଳ, କାଦମ୍ବରୀ ରସର ଖେଳ, ବାହୁବଳୀର ଖେଳ। ପାଞ୍ଚବର୍ଷରେ ଥରେ ମଉକା ଜୁଟିଛି ତାକୁ କିଏ ଛାଡ଼ିବ। ଥୋକେ ଆସୁଛନ୍ତି ଜିରାରୁ ଶିରା କାଢିବେ। ନିର୍ବାଚନୀ ଇସ୍ତାହାରକୁ ଏପଟସେପଟ କରି ଏମିତି ଯୁକ୍ତି ଥୋଇ ଦେବେଯେ, ଭୋଟର ଭାଇମାନେ ଘାଂଟି ଚକଟି ହେଉଥିବେ। ଭାବୁଥିବେ ଏ ନେତାଙ୍କର ଭାଷଣ ହିଁ ଠିକ୍ ଯିଏ ଆମ ସପକ୍ଷରେ କହୁଚି- ରାତିରେ ଭାବୁଥିବେ ଗୋଟେ କଥା, ରାତିଏ ଯାଇ ହାତୀଏ ପାଇଗଲେ ତାପର ଦିନକୁ ଓଲଟିପାଲଟା, ଥୋକେ କୁରୁଳୁଥିଲେ ସେପଟକୁ ଡ଼ିଆଁ ମାରିଲା ପରେ ଦାନ୍ତ ନିକୁଟି ହସୁଥିବେ।

କହି ହେଉଥିବେ -

"ମୁହଁରେ ମଧୁର - ପେଟରେ ଖୁର
ପୋଡ଼ିଯାଉ ସେ ମୁହଁ ମଧୁର।"

ଥରେ ଅଧେ ରୋଡ଼ସୋ କରି ହାତ ହଲେଇ ଦେଲେ ତ ଗଲା- ସବୁ ପରା ଗୋଟାପଣେ ତାଙ୍କର ହୋଇଯିବେ - ଦେଶଟାକୁ ପରା ନେତାଏ ସମ୍ଭାଳିଛନ୍ତି। ସ୍ୱାଧୀନତା ପରେ ପରେ ଗଣତନ୍ତ୍ର ରାଷ୍ଟ୍ରର ଆଉ କାହା କାନ୍ଧରେ ଦେଶ ଗୋଟାକର ଭାର କି ! ଏଇ ନେତାମାନେ - ନାଗରିକଙ୍କ ବିକାଶ ପାଇଁ, ଦେଶର ସୁରକ୍ଷା ପାଇଁ ଏମାନେ ଆଗେ ଭିଡ଼ିଯିବେ। କାରଣ ଏମାନେ ନେତା। ଏମାନଙ୍କ କାରନାମା ଅଜବ ! ଏମାନେ ନେତାଗିରିର ସୂତ୍ର କେଉଁଠୁ ପାଇଲେ କେଜାଣି - ସେଇ ସବୁ କଲେଜ ବା ସ୍କୁଲକୁ ଖୋଜିବାକୁ ପଡ଼ିବ।

ଆଉ ଏଇ ନିର୍ବଚାରେ କଥା କପିଳାଙ୍କ, ଆଉ ଗୋଠ ଗୋପାଳିଆଙ୍କ ଭିଡ଼ ବେଶ ଜମେ। ଗାଲୁଆଙ୍କ ବାରବାଟୀ ଚାଷ ଏ କଥାଟାକୁ ଏମିତି ବାଗରେ ଥୋଇ ଦେଇଥିବେ ଯେ ଜାଣିବ କଥାଟା ଏତେ ମୂଲ୍ୟବାନ। ଆକାଶରୁ ଛିଣ୍ଡାଇ ଆଣି ରଖିଦେବେ, ଆଙ୍କୁ ଜାଣିଥିବ ବଚନ ମଧୁର ତିଳକ ସରୁ ଜାଣିବ ଏମାନେ ଠକଙ୍କ ଗୁରୁ- ଏସମୟରେ ଖଚୁଆ, ମିଛୁଆ, ଟାଉଟରିଆଙ୍କ ମୁହଁରେ ହାତଦେଇ ହବନି। ସତେ ଯେମିତି ପାର୍ଟିଟା ତାଙ୍କର - ଜାଣି ରଖିଥା ଏମାନେ ଠାକୁର ଖାଇ ଖଟୁଲି ଖାଇବା ଲୋକ। ଏଇ ଭୋଟ ବେଳେ ମଣିଷର ଚିତ୍ର ଚରିତ୍ର ପୁରା ବଦଳିଯାଏ। ପାର୍ଟିକୁ ସାଥିରେ ନେଇ ଯେତିକି ବଚସା, ଯୁକ୍ତିତର୍କ, ହାତାହାତି ଏପରିକି ହିଂସା ଆଡୁକ ମଣିଷ ମୁହାଁଇବାକୁ ପଛାଏ ନାହିଁ। ଯେତେ ଯାହା କୁହ ଏମାନଙ୍କ କଥାରେ ଏମନ୍ତ ବାକ୍‌ଚାତୁରୀ ଯେ ସବୁ ସତ କଥାତ ଆଙ୍କ ମୁହଁରୁ ଗଳଗଳ କରି ବାହାରି ଯାଉଛି। ଗୋଟିପଣେ ସେ ତୁମର ହୋଇଯିବେ। ମନ କିଣି ନେଇ ଭୋଟ ଆଡ଼କୁ ମୁହାଁଇ କହିବେ ଆପଣଙ୍କର ପ୍ରିୟ ଚିହ୍ନ, ଅମୁକ ଅମୁକ ବାବୁଙ୍କୁ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ। ଯିଏ ବୁଝିନେଲା ସିଏ ବାଟ କାଟେ। ଯିଏ ଯାହା ବୁଝିଲା ସିଏ ସେମିତି କାର୍ଯ୍ୟକରେ। ଏହାକୁ ନେଇ ଗୋସେଇଁ ଅଚ୍ୟୁତା ନନ୍ଦ କହିଲେ କି -

କଥନି ଅପାର - କରଣୀ ନାହିଁ
କରଣୀ ଥିଲେତ - କଥନୀ ନାହିଁ -
ଏମିତିକା ସବୁ। ଅନ୍ୟ ଭାବରେ

କହିଲେ ସତକୁ ସତ -

"କହି ପୋଛି ପାରେ ଯେ
ପଚା ଚିଙ୍ଗୁଡ଼ି ବି ବିକେ ସେ
କପାଳରେ ସିନା କର ମାରିବା -

ଏମିତି କେତେ କାହାକୁ କଣ କହିବା - ରଙ୍ଗ ଦେଖିଲେଣି ପରା। ସତକୁ ମିଛ-ମିଛକୁ ସତ କହି ପର ମୁଣ୍ଡରେ ଅଠା ବୋଲି ନିଜେ ବାହା ବା ନେବାର ଏ ଗୋଟେ କରାମତି। ବିରୋଧୀ ଶାସକ ଦଳ ଗୋଟେ ପଟେ ବେଳକୁ ବିରୋଧୀ ଦଳ ଆଉଗୋଟେ ପଟେ - ଆଗରୁ କିନ୍ତୁ ଭଲ ଥିବ ଭୋଟ୍ ବେଳକୁ ଠିକ-ଆ ମୁହଁ ଇଆଡ଼େ ତ ତା ମୁହଁ ସିଆଡ଼େ। ଆଉ ଦଳେ ଅଛନ୍ତି ଭିତରେ ଭିତରେ ସିଆଡ଼େ ମଧୁଚନ୍ଦ୍ରିକା - କିନ୍ତୁ ଲୋକଙ୍କ ଆଗରେ ଫଟାଫଟି। ଆଉ ଥୋକେ ଜିରୋରୁ ହିରୋ ହୋଇ ଯାଇ ପେଣ୍ଡାଲ ଦୋହଲାଇ ଦେଉଛନ୍ତି। ଏ ବାବଦରେ ଆମ ଅଭିନେତା ଓ ଅଭିନେତ୍ରୀମାନେ ମଧ୍ୟ କୁଲୁକୁଲୁ ହେଉଛନ୍ତି। କଣ ଏ ଦିବ୍ୟରସ ଥରେ ପାନ କଲେ ଭିତରେ ଖାଲି ନବରସର ସଞ୍ଚାର ହେବ।

ଆମ ଦଳ ତ ନିଆରା ଆଉ ସୁଦ୍ଧୁ ନିରାମିଷ ଦଳ। ଆମେ ନିର୍ମଳ ଶାସନ ଦେବା ପାଇଁ, ଜନସେବା ପାଇଁ. ଆମ ଇସ୍ତହାରରେ ପ୍ରକାଶ କରିଛୁ। ତେଣୁ ଜିତିବାରେ ଆମ ଦଳ ସବୁ ଭୋଟ ପୋଛିନେଇଯିବ। ଯେତେ ଇଭିଏମ୍‌ରୁ ତା ହୃଦୟକୁ ନେଇଯା ହେଲେ ଜନମତ ଯାହା ତାହା ପରା ଆଗରୁ ଜଣାଗଲାଣି। ଘୋର ଚିନ୍ତାର ବିଷୟ, ଏବେ ପରା ଇଭିଏମ୍‌ର ଖେଳ। ଗୋଟିଏ ଇଭିଏମ୍ ବାପୁଡ଼ାର ମୁଣ୍ଡଟା ଯଦି ବୁଲେଇ ଦିଏ ତେବେ ଭାଗ୍ୟଯୋଗେ ନନ୍ଦରାଜା କାଟେ ଘୋଡ଼ାଘାସ ହେଇଯିବେ, ଏମିତି କି ଆମ ନେତା ଯୋଉଠି ଯୋଉଠି ଛିଡ଼ା ହୋଇଛନ୍ତି ଚିତପଟାଙ୍ଗମାରିବାକୁ ବାଧ ହେବେ। ସେତେବେଳେ ନେତା ବାପୁଡ଼ା ଶୂନ୍ୟମାର୍ଗୀ ପାଲଟି ଯାଇ ଗାଉଥିବେ ମନେ ମନେ ସେଇ ଗୀତା -

"ବାଇ ମନହୋ ବସି ହଂସକୁ ଖେଳା
ହଂସ ଉଡ଼ିଗଲେ ହଂସ ଉଡ଼ିଗଲେ
ବୁଡ଼ିବ ଭେଳା।

ଏହି ପରିପ୍ରେକ୍ଷୀରେ ଜନନେତା ମନମୋହନ ଚୌଧୂରୀଙ୍କ ଉକ୍ତି ହେଲା - "ଯେତେଲୋକ ଭୋଟରେ ଛିଡ଼ା ହେଉଛନ୍ତି କ୍ଷମତାକୁ ଅକ୍ତିଆର କରିବାକୁ ଚେଷ୍ଟା କରୁଛନ୍ତି .... ପ୍ରକୃତ ପଲଟିସଆନ୍ ହେଲେ ସେ ଯେ ସମାଜରେ ମୌଳିକ ପରିବର୍ତନ ପାଇଁ ଉଦ୍ୟମ କରନ୍ତି । ବ୍ୟଙ୍ଗାତ୍ମକ ଚିତ୍ର ପ୍ରଦାନ କରି କେତେକ ସ୍ୱରଉତୋଳନ କରିଥାନ୍ତି - "ଯେ ନେଇପାରେ ସେ ହିଁ ନେତା"। ସେମାନଙ୍କ ସଂଖ୍ୟା ଆଜି ଦେଶରେ ଅଗଣନୀୟ। ସେମାନଙ୍କ କାର୍ଯ୍ୟ ଅବର୍ଣ୍ଣନୀୟ ଓ ମହାତ୍ମ୍ୟ ଅତୁଳନୀୟ।

ନେତାଙ୍କ ସମ୍ପର୍କରେ ରାଧାମୋହନ ଗଡ଼ନାୟକ ଲେଖିଛନ୍ତି -

"କଳର ମାଲିକ, ସେଠ ଠିକାଦାର
କଳାବଜାରର ସାଧକ ଦଳ
ଗଣତନ୍ତ୍ରଣ ସବୁ କ୍ଷେତ୍ରରେ
ସେଇମାନେ ଆଜି ସୂତ୍ରଧର।

ତଥାପି ଏ ଭିତରେ ଆମଦଳ ସଂଘବଦ୍ଧ ଭାବରେ ଜିତିବା ପାଇଁ ସାହାସ ବାନ୍ଧିଛି। ଜନସାଧାରଣଙ୍କ ପାଖରେ ଭୋଟ ଭିକ୍ଷା କରୁଛି। ଦେଖାଯାଉ କୋଉ ପାଣି କୁଆଡ଼େ ଯାଉଛି।

*ଦୂରଭାଷ : ୯୪୩୭୭୨୮୪୭୫*

# ନ୍ୟାୟ ପାଇବାରୁ ବଞ୍ଚିତ ଅସହାୟ ଗରିବ ଓ ମଧ୍ୟବିତ୍ତ



ଆଶୁତୋଷ ନାୟକ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ ଭାବେ ଉତ୍ତରଦାୟୀ। ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ। ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ, ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ, ଆପ୍ରାଣ ଉଦ୍ୟମ, ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା। ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ସଂଘର୍ଷ କରୁଛନ୍ତି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ। କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା 'ଆକାଶ କଇଁଆ ଚିଲିକା ମାଛ' ସଦୃଶ।

ଆମ ସରକାର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତ। 'ତେଲିଆ ମୁଣ୍ଡରେ ତେଲ' ଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି। ଆମ ଦେଶର ପୂର୍ବତନ ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରଧୀନ ଅଛି। ଭାରତର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରଧୀନ ଅଛି। ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି। ଏହିସବୁ ମାମଲାର ତୁରନ୍ତ ବିଚାର ପାଇଁ ଆମ ସରକାରଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନାର ବିଷୟ। ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଦିନକୁ ଦିନ ସାଧାରଣ ଜନତା ଆମ ସରକାର, ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି। ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା। କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ 'ଆମେ ଯତ୍ନବାନ -ଆମେ ସାହସୀ' ସ୍ଲୋଗାନ ସ୍ଥାନିତ ହୋଇଛି। କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ। କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ। କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି। ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା। ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି। ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ। ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି। ବିଭିନ୍ନ କୋର୍ଟରେ ବିଚାରଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭%। ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି। ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ। ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୃଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି। ସେମାନେ ଅତ୍ୟନ୍ତ ଚତୁରତାର ସହ ବେଫିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି। ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁର୍ଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି।

ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା। ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ବ ଅଫିସ କ୍ୱାଟର୍ସକୁ ଫେରୁଥିଲେ। ସେତେବେଳେ ରାତି ୧:୩୦ ହୋଇଥିଲା। ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚିତ୍କାର କରିଥିଲା। ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ। ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି। ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା। ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା। ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା। ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ୍ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି।

ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବେଦନତା ପ୍ରକାଶ କରନ୍ତୁ। ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି। ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ। କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ। 'ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ। ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ। କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି।

*ଗୋପାଳପୁର, ବାଲେଶ୍ୱର*
*ଭ୍ରାମ୍ୟଭାଷ : ୭୦୨୦୬୧୧୩୦୦*

ଧାରାବାହିକ ଉପନ୍ୟାସ

# ମୌନ ଯୋଗୀ



ପୁଷ୍ପାରାଣୀ ପଟେଲ

ଭାଗ-୧୪

**ପୂର୍ବାଭାଷ**

*ସ୍ନିଗ୍ଧା ଓ ପୂରବୀ ଆଜି ଖୋଲି ଦେଇଥିଲେ ପରସ୍ପରକୁ ପରସ୍ପର ନିକଟରେ। ପୂରବୀ ଶୁଣୁଥିଲା ଓ ସ୍ନିଗ୍ଧା ବଖାଣି ଚାଲିଥିଲା ନିଜକୁ, ସେ ଭୋଗିଥିବା କିଛି ଦୁଃଖକୁ-କିଛି ସୁଖକୁ। ପୂରବୀ ଭାବୁଥିଲା, 'ଆହା, କେତେ ଦୁଃଖ ଜମାଟ ବାନ୍ଧିଛି ସ୍ନିଗ୍ଧାର କୋମଳ ମନଟିରେ ସତେ। ବାପାଙ୍କର ବିଶ୍ୱାସକୁ, ଭଲ ପାଇବାକୁ ପାଇବା ପାଇଁ ଏତେ ପରିଶ୍ରମ କରି ପ୍ରଥମ ସ୍ଥାନ ଅଧିକାର କଲା ପରେ ମଧ୍ୟ କଣ ସେ ଜିତି ପାରିଲାକି ତା' ବାପାଙ୍କର ବିଶ୍ୱାସକୁ? 'କାହିଁ ପାରିଲାନି ତ!' ତେବେ କ'ଣ ହେଲା ଆଗକୁ .... !!*

*(ପୂର୍ବପ୍ରକାଶ ଉତ୍ତାରୁ)*

*"ହାଏ ... ପୂରବୀ! ମୁଁ କେତେ ମିଛରେ ନିଜ ଭିତରେ ଗୁଡେଇ ହେଉଥିଲି ଏତେ ଦିନ। ଦେଖିପାରି ନଥିଲି, ମୋ' ବାପାଙ୍କ ଭିତରେ ଲୁଚିଥିବା ସେଇ ସାଧାରଣରୁ ଅତି ସାଧାରଣ ବାପାଙ୍କୁ ମୋ'ର। ଭେଟିଲି, ଯେତେବେଳେ ଶୁଣିଲି ସବୁ ସାଧାରଣ ବାପାଙ୍କ ପରି ସେ ବି କହୁଥିଲେ, 'ଝିଅ ଘିଅ! ଯେତେ ଶୀଘ୍ର ଦାୟିତ୍ୱ ମୁକ୍ତ ହେଇଯିବ, ସେତେ ଭଲ।'*

*ମନ, ମସ୍ତିଷ୍କ ସବୁ ଆନ୍ଦୋଳିତ ହେଇ ଉଠିଲା ବାପାଙ୍କ କଥା ଶୁଣି। ହୁଏତ ବିଦ୍ରୋହ ବି କଲା ତେବେ ନିଜ ଭିତରେ। ମୋ' ନିଜ ମନର ପ୍ରଶ୍ନସବୁ ଜମାଟ ବାନ୍ଧି ପାହାଡ ପରି କଠିଣ ରୂପ ନେଉଥିଲା ମୋ' ଭିତରେ। କାହା ପାଖରୁ ବା ଉତ୍ତର ଆଶା କରନ୍ତି, ମୋ'ର ଯେ ପ୍ରଶ୍ନ କରିବାର ହିଁ ସାମର୍ଥ୍ୟ ନଥିଲା। ଛୋଟଟି ବେଳୁ ସଂସ୍କାରୀ, ସୁଶିଳ ଝିଅଟିଏର ମୁକୁଟ ପିନ୍ଧାଇ ସେମାନେ ଯେ ଛଡାଇ ନେଇଥିଲେ ମୋ'ର ସ୍ୱର ମୋ' ପାଖରୁ।*

*ତା' ବୋଲି ମୋ' ପ୍ରଶ୍ନର ମୁଁ ଉତ୍ତର ପାଇଲିନି ବୋଲି ତ ନୁହଁ। ପାଇଲି, ଯେବେ ଯାଇ ବସିଲି ବିବାହ ବେଦୀରେ। ତାଲା ପକାଇଲି ମୋ'ର ସେଇ ଦୁର୍ମୂଲ୍ୟ ସାର୍ଟିଫିକେଟ୍ ମାନଙ୍କୁ ଘରର ପୁରୁଣା କାଠ ଆଲମାରୀ ଭିତରେ ଓ ଚୁପ୍ ଚାପ୍ ଯାଇ ବସିଲି ଜଣେ ଅଜଣା ଅଶୁଣା ମଣିଷର ଡାହାଣ କଡରେ, ତା'ର ଓ ତା' ପରିବାରର ଦାୟିତ୍ୱକୁ ମୁଣ୍ଡରେ ମୁଣ୍ଡାଇ।*

*- ଉତ୍ତର କ'ଣ ଜାଣ?*

*- ମୁଁ ଏ ସମାଜର ସବୁ ଝିଅଙ୍କ ପରି ଏକ ସାଧାରଣ ଝିଅ ହିଁ, ଯାହାର ଜନ୍ମ ପରଠୁ ସଭିଏଁ ଗୋଟିଏ କଥା ଘୋଷି ରଖିଥାନ୍ତି ମନରେ, 'ଝିଅ ଜନମ ଚୁଲି ମୁଣ୍ଡକୁ'। ମୋ' ବାପା ବି ଏ ସମାଜର ସବୁ ବାପାଙ୍କ ପରି ଏକ ସାଧାରଣ ବାପା, ଯିଏ ଝିଅ ଜନ୍ମ ହେବା ପରଠାରୁ ଦାୟିତ୍ୱ ବୋଝରେ ଚାପି ହେଇଯାନ୍ତି। ଝିଅକୁ ସୁରକ୍ଷିତ ଭବିଷ୍ୟତ ଦେବା ନ୍ୟାୟରେ ଖୋଜି ବୁଲନ୍ତି ବରପାତ୍ର।*

*ମୁଁ କ'ଣ ଭୁଲ କହୁଛି, ପୂରବୀ?*

**(ପୂର୍ବପ୍ରକାଶ ଉତ୍ତାରୁ)**

ସେଇ ଘଟଣା ପରେ ବଦଳିଗଲି ମୁଁ ଓ ମୋ'ର ଚିନ୍ତାଧାରା ମଧ୍ୟ। ଅନେକ ଇଚ୍ଛାପରେ ମୁଁ ଆଉ ପୂର୍ବପରି ସହଜ ହେଇ ପାରୁନଥିଲି ବାପାଙ୍କ ପାଖରେ। ଭାଇ ମାନଙ୍କ ପାଖରେ।

ବୟସ ବଢ଼ିବା ସହିତ ଏଭଳି ତିକ୍ତ ଅନୁଭୂତିର ସଂଖ୍ୟା ବଢ଼ିଚାଲିଛି। ତା' ସାଥିରେ ବଢ଼ିଛି ନିଜର ନାରୀ ଜନ୍ମକୁ ନେଇ ମନ ଭିତରେ ଦୁଃଖ ଓ ଅବସୋସର ମାତ୍ରା।

ଆହୁରି ବି ବଢ଼ିଛି ଏମାନଙ୍କ ଠାରୁ ବିରୋଧାଭାସ ରଖୁଥିବା ଏକ ଅନନ୍ୟ ପୁରୁଷ ଚରିତ୍ର ପାଇଁ ମନ ଭିତରେ ଆକର୍ଷଣ ଓ ଲୋଡିବା ପଣ!

ପୂରବୀ - ତେବେ ତୁମ ପାଇଁ ପ୍ରେମ କ'ଣ ଆସିଲା ବାହା ବେଦୀରେ ବସିବା ପରେ.... ଏତେ ଡେରିରେ ... ନା ଏହା ପୂର୍ବରୁ .... କେବେ? କିଛି କହିଲନି ଯେ!

ସ୍ନିଗ୍ଧା- ନିଜ ବିଷୟରେ ଭାବିବାକୁ ଭୁଲି ସାରିଥିଲି ମୁଁ। ତଥାପି ପ୍ରେମ ହେଇଥିଲା ବୋଧହୁଏ। ସମସ୍ତଙ୍କ ଭଳି ମୋତେ ବି, ସେଇ ବୟସରେ ଯେତେବେଳେ କି ସବୁ କିଶୋର, କିଶୋରୀଙ୍କ ମନରେ ଫଗୁଣ ରଙ୍ଗ ବୁଣେ। କୃଷ୍ଣଚୂଡା ଫୁଲ ଫୁଟେ।

କେହି କେହି ସେ ରଙ୍ଗରେ ଆନମନା ହୁଅନ୍ତି। ସେଇ କୃଷ୍ଣଚୂଡାରେ ଆଜୀବନ ନିଜ ଜୀବନକୁ ସଜାଇ ନେବା ପାଇଁ ପଣ ବି କରିଛି।

ମୁଁ କିନ୍ତୁ ଭୟରେ ଜଡସଡ ହେଇ ଯାଉଥିଲି, ଯେତେ ଯେତେ ଥର ତା'କୁ ଦେଖୁଥିଲି। ଏକୁଟିଆରେ ଯଦିଓ ତା' ସ୍ମୃତି ମୋ'ତେ ଏକ ଭିନ୍ନ ଆବେଗରେ ଭିଜାଇ ଦେଉଥିଲା, ତଥାପି ତାକୁ ମୁଁ ପ୍ରେମ ବୋଲି ସ୍ୱୀକାର କରିବା ପାଇଁ ଏକବାରେ ଅରାଜି ଥିଲି।

ଭୁଲିବାକୁ ଚାହୁଁଥିଲି ସେଇ ମୁହୂର୍ତ୍ତକୁ, ଯେଉଁ ମୁହୂର୍ତ୍ତରେ କି ମୁଁ ତା' ପକେଟରୁ ଖସି ପଡିଥିବା ସେଇ ଛପା କବିତାଟି ପଢ଼ିବାକୁ ପାଇଥିଲି। ତେବେ କେଉଁ ଭୁଲି ପାରିଲି? ଏମିତି ତ ଥିଲା ସେଇ କବିତାର କିଛି ଧାଡି....

ମୁଁ ତ ଥିଲି ବେଶ୍ ଆରାମରେ
କାହିଁକି ଅବା ଶୁଣାଇଲ
ତୁମ ଆସିବାର ପାଦଶବ୍ଦ

କେଜାଣି କାହିଁକି ମୁଁ ସେଦିନ କିନ୍ତୁ ପଢ଼ିନଥିଲି ଏ କବିତା ତଳେ ଲେଖାଥିବା କବିଙ୍କର ନାଆଁ। ବରଂ ମୋ' ମନରେ ସାଇତି ନେଲି 'କବି-ସ୍ମାରକ ମିଶ୍ର!' ମୋ' ଭିତରେ ସେ ତା' ପାଇଁ ଜାଗାଟିଏ ତିଆରି କରିନେଲା, କବିଟିଏର।

ପୂରବୀ! ମୁଁ କ'ଣ ମୋ' ମନ ଭିତରେ କବି ମିଣିଷଟିଏ ଲୁଚାଇ ରଖିଥିଲି କି? ଚାହୁଁଥିଲି କି, ମୋ' ପ୍ରେମିକ ଜଣେ କବି ପୁରୁଷ ହୁଅନ୍ତୁ? ମୋ'ତେ ଝୁରି ହେଇ, ମୋ' ରୂପଗୁଣର ପ୍ରଶଂସା କରି ସେ ଲେଖନ୍ତୁ କାବ୍ୟ, କବିତା!

ଏମିତି ଚାହୁଁନଥିଲେ, ମୁଁ ସେଇ ପିଲାଟିକୁ ଏମିତି ଜୋର କରି କବି ସଜାଇଥିଲି କାହିଁକି ଯେ!



ଆଜି ମୋ'ତେ ଭାବିଲେ ହସ ମାଡୁଛି, ତେବେ ମୋ' ପାଗଳାମି ତୁମେ ଜାଣ? ବର୍ଷ ବର୍ଷ ଅନେକ ବର୍ଷ ଧରି ମୁଁ ତା'କୁ ହିଁ ଲୁଚାଇ ରଖିଥିଲି ମୋ' ମନ ଭିତରେ।

କେବେ ମୁଁ ତା' ସାଥିରେ କଥା ବି ହେଇନି। ଅତଚ ବାହାଘର ପରେ ପ୍ରଥମ ରାତି, ମୋ' ସ୍ୱାମୀ ଯେତେବେଳେ ଜାଣିବାକୁ ଇଚ୍ଛା କଲେ ମୋ' ମନର କଥା, ମୋ' ଅତୀତର ପ୍ରେମ କାହାଣୀ କଥା - ସେତେବେଳେ କିଛି ବିଚାର ନକରି ମୁଁ କହି ବସିଲି ସେଇ କବିତାର କଥା। କବିର କଥା। ବିବାହର ପ୍ରଥମ ମିଳନର ରାତିରେ ନିଜ ସ୍ୱାମୀଙ୍କ ମନ ଭିତରେ ନିଜେ ନିଜ ପାଇଁ ବୁଣି ଦେଲି ଅବିଶ୍ୱାସର ମଞ୍ଜି।

ପୂରବୀ - ଏ ହେଃ ...। ଏମିତି କାହିଁକି କଲେ ଯେ?

ଆଚ୍ଛା। କେମିତି ଥିଲା ତାଙ୍କର ପ୍ରତିକ୍ରିୟା?

ମୋ'ତେ ତୁମର ଏଭଳି ପିଲାଳିଆ ବ୍ୟବହାର କଥା ଶୁଣି ଖୁବ୍ ଚିନ୍ତା ଲାଗୁଛଇ।

ଯଦିଓ ସ୍ୱୀକାରୋକ୍ତି ଠିକ୍ ତେବେ କୌଣସି ସତ୍ୟତା ନଥାଇ ଏମିତି ନିଜ ସ୍ୱାମୀଙ୍କ ମନରେ ନିଜ ପାଇଁ ଅବିଶ୍ୱାସର ମଞ୍ଜି ନିଜେ ବୁଣିବା, ମୂର୍ଖାମି ନୁହେଁ ତ ଆଉ କ'ଣ ଯେ!

ସ୍ନିଗ୍ଧା - ସତ କହିଲ ପୂରବୀ। ସେଇଭଳି ନିରୀହ, ସରଳ ମନଟିଏ ସେଯାଏଁ ଧରି ରଖିଥିଲି ବୋଲି ହିଁ ତ ଏମିତି ହାରିଗଲି ଜୀବନ ଯୁଦ୍ଧରେ ପୂରବୀ। ନହେଲେ ଏମିତି ଦୁଃଖର ବୋଝକୁ ଛାତିରେ ବୋହି ବୁଲୁଥାନ୍ତି କାହିଁକି ଯେ?

ସେଇ ଚାଲାକ୍ ଝିଅମାନେ ସୁଖରେ ରହନ୍ତି, ଯେଉଁମାନେ ଅଧାବାଟରୁ ପ୍ରେମିକକୁ ଛାଡି ଦେଇ ଆସି ପୁଣି ସ୍ୱାମୀର ବିଶ୍ୱସ୍ତପରି ନିଜକୁ ତା ସାମ୍ନାରେ ଦେଖାଇ ଜାଣନ୍ତି।

ମୋ' ଭଳି ବୋକୀ ଝିଅଙ୍କ ପାଇଁ ଜାମା କାହିଁ ଯେ ଏ ସଂସାରରେ। ନା' ସେମାନେ ନିଜ ପାଇଁ ବଞ୍ଚି ପାରନ୍ତି ବାପଘରେ। ନା ଶ୍ୱଶୁର ଘରେ ଓ ନା ହିଁ ଆଉ ଅନ୍ୟ କୌଣସି ଜାଗାରେ।

ଛାଡ...। ସେ ସବୁ କଥା ଆଜି ଥାଉ।

ଆଜି ଯେ ମନ ଖୁବ୍ ଭାରି ଭାରି ଲାଗିଲାଣି। ଆଉ କେବେ। ଆଜି ଥାଉ ...।

- ପୂରବୀ!

- ହୁଁ!

- ମୁଁ ଯଦି ଠିକ୍ କହୁଛି, ତେବେ ଏ ଭିତରେ ବୋଧହୁଏ ବିତି ସାରିଲାଣି ପନ୍ଦର ଦିନ। ପୁରା ଦି' ସପ୍ତାହ।

ତଥାପି କାହିଁକି ଓହ୍ଲାଉନି ଏ ଛାତିର ବୋଝ। ସେଇ ଭୁଲି ଆସିଥିବା ଅବାଞ୍ଛିତ ସ୍ପର୍ଶ ଗୁଡିକର ଯନ୍ତ୍ରଣା ଅଧିକ ତାଜା ଓ ସତେଜ ହେବାରେ ଲାଗିଛି।

ଏଥିରୁ ମୁକ୍ତି କାହିଁ? କେମିତି ମିଳିବ?

- ମୁକ୍ତିର ଉପାୟ ତ ଜାଣିନି। ତେବେ ଉପଶମ ମିଳିପାରେ, ଯଦି ପର ଜୀବନର ସୁଖଦ ମୁହୂର୍ତ୍ତଙ୍କୁ ମନେ ପକାଇବାକୁ ଚେଷ୍ଟା କର। ମୋ' ସାନ କୁହା ମାନ। ଭୁଲିଯାଅ ସେ ସବୁ କଥା, ଗୋଟେ ଦୁଃସ୍ୱପ୍ନ ପରି। ଚାଲ ଆମେ ଆଗକୁ ବଢ଼ିବା।

*(କ୍ରମଶଃ)*



## କୃଷ୍ଣଚୁଡା



**ନିରଞ୍ଜନ ସାହୁ**

ବୈଶାଖର ଢ଼ୋକଢ଼ୋକ ତାତି ପିଇ
ହସୁଥାଏ କୃଷ୍ଣଚୁଡା
ବୈଶାଖ ଖରାକୁ ବେଖାତିର କରେ
ହେଉ ପଛେ ଗଛ ବୁଢା ।
ବୈଶାଖରେ ଖରା ବଢ଼ିବଢ଼ି ଯାଏ
ଶୁଖିଯାଏ ଗଛ ମୁହଁ
କୃଷ୍ଣଚୁଡା କିନ୍ତୁ ଘୋଷଣା କରଇ
ତୁମ ଭିତରେ ମୁଁ ନୁହଁ
ନାଲିଆ ଫୁଲରେ ସଜେଇ ହୋଇକି
ହସୁଥାନ୍ତି ଗଛଗୁଡା।
ସବୁଜିମା ଭରା ଗହଳ ପତ୍ରରେ
ତା ଦେହ ହୋଇଛି ସଜା
କୃଷ୍ଣଚୁଡା ମୂଳେ ଦଣ୍ଡେ ଛିଡାହେଲେ
ଶୀତଳତା ଦିଏ ମଜା
କବି, ଭାବୁକଙ୍କୁ ଆକର୍ଷିତ କରେ
ନାରୀ ନ ଖୋସନ୍ତି ଜୁଡ଼ା।
କୃଷ୍ଣଚୁଡା କଢ଼ ତୋଳିନେଇ ପିଲେ
ବସନ୍ତି ହୋଇକି ମେଳ
ଗଞ୍ଜାଲଢେଇର ନାମେ ଖେଳିଥାନ୍ତି
ଭିନ୍ନ ସ୍ୱାଦ ଭରା ଖେଳ
ପୋଖରୀର ଜଳ ଦର୍ପଣରେ ଦିଶେ
କୃଷ୍ଣଚୁଡା ଥିଲେ ହୁଡ଼ା।

*ନିହଲ ପ୍ରସାଦ, ଗଁଦିଆ ପାଟଣା,ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୧୯୩୮୭୪୧୫୮୩*

## ଭାଷା



**ସୁନନ୍ଦା ମହାନ୍ତି**

ଯେତେ ଦୂର ଉଡୁ ପକ୍ଷୀ
ଉଡାଣ ଯେତେ ଭଲ ହେଇଥାଉ
କଷ୍ଟ ବେଳେ ଡାକ ବୋଉ
ଯିଏ ଯେତେ ଛିଗୁଲେଇ କହୁ
ଭାଷା ମିଠା ମହୁ ସତେ କୋଇଲି କୁହୁ
ହିନ୍ଦି ଇଂରାଜି ତେଲୁଗୁ ତାମିଲ ପାରୁନି ମୋହି
ତାକୁ କଣ ମୋ ଭାଷା କହି ଆସେକି
କହିପାରିବୁ ମୋ ରାଜ୍ୟର ନଈ
ଫୁଟେ ସେଠି କେତେ ପଦ୍ମ କେତେ କଇଁ
କହିପାରିବ ମୋ ମାଟି ମାଆ
ସବୁ ତା ଭିତରୁ ହୋଇ ଆହା ସାହା ରାହା
ପବନରେ ଶକ୍ତି ପାଣିରେ ଗତି ମୁକ୍ତି
ଗଛର ଛାଇ ସୂର୍ଯ୍ୟ ଭିଟାମିନ ଡି ଦେଇ
ଦେଖାନ୍ତି ଏଇ ହିଁ ରାସ୍ତା
ଖୋଜେନା ମୋ ଦେଶଭାଇ ସୁବିଧା ଶସ୍ତା
ମୋ ଭାଷା ମତେ ଭଲ ତୋ ଭାଷା ତତେ
ଦି ପଦ କହି ଦେଲେ ବିଶ୍ୱ ପାଖେ ଲାଗେ
ମୋ ରାଇଜ ପାଖାଳ ଆମ୍ବ କଷି ବଉଳ
ରଜ ଦୋଳି ଖେଳ ପୁଣି ଗଛ ଡ଼ାଳ ଦୋଳି ଖେଳ
ଏମିତି ଅନେକ କଥା ତା ସଙ୍ଗେ କେତେ ନଥା
ଆଦରକାରୀ କିଛି ନାହିଁ
ଯିଏ କହୁଛି ମୋ ଦେଶ ରାଜ୍ୟ
ଜିଲ୍ଲା ସହର ଗାଁ ନାଁରେ
ବର୍ଜ୍ୟ ସେହି ରଦ୍ଦି କରି ବିକିଦେବ ମୋ ଗାଁ ଭାଇ।

*ସାକ୍ଷୀଗୋପାଳ,ପୁରୀ*
*ଭ୍ରାମ୍ୟଭାଷ : ୯୦୪୦୯୭୭୩୨୭*

## ଏକ ନିଶବ୍ଦ ସହର




**ମମତା ପଟ୍ଟନାୟକ**

ସାରା ରାତି ଉଜାଗର ତୁମ ସ୍ମୃତିରେ
ଭାବି କି ପକ୍ଷରିଛ, ଆଜି ମୁଁ ତୁମ ସହରର
ଏକ ନିଶବ୍ଦ ଗଳିରେ।
ଗଳିର ଶେଷ ଘରଟିରେ ଲେଖାଥିବା ଆମ ନା
ଲିଭି ଯାଇନି କି ହଜି ଯାଇନି।
ବାରମ୍ବାର ସତେଇ ଦେଉଛି ତୁମ ପ୍ରତିଛବି
ହଜି ଯାଉଛି ମୁଁ ତୁମ ଅତୀତରେ,
ଓଃ, ଭାରି କଷ୍ଟ!
ମୋତେ ତୁମର ରୁଣୁଝୁଣୁ ପାଉଁଜିର ଶବଦ
ଶୁଭୁଛି କେଉଁ ଏକ ଗଳିରୁ,
ଆସିବା ପରି ଲାଗୁଛି, କୁହେଳିକା ନୁହଁ ତ?
ସ୍ୱପ୍ନ ପରି ଲାଗୁଛି,
ଆଗ୍ରହରେ, ଆଶଙ୍କାରେ କାନେଇ ରହିଛି।
ହାତଠାରି ଡାକୁଥିଲା ସେ ସବୁ ଅତୀତ।
ବହୁତ ଡର ମାଡୁ ଥିଲା ଆଗକୁ ବଢ଼ିବାକୁ।
କାନଗୁହାରେ କେହି ଜଣେ କହି ଯାଉଥିଲା-
ସେ ମରୀଚିକା ନୁହଁ, କି କୁହେଳିକା ନୁହଁ।
କେବଳ ଏକ ନିଶବ୍ଦ ସହରର ଅଭୁଲା ସ୍ମୃତି
କେବଳ ଏକ ନିଶବ୍ଦ
ସହରର ଭୟାନକ ଅତୀତ।

*ଧର୍ମଗଡ଼*

## ମୃତ୍ୟୁ ସହ ଯୁଦ୍ଧ



**ବର୍ଷାରାଣୀ ମହାମଲ୍ଲୀକ**

କେଉଁ ବର୍ଣ୍ଣର ମୃତ୍ୟୁ?
ଦେଖିବାକୁ ସେ କେମିତି?
କେମିତି ଲାଗେ ସେ ଆସିଲେ?
ମୁଁ ଜାଣିନି,
ଅବଶ୍ୟ କେହି ଜାଣି ନାହାଁନ୍ତି।

ବୋଧେ ମତେ ଆବୋରି ନେଇଥାନ୍ତା
ଆଉ କେତେକଙ୍କ ସହ ସେ...
ଯଦି, ସେମାନେ ମୋ ପାଖେ ନ ଥାନ୍ତେ
ସେ ଈଶ୍ୱର ତ ସେଇଠି
ଏଠି ଯେଉଁ ଈଶ୍ୱର ବି ତାଙ୍କ କର୍ତ୍ତବ୍ୟ କଲେ,
ଆଉ ମୁଁ ସେମିତି ନିସ୍ତେଜ ଅବସ୍ଥାରେ..

ମୁଁ ମୃତ୍ୟୁ ସହ ଲଢୁଥିଲି
ପରୋକ୍ଷରେ ସତ ହେଲେ,
ସେମାନେ ମୃତ୍ୟୁକୁ ଘଉଡାଉଥିଲେ
ବାପା ବାରମ୍ବାର ମୁଣ୍ଡ ଆଉଁସି
ତାପମାତ୍ରା ମାପୁଥିଲେ
ପୂର୍ବାବସ୍ଥା ଆଉ ଏବର ସ୍ଥିତି ତୁଳନା କରୁଥିଲେ
ମାଁ ଗୋଡ଼ ପାଖେ ବସି ଘସୁଥାଏ
ଭାଇ ଆସି ଔଷଧ ବରାବର ଦେଉଥାଏ
ଭାଉଜ ମୁଣ୍ଡ ଚାପୁଥାନ୍ତି..

ମୁଁ ଅବଶ୍ୟ ଖୁବ୍ ଯନ୍ତ୍ରଣା ଭୋଗିଲି
କିନ୍ତୁ ମୃତ୍ୟୁ ବୋଧେ ବାଟ ପାଇଲାନି
ମତେ ନେବାକୁ
କଣ ମୁଁ ଏକା ଲଢୁଥିଲି
ମୋ ସହ ଏମାନେ ସମସ୍ତେ ସାମିଲ୍ ଥିଲେ
ମୃତ୍ୟୁ ସହ ଯୁଝୁଥିଲୁ ମିଶି।

ମୃତ୍ୟୁ ଚିରନ୍ତନ ସତ୍ୟ
ଏଥର ସିନା ଚାଲିଗଲା ପହରା ଦେଇ
କେବେ ତ ପୁଣି ନିଶ୍ଚୟ ଆସିବ
ଯେବେ ମୋ ଠାରେ କାର୍ଯ୍ୟ ଥିବ
ସମୟ ନ ଆସିଲେ
ମୃତ୍ୟୁ ବି ଆସେନି ପାଖକୁ
ମୁଁ ତ ଭୁଲି ଯାଇଥିଲି।

*ବରଗଡ଼*

## ଆମେତ ଓଡ଼ିଆ



**ରମେଶ ଚନ୍ଦ୍ର ନାୟକ**

କିଏସେ କୁହଇ ଓଡ଼ିଆ କୁଢିଆ
ବସି ଶୋଇକରି ଖାଉଛି,
କି ଥିଲା ଏ ରାଜ୍ୟ କି ହୋଇଛି ଆଜ
ଆଖି ଆଗେ ଦେଖା ଯାଉଛି।

ଚାଷ କାମେ ଆଉ ଲାଭ ନାହିଁ କହି
ନ ଖଟି ସାଜନ୍ତି ଦାଦନ,
ପର ବିଲେ ଖଟି ଆହାର ଯୋଗାନ୍ତି
ଆମରି ଓଡ଼ିଆ ସନ୍ତାନ।

ଯିଏ ଯେଉଁ ଦେଶେ ଖଟୁନା କାହିଁକି
ଓଡ଼ିଆ ରକତ ସବୁଠି,
କିଏ ଉଚ୍ଚ ସ୍ଥାନେ ଅବା ଥାଏ ନିମ୍ନେ
ଓଡ଼ିଆ ବାସନା ସେଇଠି।


ଆମେତ ଓଡ଼ିଆ ସବୁଠି ବଢିଆ
କାହିଁକି ଗରବେ କହିବା,
ଆମରି ଭାଷା ତ ବିଶ୍ୱରେ ବିଦିତ
ତୁଳନା କିମ୍ପାଇ କରିବା।

ଦେଶ ରାଷ୍ଟ୍ରପତି ରାଜ୍ୟ ମୁଖ୍ୟମନ୍ତ୍ରୀ
ଜାଣି ନାହିଁ କିଏ କୁହତ,
ସମସ୍ତେ ଜାଣନ୍ତି ଖାଣ୍ଟି ଓଡିଆ ସେ
ଆମରି ଓଡିଶା କଥାତ।


ଆଉ କିଛି କଥା କହିବା ପୂର୍ବରୁ
ଜାଗ୍ରତ କରନ୍ତୁ ଭାବନା,
ଓଡ଼ିଆ ସଂସ୍କୃତି ପରମ୍ପରା ଆଦି
ନ ସହୁ କଷଣ ଯାତାନା।
ରମେଶ ଚନ୍ଦ୍ର ନାୟକ

*ଦରଭା, ମଙ୍ଗଳପୁର, ଯାଜପୁର*
*ଭ୍ରାମ୍ୟଭାଷ : ୭୯୭୮୧୫୧୭୧୦*

## ଜୀଅନ୍ତା ଶବ



**ଅସିତ ପଣ୍ଡା**



*(ପୂର୍ବପ୍ରକାଶ ଉତ୍ତାରୁ)*

ଆଇନତଃ ସେ ହିଁ ତାଙ୍କ ବଡ଼ ଝିଅ ତେଣୁ ସାଇ ପଡ଼ିଶାଙ୍କ କଥାକୁ କାନ ନଦେବା ପାଇଁ। ସେବେଠୁ ପୂର୍ଣ୍ଣଛେଦ ପଡିଥିଲା ଏକଥାର।

ପାଠ ଭଲ ପଢୁଥିଲା ବୋଲି ବିଶୁ ବାବୁ ସହରର ସବୁଠୁ କଲେଜରେ ତାର ନାମ ଲେଖେଇଥିଲେ। ହଷ୍ଟେଲରେ ରହି ପଢ଼ିବା ଭିତରେ ସେ ପଡିଲା କାହା ପ୍ରେମରେ। ଯଦିଓ ବିଶୁ ବାବୁ ଜାତି ଗୋତ୍ରରେ ବିଶ୍ୱାସ ରଖୁ ନଥିଲେ ତଥାପି ସ୍ୱପ୍ନ ଥିଲା ଝିଅ ଏକ ଭଲ ପ୍ରତିଷ୍ଠିତ ଘରର ବୋହୁ ହେବ। ଯେମିତି ସବୁ ଅଝଟ ପୂରଣ କରି ଅଲିଅଳରେ ବଢେଇଛନ୍ତି ସେମିତି ତାର ସ୍ୱାମୀ ବି ନିଜ ରୋଜଗାରରେ ତାର ସବୁ ଇଛା ପୂର୍ତ୍ତି କରି ପାରୁଥିବ। ଶ୍ରଦ୍ଧା ଭଲ ପାଉଥିବା ପୁଅ ପାଖରେ ନା ପାରିବାରିକ ପ୍ରତିଷ୍ଠା ଥିଲା ନା ରୋଜଗାର। ଟିଉସନ କରି ପେଟ ପାଳୁଥିବା ଏକ ଗରିବ ପରିବାରର ପିଲାକୁ ଭଲ ପାଉଥିଲା ଶ୍ରଦ୍ଧା। ସେଇଥି ପାଇଁ ସେ ପୁଅ ବିଷୟରେ କେବେ ଘରେ କାହାକୁ କିଛି କହିବାକୁ ସାହସ କରିନଥିଲା। କହିଥିଲେ ହୁଏତ ବିଶୁ ବାବୁ ନିଜ ଝିଅର ଖୁସି ପାଇଁ ସେଥିରେ ମଧ୍ୟ ରାଜି ହୋଇ ସେମାନଙ୍କ ବାହାଘରକୁ ସ୍ୱୀକୃତି ଦେଇ ଦେଇଥାନ୍ତେ। କିନ୍ତୁ ଶ୍ରଦ୍ଧା ତାଙ୍କୁ ନଜଣେଇ ଏକ ଅପ୍ରୀତିକର ନିଷ୍ପତି ନେଇଗଲା। ସେଦିନ ଥିଲା ଦୀପାବଳୀ। ଛୁଟିରେ ହଷ୍ଟେଲରୁ ଘରକୁ ଆସିଥିଲା ସେ। ସମସ୍ତେ ଘରେ ଦୀପାବଳି ଉତ୍ସବର ଖୁସିରେ ମସଗୁଲ। ମାଆଙ୍କୁ ଜିଦି କରି ସବୁ ଗହଣା ନିଜର ପିନ୍ଧିବା ସହ ସାନ ଭାଉଣୀଙ୍କ ଗହଣା ମଧ୍ୟ ପିନ୍ଧି ଫୋଟୋ ଉଠାଉଥିଲା। ଆଉ ଯା ଭିତରେ ସମସ୍ତଙ୍କ ନଜରକୁ ଆଡେଇ ଗଡ଼ରେଜରୁ ବାର ହଜାର ଟଙ୍କା ଓ ସମସ୍ତ ଗହଣା ସହ ପଳେଇ ଥିଲା ସେ ପୁଅ ସହ। ଗାଁ ଲୋକଙ୍କ ଠୁଁ ସକାଳ ଯାହା ସୂଚନା ପାଇଲେ ସେଇ ବସ ଷ୍ଟାଣ୍ଡର ରାମ ମନ୍ଦିରରେ ସନ୍ଧ୍ୟାରୁ ପିଲାଟିଏ ବାଇକ ରଖି ଜଗିଥିଲା। ଆଉ ରାତି ଏଗାର ପାଖାପାଖି ହେବ ଶ୍ରଦ୍ଧାକୁ ତା ବାଇକରେ ବସି ଯାଇଥିବାର ଦେଖିଥିବାର କିଛି ଲୋକ କହିଲେ। ଯେଉଁ ମନ୍ଦିରରୁ ତାକୁ ଘରକୁ ଶ୍ରଦ୍ଧାରେ ନେଇ ଆସିଥିଲେ ସେ ଶ୍ରଦ୍ଧାର ଡୋର ଛିଣ୍ଡେଇ ଶ୍ରଦ୍ଧା ସେଇ ମନ୍ଦିରଠୁଁ ଆଉ କାହା ସହ ପଳେଇ ଗଲା। କିନ୍ତୁ ଗଲା ବେଳେ କେବଳ ଗହଣା କି ଟଙ୍କା ନେଇନଥିଲା, ନେଇଯାଇଥିଲା ବିଶୁ ବାବୁଙ୍କ ସ୍ୱାଭିମାନ, ଆତ୍ମସମ୍ମାନ ଓ ସାମାଜିକ ପ୍ରତିଷ୍ଠାକୁ। ରାତି ପହିବା ଠୁଁ ଗାଁ ଯାକର ରାସ୍ତା ଘାଟ ଛକ ବଜାର ସବୁଠିଁ ଗୋଟିଏ ଚର୍ଚ୍ଚା 'ବିଶୁ ମାଷ୍ଟ୍ରଙ୍କ ଝିଅ କାଲି ରାତିରେ କେଉଁ ଟୋକା ସହ ପଳେଇ ଯାଇଛି।' କାହା କାହା ମୁହଁ ବନ୍ଦ କରିବେ? କାହା କାହାକୁ ଉତ୍ତର ଦେବେ? ସେବେଠୁ ନିରୁତ୍ତର ବିଶୁ ମାଷ୍ଟର। ଯେଉଁ ଝିଅର ଆତ୍ମ ସମ୍ମାନରେ କେବେ ଆଞ୍ଚ ନ ଆସୁ, ଅନାଥ ବୋଲି ତା ମନରେ କେବେ ଗ୍ଲାନି ନ ଆସୁ ବୋଲି ତାର ପ୍ରକୃତ ପରିଚୟ ସେ ନିଜ ସ୍ତ୍ରୀ ଠୁଁ ବି ଲୁଚେଇ ରଖିଥିଲେ ଆଜି ସେଇ ଝିଅ ତାଙ୍କ ଆତ୍ମ ସମ୍ମାନକୁ ଚୁନା ଚୁନା କରି ଗାଁ ଦାଣ୍ଡରେ ଗଡେଇ ଦେଇ ଗଲା ବେଳେ ଟିକିଏ ବି ଗ୍ଲାନି ବୋଧ କଲାନାହିଁ। ସେବେଠୁ ସାତବର୍ଷ ବିତି ଗଲାଣି ଅଥଚ କେହି ବିଶୁ ମାଷ୍ଟ୍ରଙ୍କ ମୁହଁରେ ହସ ଧାରେ ଦେଖିନି କି କେଉଁ ପୂଜା ପାର୍ବଣରେ ବି ତାଙ୍କୁ ଗାଁ ଦାଣ୍ଡରେ କେହି ଦେଖିନି। କେଜାଣି ତାଙ୍କ ଛାତି ଭିତରେ ସେ ଚାପି ରଖିଥିବା ଗ୍ଲାନି ଝିଅ ପଳେଇବାର ନା ଏକ ଅନାଥ ଝିଅକୁ ନାଁ ଦେଇ ପାରିବାରର ଜଣେ କରେଇ ଥିବାର ଅପରାଧବୋଧର। ବିଶୁ ମାଷ୍ଟ୍ରେଙ୍କ ଭଳି ମିଷ୍ଟଭାଷୀ ମେଳାପୀ ବାପାକୁ ଏକ ଜୀଅନ୍ତା ଶବ ସଜେଇ ଦେଉଥିବା ଶ୍ରଦ୍ଧା ଭଳି ଝିଅ ମାନେ କେବେ ଆତ୍ମ କରିବେ କି ନା ତା ଜଣା ନାହିଁ କିନ୍ତୁ ବିଶୁ ମାଷ୍ଟ୍ର ଭଳି ବାପା ମାନେ ହୁଏତ ଆଉ କେଉଁ ଶ୍ରଦ୍ଧା ଉପରେ ଭରଷା କରି ପାରିବେନି।

*ବାଲେଶ୍ୱର*

# କଣ୍ଟାମାଳରେ ବିଜେପି ଓ ବିଜେଡ଼ି ମଧ୍ୟରେ ହେବ କଡା ମୁକାବିଲା





**ସୁବର୍ଣ୍ଣପୁର,( ଉଗ୍ରସେନ କର୍ମୀ):** ୨୦୨୪ ସାଧାରଣ ନିର୍ବାଚନର ମତଦାନ ପାଇଁ ଆଉ ମାତ୍ର କମ ଦିନ ଥିବା ବେଳେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ପ୍ରଚାର ମଇଦାନରେ ସମସ୍ତ ଦଳର ବିଧାୟକ ପ୍ରାର୍ଥୀ। ବିଜେଡ଼ି ବିଧାୟକ ପ୍ରାର୍ଥୀ ମହିଧର ରଣା ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ବିଷୟରେ କହି ଭୋଟ୍ ଭିକ୍ଷା କରୁଥିବା ବେଳେ ବିଜେପି ପ୍ରାର୍ଥୀ କହ୍ନେଇ ଚରଣ ଦାଙ୍ଗ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଯୋଜନା ଓ କଣ୍ଟାମାଳ ବିଧାୟକ ମହିଧର ରଣାଙ୍କ ମନମୁଖୀ କାର୍ଯ୍ୟ ବିଷୟରେ କହି ଏଥର ପଦ୍ମ ଚିହ୍ନରେ ଭୋଟ ଦେବା ପାଇଁ କହୁଛନ୍ତି। ସେହିଭଳି କଂଗ୍ରେସ ପ୍ରାର୍ଥୀ ଯୁବ ନେତା ସରୋଜ ପ୍ରଧାନ ମଧ ଲୋକଙ୍କ ନିକଟରେ ପହଞ୍ଚି ଭୋଟ୍ ଭିକ୍ଷା କରୁଛନ୍ତି। ତେବେ ନିର୍ବାଚନ ଯେତିକି ପାଖେଇ ଆସୁଛି ବିଜୟ ଓ ପରାଜୟକୁ ନେଇ ଲୋକଙ୍କ ମଧ୍ୟରେ ଆରମ୍ଭ ହୋଇଗଲାଣି ଅଙ୍କକଷା। ୨୦୦୯ ମସିହାରୁ କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ଗଠନ ହେବା ଦିନଠୁ କଣ୍ଟାମାଳ ବିଜେଡ଼ି ଗଡ଼ଥିବା ବେଳେ ୨ ଥର ବିଧାୟକ ହେବା ସହ ତୃତୀୟ ଥର ମଧ ବିଜେଡ଼ି ପ୍ରାର୍ଥୀ ହୋଇଛନ୍ତି ମହିଧର ରଣା। କିନ୍ତୁ ଏଥର ବିଜେଡ଼ି ଗଡ଼ ଭାଙ୍ଗି ବିଜେପି ହାତକୁ କଣ୍ଟାମାଳ ଚାଲିଯିବା ନେଇ ଆଲୋଚନା ହେଉଛି। କାରଣ ମହିଧରଙ୍କ ସହ ହାତଗଣତି କେତୋଟି ଜନ ପ୍ରତିନିଧି ଥିବାବେଳେ ଅନେକ ଜନ ପ୍ରତିନିଧି ତଥା ମହିଧରଙ୍କ ଅଣଦେଖା କାରଣରୁ ଅନେକ ବିଜେଡ଼ି କର୍ମୀ ବିଜେପିରେ ମିଶି ସାରିଛନ୍ତି। ସେହିଭଳି ୧ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ ଓ ୩ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ଶଙ୍କର୍ଷଣ ପ୍ରଧାନ ବିଜେଡ଼ି ଦଳରେ ଥିଲେ ମଧ ବିଧାୟକ ପ୍ରାର୍ଥୀଙ୍କ ପ୍ରଚାରରେ ଦେଖାଯାଉନାହାନ୍ତି। କେବଳ କନ୍ଧମାଳ ସାଂସଦ ପ୍ରାର୍ଥି ଅଚ୍ୟୁତ ସାମନ୍ତଙ୍କ ପ୍ରଚାର କିମ୍ବା ବିଜେଡ଼ି ସାଙ୍ଗଠନିକ ସମ୍ପାଦକ ରବି ଦାସ କିମ୍ବା ୫ଟି ଅଧକ୍ଷ ଭିକେ ପାଣ୍ଡିଆନଙ୍କ କାର୍ଯ୍ୟକ୍ରମ ମାନଙ୍କରେ ଦେଖାଯାଉଥିବା ବେଳେ ମହିଧରଙ୍କ କୌଣସି ପ୍ରଚାର କାର୍ଯ୍ୟକ୍ରମରେ ଦେଖାଯାଉ ନାହାନ୍ତି ସତେ ଯେମିତି ଏମାନେ ମଇଦାନରୁ ଉଭାନ ହେଲା ଭଳି ମନେହେଉଛି। ବିଜେଡ଼ି ବିଧାୟକ ମହିଧର ରଣା କେବଳ ଠିକାଦାର ପୋଷା ନୀତି ଆପଣେଇବା ସହ ପୁରୁଖା ବିଜେଡ଼ି ନେତା ଓ କର୍ମୀଙ୍କୁ ଅଣଦେଖା କରୁଥିବାରୁ ଚଳିତ ନିର୍ବାଚନରେ ନୂତନ ବିଜେଡ଼ି ବିଧାୟକ ପ୍ରାର୍ଥୀ ପାଇଁ ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ (ବବି)ବାରମ୍ବାର ପରିବର୍ତ୍ତନ ସମାବେଶ କରିଥିଲେ କିନ୍ତୁ ଦଳର ସୁପ୍ରିମୋ ପୁଣି ମହିଧରଙ୍କୁ ଟିକେଟ୍ ଦେବାରୁ ବୌଦ୍ଧ ଅଧକ୍ଷ ବବି ରଥ ଓ ତାଙ୍କ ସମର୍ଥକ ଏବଂ ୨୦୧୯ ନିର୍ବାଚନର ସ୍ୱାଧୀନ ପ୍ରାର୍ଥୀ ଶେଷ ମେହେର ବିଜେପିରେ ସାମିଲ୍ ହୋଇଛନ୍ତି। ତେବେ ବିଜେପି ପ୍ରାର୍ଥୀ କହ୍ନେଇ ଚରଣ ଦାଙ୍ଗଙ୍କ ପ୍ରଚାରରେ ବୌଦ୍ଧ ବ୍ଲକ୍ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ପୂର୍ବତନ ବିଧାୟକ ପ୍ରାର୍ଥୀ ଶେଷ ମେହେର,୨ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ପଦ୍ମଲୋଚନା ପ୍ରଧାନ,୪ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀଙ୍କ ସମେତ ଅନେକ ସରପଞ୍ଚ, ସମିତିସଭ୍ୟମାନେ ସାମିଲ୍ ହୋଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। ଏସବୁକୁ ଦୃଷ୍ଟିରେ ରଖି ଲୋକଙ୍କ ଅଙ୍କକଷା ମଧ୍ୟରେ ବର୍ତ୍ତମାନ ବିଜେପି ଆଗରେ ଥିବା ଆଲୋଚନା ହେଉଛି। ହେଲେ ମଧ ତୃତୀୟ ଥର ବିଜୟୀ ହେବା ପାଇଁ ଦୃଢ଼ ମୂଳ ସ୍ତରରୁ ପ୍ରଚାରରେ ଲାଗି ପଡ଼ିଛନ୍ତି ବିଜେଡ଼ି ବିଧାୟକ ପ୍ରାର୍ଥୀ ମହିଧର ରଣା।ପ୍ରକୃତରେ ଚଳିତ ବର୍ଷ କାହାର ହେବ କଣ୍ଟାମାଳ, କିଏ ପିନ୍ଧିବ ବିଜୟ ମୁକୁଟ ତାହା ଆସନ୍ତା ଜୁନ୍ ୪ ତାରିଖରେ ଭୋଟ୍ ଗଣତି ଦିନ ହିଁ ଜଣାପଡ଼ିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶାହାଙ୍କ ...

ରାଉରକେଲାର ପିଲା – ପିଲା ସମସ୍ତେ କାଶ୍ମୀର ପାଇଁ ନିଜର ଜୀବନ ଦେବାକୁ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୭୦ ବର୍ଷରୁ ଦେଶର ଘା' ପାଲଟିଥିବା ଧାରା ୩୭୦କୁ ହଟାଇ ଦେଶରୁ ଆତଙ୍କବାଦକୁ ସମାପ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଓ ଦେଶକୁ ନକ୍ସଲବାଦରୁ ମୁକ୍ତ କରିବାର କାର୍ଯ୍ୟ କରିଛନ୍ତି। ଏହି ନିର୍ବାଚନ ଓଡ଼ିଆ ଭାଷା, ସଂସ୍କୃତି ଓ ଗୌରବକୁ ପୁନର୍ସ୍ଥାପିତ କରିବାର ନିର୍ବାଚନ ଅଟେ। ପ୍ରଧାନମନ୍ତ୍ରୀ ଓଡ଼ିଶାର ଆଦିବାସୀ ଝିଅଙ୍କୁ ଦେଶର ରାଷ୍ଟ୍ରପତି କରିଛନ୍ତି, ଯେତେବେଳେ କି କଂଗ୍ରେସ କେବେ ବି କୌଣସି ଆଦିବାସୀଙ୍କୁ ରାଷ୍ଟ୍ରପତି କରିନାହିଁ। କେନ୍ଦ୍ର ଗୃହ ଏବଂ ସହକାରିତା ମନ୍ତ୍ରୀ କହିଛନ୍ତି ଯେ, ଦିଲ୍ଲୀରେ ଆୟୋଜିତ ଜି-୨୦ରେ ସାରା ବିଶ୍ୱରୁ ଆସିଥିବା ନେତାଙ୍କ ପାଇଁ ସଜାଯାଇଥିବା ସ୍ୱାଗତ ସ୍ଥାନରେ ଓଡ଼ିଶାର କୋଣାର୍କର ସୂର୍ଯ୍ୟମନ୍ଦିରର ଚିତ୍ର ଲଗାଯାଇଥିଲା। ପ୍ରଧାନମନ୍ତ୍ରୀ ଏହି ଫଟୋକୁ ଲଗାଇ ଓଡ଼ିଶାକୁ ପୂରା ବିଶ୍ୱରେ ପ୍ରସିଦ୍ଧ କରିବାର କାର୍ଯ୍ୟ କରିଛନ୍ତି। ପ୍ରଧାନମନ୍ତ୍ରୀ ପାଇକ ବିଦ୍ରୋହ ପାଇଁ ମୁଦ୍ରା ଓ ଡାକ ଟିକେଟ ବି ଜାରି କରିଛନ୍ତି। ବିଜେଡି ସରକାର ଓଡ଼ିଶାର ଗୌରବକୁ ପ୍ରତିଦିନ ଅପାମନ କରୁଛି। ବିଜେଡି ସରକାର ଆସ୍ଥା ଓ ଶ୍ରଦ୍ଧାର କେନ୍ଦ୍ର ଜଗନ୍ନାଥ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳ ବନାଇବା ନାମରେ ଏହାର ଅପମାନ କରୁଛି। ଓଡ଼ିଶାର ଲୋକେ ଓ ମହାପ୍ରଭୁଙ୍କ କୋଟି କୋଟି ଭକ୍ତ ଆଜି ରତ୍ନଭଣ୍ଡାର ଚାବି ରହସ୍ୟ ଜାଣିବାକୁ ଚାହୁଁଛନ୍ତି। ନବୀନ ବାବୁ କୁହନ୍ତୁ, ରତ୍ନଭଣ୍ଡାରର ଅସଲି ଚାବି କେଉଁଠି ଅଛି ଏବଂ ନକଲି ଚାବି କିଏ ବନାଇଛି ? ନକଲି ଚାବିରେ ରତ୍ନଭଣ୍ଡାର ଖୋଲାଯାଇଛି କି ନାହିଁ ? ତଦନ୍ତ କମିଶନର ରିପୋର୍ଟ ନବୀନ ସରକାର କେବେ ସାର୍ବଜନୀନ କରିବେ ? ବିଜେପି ସରକାର ଗଠନ ହେବାର ମାସକ ମଧ୍ୟରେ ରତ୍ନଭଣ୍ଡାରର ତଦନ୍ତ ରିପୋର୍ଟକୁ ସାର୍ବଜନୀନ କରିଦିଆଯିବ। ଶ୍ରୀ ଶାହ କହିଛନ୍ତି ଯେ, ଏହା ୨୫ ବର୍ଷ ଓଡ଼ିଶାର ବିକାଶର 'ଲାଷ୍ଟ ଇୟର' ଅଟେ। ଏହି ୨୫ ବର୍ଷ ଓଡ଼ିଶାକୁ ୫୦ ବର୍ଷ ପଛକୁ ଠେଲିଦେଇଛି। ପଶ୍ଚିମ ଅଞ୍ଚଳ ସହିତ ଓଡ଼ିଶା ସରକାର ବୈମାତୃକ ବ୍ୟବହାର କରିଛନ୍ତି। ଆଜି ବି ରାଜ୍ୟର ୨୭ଲକ୍ଷ ପରିବାର ନିକଟରେ ପକ୍କା ଘର ନାହିଁ, ୨୬ ଲକ୍ଷ ଲୋକଙ୍କ ଘରେ ନଳ ଯୋଗେ ଜଳ ନାହିଁ, ୬୪୧୨ ଗାଁକୁ ପକ୍କା ରାସ୍ତା ନାହିଁ, ଓଡ଼ିଶାର ଚାଷୀଙ୍କ ଆୟ ଦେଶରେ ସବୁଠୁ କମ୍ ଅଟେ। ଓଡ଼ିଶାର ଲୋକେ ବିଜେପିର ସରକାର ଗଠନ କଲେ ଏହି ପରିବାରକୁ ପକ୍କା ଘର ମିଳିବ, ନଳ ଯୋଗେ ଜଳ ମିଳିବ, ପକ୍କା ସଡକ ନିର୍ମାଣ ହେବ ଏବଂ ଚାଷୀଙ୍କ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ସରକାର କିଣିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାରା ଦେଶର ଗରିବଙ୍କୁ ନିଶୁଳ୍କ ସ୍ୱାସ୍ଥ୍ୟସେବା ପାଇଁ ୫ଲକ୍ଷ ଯାଏ ସ୍ୱାସ୍ଥ୍ୟ ବୀମା ଦେଉଛନ୍ତି। ଓଡ଼ିଶାର ଲୋକେ ବିଜେପିର ସରକାର ଗଠନ କଲେ ୩ ମାସରେ ଆୟୁଷ୍ମାନ ଭାରତ ଅଧୀନରେ ସ୍ୱାସ୍ଥ୍ୟ ଖର୍ଚ୍ଚ ଦେବାର କାମ ବିଜେପି ସରକାର କରିବ। ଓଡ଼ିଶାରେ ନବୀନ ବାବୁଙ୍କ ସରକାର ବ୍ୟାଗ ସରକାର ଅଟେ, କାରଣ ଯେତେବେଳେ ଆଦରଣୀୟ ପ୍ରଧାନମନ୍ତ୍ରୀ ଗରିବଙ୍କ ପାଇଁ ୫ କିଲୋ ଶସ୍ୟ ଦେଉଛନ୍ତି ନବୀନ ବାବୁ ଏହାକୁ ନିଜର ବ୍ୟାଗରେ ଦେଇ ଗରିବଙ୍କୁ ଦେଉଛନ୍ତି। ନବୀନ ବାବୁ ବ୍ୟାଗକୁ ଖିଆଯାଏନି, ଶସ୍ୟ ତ ନରେନ୍ଦ୍ର ମୋଦି ଦେଉଛନ୍ତି। ଯଦି ସାମାନ୍ୟ ଲଜ୍ଜା ଅଛି ତେବେ ବ୍ୟାଗ ବଦଳରେ ୨ କିଲୋ ଚାଉଳ ଦିଅନ୍ତୁ, ଗରିବଙ୍କର ମଙ୍ଗଳ ହେବ। କେନ୍ଦ୍ର ଗୃହ ଏବଂ ସହକାରିତା ମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାରୁ ଅନେକ ଲୋକେ ରୋଜଗାର ପାଇଁ ଦେଶର ବିଭିନ୍ନ ସ୍ଥାନକୁ ଯାଉଛନ୍ତି ଏବଂ ଏଥିପାଇଁ ନରେନ୍ଦ୍ର ମୋଦି ୱାନ ନେସନ, ୱାନ ରାସନ କାର୍ଡ ଯୋଜନା ଆଣିଛନ୍ତି, ଯାହାଦ୍ୱାରା ରାଜ୍ୟରୁ ସ୍ଥାନାନ୍ତର ହୋଇ କାମ କରିବାକୁ ଯାଉଥିବା ଗରିବ ଯୁବକ କେଉଁଠାରୁ ବି ମାଗଣା ରାସନ ନେଇପାରିବ ଏବଂ ସେମାନଙ୍କର ମାଆ ବାପାଙ୍କୁ ବି ଓଡ଼ିଶାରେ ରାସନ ମିଳିପାରିବ। ନବୀନ ବାବୁ ଏହି ଯୋଜନା ଲାଗୁ କରିବାକୁ ଦେଉନାହାନ୍ତି ଏବଂ ମଝିରେ ଅଧିକାରୀ ସେହି ରାସନକୁ ଗାଏବ କରିଦେଉଛନ୍ତି। ବୀରମିତ୍ରପୁରରେ ଲାଇମ ଷ୍ଟୋନର ଖଣିକୁ ବନ୍ଦ କରିଦିଆଯାଇଥିଲା, ଯାହାକୁ ୨୦୧୪ରେ ବିଜେପି କାର୍ଯ୍ୟକ୍ଷମ କଲା, ରଘୁନାଥପାଲ୍ଲୀରେ ବିଶାଳ ଫର୍ଟିଲାଇଜର ପ୍ଲାଣ୍ଟ ଥିଲା, ଯାହାକୁ ୨୫ କୋଟି ଟଙ୍କାରେ ବିକ୍ରି କରାଗଲା। ଓଡିଶାରେ ମେଡିକାଲ କଲେଜର ଦାବି କ୍ରମରେ ୨୦୧୩ରେ ନବୀନ ବାବୁ ଶିଳାନ୍ୟାସ ତ କଲେ କିନ୍ତୁ କେବେ ହେଲେ ଚାଲୁ କଲେ ନାହିଁ। ନରେନ୍ଦ୍ର ମୋଦୀଙ୍କ ସରକାର ତାକୁ ଚାଲୁ କରିବାକୁ ଯାଉଛନ୍ତି। କୋୟଲ ନଦୀରେ ଆଜି ପର୍ଯ୍ୟନ୍ତ ବ୍ୟାରେଜ୍ ନିର୍ମାଣ କଲେ ନାହିଁ କାରଣ ନବୀନ ବାବୁଙ୍କ ଶାସନରେ ଜନ ପ୍ରତିନିଧି ନୁହେଁ ବରଂ ଅଫିସର ରାଜ୍ୟ ଚଳାନ୍ତି। ଏଥିପାଇଁ ଆଦିବାସୀଙ୍କ ଜମି ଛଡାଇ ନିଆଯାଏ। ଶ୍ରୀ ଶାହ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଆଦିବାସୀଙ୍କ ସମ୍ମାନ କରିଛନ୍ତି। ୨୦୦ କୋଟି ଖର୍ଚ୍ଚରେ ଟ୍ରାଇବାଲ ମ୍ୟୁଜିୟମ୍ ନିର୍ମାଣ କରାଯାଉଛି, ୧୫ ନଭେମ୍ବରକୁ ଭଗବାନ ବିର୍ସା ମୁଣ୍ଡାଜୀଙ୍କ ଜୟନ୍ତୀକୁ ଆଦିବାସୀ ଗୌରବ ଦିବସ ରୂପରେ ପାଳନ କରିବାକୁ ନିର୍ଣ୍ଣୟ ନିଆଯାଇଛି ଓ ଆଦିବାସୀ କଲ୍ୟାଣର ବଜେଟ ଯାହା ପୂର୍ବରୁ ୨୪ ହଜାର କୋଟି ଟଙ୍କାର ଥିଲା ତାହାକୁ ୧ ଲକ୍ଷ ୨୪ ହଜାର କୋଟି ଟଙ୍କା କରାଯାଇଛି। ସିକିଲ ସେଲ୍ ଶେଷ କରିବାପାଇଁ ମିଶନ ଆରମ୍ଭ କରାଗଲା ଏବଂ ୭୪୦ ଏକଲବ୍ୟ ସ୍କୁଲ ନିର୍ମାଣ କରିବାର କାମ ମଧ ନରେନ୍ଦ୍ର ମୋଦୀ କରିଛନ୍ତି। ଭାଜପା ସାଂସଦ ସୁନ୍ଦରଗଡର ବିକାଶ ପାଇଁ ୭୦୦ କୋଟି ଟଙ୍କା ଖର୍ଚ୍ଚ କରି ୨୪ କିଲୋମିଟରର ବୀରମିତ୍ରପୁର ବ୍ରାହ୍ମଣୀ ବାଇପାସ୍ କରିଛନ୍ତି , ୫୫୦ କୋଟି ଟଙ୍କା ବ୍ୟୟରେ ୪୭ କିଲୋମିଟରର ଜାତୀୟ ରାଜମାର୍ଗ ୧୪୩ କରିଛନ୍ତି ,୨୨୦୦ କୋଟି ଟଙ୍କା ବ୍ୟୟରେ ୩୧୦ କିଲୋମିଟରର ରେଳ ଲାଇନ୍ ର ବିକାଶ କରିଛନ୍ତି , ରାଉରକେଲାରେ ବନ୍ଦେ ଭାରତ ଟ୍ରେନ୍ ଆରମ୍ଭ କରିଛନ୍ତି ଏବଂ ଝାରସୁଗୁଡାରେ ମଲ୍ଟିମଡେଲ ଲଜିଷ୍ଟିକ୍ ପାର୍କ ନିର୍ମାଣ କାମ କରାଯାଇଛି। ନବୀନ ବାବୁ ଓଡିଶାର ଭଲ କରିପାରିବେ ନାହିଁ , ଯଦି ଓଡିଶାର ବିକାଶ କରିବାର ଅଛି ତେବେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ୍ ର ସରକାର ଆଣିବାକୁ ହେବ।

### ୟେ କ'ଣ ଓଡ଼ିଆ ...

ସ୍ୱଭାବ କବି ଗଙ୍ଗାଧର ମେହେର'ଙ୍କୁ ଅପମାନ କରିବାକୁ ପଛାଇ ନାହାନ୍ତି। ଏହି ଦୁଇ ବରପୁତ୍ରଙ୍କ ପାଇଁ ସମ୍ବଲପୁର ମାଟି ସହ ସମଗ୍ର ଓଡ଼ିଶା ଗର୍ବ କରେ। କିନ୍ତୁ ଗଙ୍ଗାଧର ମେହେରଙ୍କୁ 'ସନ୍ଥ କବି' ଏବଂ ଭୀମଭୋଇଙ୍କୁ ଖାଲି 'କବି' କହି ପାଣ୍ଡିଆନ ଓଡ଼ିଆଙ୍କ ଆତ୍ମସମ୍ମାନ ଓ ଅସ୍ମିତାକୁ କୁଠାରଘାତ କରିବାକୁ ପଛାଇନାହାନ୍ତି। ଗଣମାଧ୍ୟମରେ ଏହି ଚର୍ଚ୍ଚା ଓ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଲାପରେ ବି ପାଣ୍ଡିଆନ ନିଜର ବୟାନକୁ ନେଇ ଦୁଃଖ ବ୍ୟକ୍ତ କରିନାହାନ୍ତି। ତା'ଛଡ଼ା ୨୫ବର୍ଷର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଶାର ବରପୁତ୍ରମାନଙ୍କୁ ପାଣ୍ଡିଆନ ଏଭଳି ଅସମ୍ମାନ କରିଥିଲେ ମଧ ମୁଖ୍ୟମନ୍ତ୍ରୀ କିମ୍ବା ତାଙ୍କ ଦଳ କୌଣସି ସ୍ପଷ୍ଟୀକରଣ ଦେବାକୁ ଆଗ୍ରହ ଦେଖାଇନାହାନ୍ତି। ପୂର୍ବରୁ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସରକାର ପ୍ରଥମଥର ପାଇଁ 'ବିଶ୍ୱ ଓଡ଼ିଆ ସମ୍ମିଳନୀ'ର ଆୟୋଜନ କରିଥିଲେ। ଏହି ସମଗ୍ର କାର୍ଯ୍ୟକ୍ରମ ପାଣ୍ଡିଆନଙ୍କ ପତ୍ନୀ ତଥା ତତକାଳୀନ ରାଜ୍ୟ ଓଡ଼ିଆ ଭାଷା,ସ ାହିତ୍ୟ ଓ ସଂସ୍କୃତି ସଚିବ ସୁଜାତା କାର୍ତ୍ତିକେୟନ ରାଉତଙ୍କ ତଦାରଖରେ ହେଉଥିଲା। ଆଉ ଏହି ଭାଷା ସମ୍ମିଳନୀର ଉଦ୍‌ଘାଟନୀ ସମାରୋହରେ ବହୁ ପ୍ରତିଷ୍ଠିତ ଓଡ଼ିଆ ଭାଷା ବିଶେଷଜ୍ଞଙ୍କ ସମ୍ମୁଖରେ 'କାନ୍ତ କବି' ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ 'କଷ୍ଟ କବି' ବୋଲି ସମ୍ବୋଧିତ କରିବାକୁ ଉଦଘୋଷିକା ପଛାଇନଥିଲେ। ଏହି ଘଟଣାକୁ ନେଇ ସମଗ୍ର ରାଜ୍ୟରେ ସେତେବେଳେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ ରାଜ୍ୟବାସୀଙ୍କ ପାଖରେ କୌଣସି ଦୁଃଖ ପ୍ରକାଶ କରାଗଲାନି କିମ୍ବା କ୍ଷମାପ୍ରାର୍ଥନା କରାଗଲାନି। ଓଲଟା ଏହି ବିଶ୍ୱ ଓଡ଼ିଆ ସମ୍ମିଳନୀ ସ୍ଥଳରେ 'ସକ୍ସେସ ପାର୍ଟି ଆୟୋଜନ' କରି ପାଣ୍ଡିଆନ ଦମ୍ପତି ନିଜର ପତିଆରା ଦେଖାଇବାକୁ ଉଦ୍ୟମ କରିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ପାଣ୍ଡିଆନଙ୍କ ବୟାନକୁ ନେଇ ଉଦବେଗ ବ୍ୟକ୍ତ କରି କହିଛନ୍ତି ଯେ, ଓଡ଼ିଆ ବରପୁତ୍ରଙ୍କୁ ଅପମାନ ଭୁଲ୍ ନୁହେଁ ଗର୍ହିତ ଅପରାଧ। ଓଡ଼ିଶାର ଭାଷା, ସାହିତ୍ୟ,ସଂସ୍କୃତି, ପରମ୍ପରା ଐତିହ୍ୟ ହେଉଛି ଅନନ୍ୟ। ଯେଉଁମାନେ ସ୍ୱଭାବ କବି ଓ ସନ୍ଥ କବିଙ୍କ ଭିତରେ କେତେ ଫରକ ଅଛି ଜାଣିନାହାନ୍ତି ସେମାନଙ୍କଠୁ ଓଡ଼ିଆ ଅସ୍ମିତା ଆଶ ରଖିବା ବୃଥା। ଓଡ଼ିଶାର ପାଣି,ପବନ ସହ ନିଜର ଆତ୍ମିକ ସମ୍ବନ୍ଧ ବନାଇବାରେ ସେମାନେ ଅକ୍ଷମ ଓ ଅଯୋଗ୍ୟ। ବିଜେଡିର ଗୁମାସ୍ତା ତଥା ଅଣଓଡ଼ିଆ ନେତା ଭିକେ ପାଣ୍ଡିଆନ ଜାଣିରଖିବା ଉଚିତ୍ ଯେ, ସନ୍ଥକବି ଭୀମଭୋଇ ହେଉଛନ୍ତି ଓଡ଼ିଶା ଲୋକଙ୍କ ପ୍ରାଣର କେନ୍ଦ୍ରବିନ୍ଦୁ। ସ୍ୱଭାବକବି ଗଙ୍ଗାଧର ମେହେର ହେଉଛନ୍ତି ସମସ୍ତଙ୍କ ସ୍ମରଣୀୟ। ପାଣ୍ଡିଆନ ସମ୍ବଲପୁର ସଭାରେ ଯାହା କହିଛନ୍ତି ତାହା ଭୁଲ୍ ନୁହେଁ ଓଡ଼ିଆ ବରପୁତ୍ରଙ୍କ ପାଇଁ ଅପମାନ। ଏଥିରୁ ସ୍ପଷ୍ଟ ଯେ, ପାଣ୍ଡିଆନ ଓ ବିଜେଡି କେବେବି ଓଡ଼ିଆ ଅସ୍ମିତାକୁ ବୁଝିନାହାନ୍ତି। ସେମାନଙ୍କୁ ଏଭଳି ଅପରାଧ ପାଇଁ ଓଡ଼ିଶାବାସୀ କେବେବି କ୍ଷମା ଦେବେ ନାହିଁ ବୋଲି ଶ୍ରୀ ସାମଲ କହିଛନ୍ତି।

### ଜୁଲାଇରୁ ...

କିନ୍ତୁ ଗୁଜରାଟକୁ ଏକ ନମ୍ବର କରିପାରିଲେ କି ? ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଆପଣମାନଙ୍କ ଭଲପାଇବା ଓ ଜୋସ୍ ଦେଖି ଏ ମାଟିର ପୁଅ କେନ୍ଦ୍ରମନ୍ତ୍ରୀ ଡରିକି ନିଜକୁ ସମ୍ବଲପୁରକୁ କୋରିଅର କରିଦେଲେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ। ତା'ପରେ ସେ କହିଥିଲେ ଯେ ଓଡ଼ିଶା ୧ ନମ୍ବର ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ସହଯୋଗରେ ଓଡ଼ିଶାକୁ ଏକ ନମ୍ବର କରିବେ। ଯେଉଁ ରାଜ୍ୟମାନଙ୍କରେ ଡବଲ ଇଞ୍ଜିନ ଚାଲୁଥିଲା। ସବୁ ବନ୍ଦ ହୋଇଗଲାଣି। ଜୁନ ୯ ତାରିଖରେ ୧୧.୩୦ରୁ ଗୋଟାଏ ମଧ୍ୟରେ ନବୀନ ପଟ୍ଟନାୟକ ପୁନର୍ବାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ପ୍ରଥମ ଦସ୍ତଖତ ହେବ ବିଜୁଳି ବିଲ୍ ଛାଡ୍, ଓଡ଼ିଶାର ୯୦ ପ୍ରତିଶତ ପରିବାର ଉପକୃତ ହେବେ। ଜୁଲାଇରୁ ବିଜୁଳି ବିଲ ଆସିବନାହିଁ, ଏହା ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି। ନବୀନ ବାବୁଙ୍କ ମାଗଣା ବିଜୁଳି ଘୋଷଣା ଶୁଣି ବିଜେପିକୁ କରେଣ୍ଟ ଲାଗିଲାଣି । କହୁଛନ୍ତି, ସୋଲାର ପ୍ୟାନେଲ ବସାଇ ମାଗଣା ବିଜୁଳି ଦେବେ। ଏଥିପାଇଁ ଆପଣମାନଙ୍କୁ ୫୦ ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ବିଜେପି ଦଳ ଦିନରେ ଲଣ୍ଠନ ଦେଖାଉଛନ୍ତି। ତା'ପରେ ସେ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ଦସ୍ତଖତରେ ବି.ଏସ୍.କେ.ୱାଇ କାର୍ଡରେ ସମସ୍ତେ ସାମିଲ ହେବେ। ତୃତୀୟ ଦସ୍ତଖତରେ ମିଶନ ଶକ୍ତି ମା'ମାନଙ୍କ ପାଇଁ ୬୦ ବର୍ଷରେ ଭତ୍ତା ବ୍ୟବସ୍ଥା ହେବ। ଏହି ତିନୋଟି ହେଉଛି ନବୀନ ବାବୁଙ୍କ ଗ୍ୟାରେଣ୍ଟି। ଏହାକୁ ଘରେ ଘରେ ପହଞ୍ଚାନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଏହାପରେ ସେ ପଚାରିଥିଲେ କେନ୍ଦୁପତ୍ର ତୋଳାଳୀଙ୍କ ବୋନସ୍ କିଏ ଡବଲ କରିଛନ୍ତି ? ସନ୍ଥକବି ଭୀମ ଭୋଇଙ୍କ ସ୍ମୃତିପୀଠ ଓ ଜନ୍ମସ୍ଥାନର କିଏ ରୂପାନ୍ତରଣ କରିଛନ୍ତି ? ରେଢ଼ାଖୋଲରେ ବ୍ୟାପକ ଜଳସେଚନର ସୁବିଧା କିଏ କରିଛନ୍ତି ? ପାଣ୍ଡିଆନଙ୍କ ପ୍ରଶ୍ନରେ ଲୋକଙ୍କ ଠାରୁ ଉତ୍ତର ଆସିଥିଲା 'ମୁଖ୍ୟମନ୍ତ୍ରୀ' ଓ ମୁଖ୍ୟମନ୍ତ୍ରୀ। ପାଣ୍ଡିଆନ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିପୁଳ ଜନ ସମାବେଶ ଦେଖି ବିରୋଧୀଙ୍କ ଆତ୍ମବିଶ୍ୱାସ ଭାଙ୍ଗି ଗଲାଣି। ତେଣୁ ବାହାରୁ ଆସି ସେମାନଙ୍କ ନେତାମାନେ ନବୀନ ବାବୁଙ୍କୁ ଅସମ୍ମାନିତ କରୁଛନ୍ତି। ଆପଣମାନେ ସେହିବ୍ୟକ୍ତିମାନଙ୍କୁ କଡ଼ା ଜବାବ ଦିଅନ୍ତୁ।

### ମାମଲା ...

ସୁପ୍ରିମକୋର୍ଟଙ୍କ କହିବା କଥା ଯେ ମାମଲାକୁ ସ୍ୱତନ୍ତ୍ର କୋର୍ଟ ନିଜ ଜ୍ଞାତକୁ ନେବା ପରେ ଇଡି ଓ ଏହାର ଅଧିକାରୀଙ୍କୁ ଧାରା ୧୯ରେ ଗିରଫଦାରୀ ପାଇଁ ମିଳିଥିବା କ୍ଷମତା ଶକ୍ତିହୀନ ହୋଇପଡ଼ିବ। ଅଭିଯୋଗ ପର୍ଚ୍ଚରେ ଥିବା ବ୍ୟକ୍ତିଙ୍କୁ ଇଡି ଗିରଫ କରିପାରିବ ନାହିଁ। ଜଷ୍ଟିସ ଅଭୟ ଏସ ଓକା ଓ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ଇଡି ଦ୍ୱାରା ଯଦି ଅଭିଯୁକ୍ତ ଗିରଫ ହୋଇ ନାହାନ୍ତି ଓ ସମନ ପାଇବା ପରେ କୋର୍ଟ ଆସୁଛନ୍ତି, ତା'ହେଲେ ତାଙ୍କୁ ଜାମିନ ଦେବା ପାଇଁ ଧାରା ୪୫ରେ ପ୍ରଦତ୍ତ କୌଣସି କଠିନ ସର୍ତ୍ତର ଆବଶ୍ୟକତା ନାହିଁ। ସମନ ପରେ ଯଦି ଅଭିଯୁକ୍ତଙ୍କୁ ନିଜ ହେପାଜତର ନେବାର ଆବଶ୍ୟକ ରହିଛି ବୋଲି ଇଡି କହିବ, ତା'ହେଲେ ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କୋର୍ଟରେ ଆବେଦନ କରିବାକୁ ପଡ଼ିବ। ଯଦି କୋର୍ଟ ହେପାଜତର ଆବଶ୍ୟକ ରହିଛି ବୋଲି ଅନୁଭବ କରିବେ, ତା'ହେଲେ ଏଥିପାଇଁ ଅନୁମତି ଦେଇପାରିବେ। ଧାରା ୧୯ କହୁଛି ଯେ ଇଡି ଅଧିକାରୀମାନେ ଜଣେ ଅଭିଯୁକ୍ତଙ୍କୁ ନି ଇଚ୍ଛା ଅନୁସାରେ ଗିରଫ କରିପାରିବେ। ଇଡିକୁ ପିଏମଏଲ ଆକ୍ଟରେ ଏପରି କ୍ଷମତା ଦିଆଯାଇଛି। କୋର୍ଟ ଆହୁରି କହିଛନ୍ତି, ଇଡି ତା'ର ଅଭିଯୋଗ ପର୍ଚ୍ଚ ଦାଖଲ କରିବା ଯାଏ ଯଦି ଅଭିଯୁକ୍ତଙ୍କୁ ଗିରଫ କରିନାହିଁ, ତେବେ ଏହାପରେ ଆଉ ସଂସ୍ଥା ଅଭିଯୁକ୍ତଙ୍କୁ ଗିରଫ କରିପାରିବ ନାହିଁ। ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟ ପ୍ରଥମେ ସମନ କରିବେ। ଯଦି ଅଭିଯୁକ୍ତ ସମନ ଅନୁସାରେ ହାଜରେ ହେଲେ, ତା'ହେଲେ ତାଙ୍କୁ ହେପାଜତକୁ ନେବାର ଆବଶ୍ୟକ ନାହିଁ। ଧାରା ୭୦ ଅନୁସାରେ ଗିରଫ ପରୱାନା ସେତେବେଳେ ଜାରି କରାଯାଇ ପାରିବ ଯେତେବେଳେ ଅଭିଯୁକ୍ତ ସମନର ଉତ୍ତର ଅଭିଯୁକ୍ତ ନ ଦେବେ। ପ୍ରଥମଥରରେ ଏହା ଜାମିନ ଯୁକ୍ତ ପରୱାନା ହେବ।

### ବିଜେଡି ...

କାରଣ ଲୋକମାନଙ୍କୁ ସ୍ୱଚ୍ଛ, ପାରଦର୍ଶୀ ଦୁର୍ନୀତିମୁକ୍ତ ଶାସନ ଦରକାର। ରାଜ୍ୟକୁ ସକ୍ରିୟ ଓ ସୁସ୍ଥ ମୁଖ୍ୟମନ୍ତ୍ରୀ ଦରକାର। ଶାସନ ବ୍ୟବସ୍ଥା ଦୁର୍ନୀତିମୁକ୍ତ ହେବା ସହ ତାହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିୟନ୍ତ୍ରଣାଧୀନ ହେବା ଦରକାର। ଏବେ ପରିବର୍ତ୍ତନର ହାୱା ବହୁଥିବା ବେଳେ ବିଜେଡି ମହଲରେ ଭୟ, ଡର ଓ ନୈରାଶ ଭାବନା ଭରି ରହିଛି। ଓଡ଼ିଶାରେ ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁବନେଶ୍ୱରରେ ରୋଡ ଶୋ' କରିଥିବା ବେଳେ ଗତ ବୁଧବାର ଗୃହ ମନ୍ତ୍ରୀ ଅମିତ ଶାହ କଟକରେ ରୋଡ ଶୋ' କରିଥିଲେ। ଏହାପରେ ଗୁରୁବାର ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଭୁବନେଶ୍ୱରରେ ରୋଡ ଶୋ' କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଜେପିର ଜଣେ ପରେ ଜଣେ ହେଭିୱେଟ ନେତା ଓଡ଼ିଶା ଗସ୍ତରେ ଆସି ବିଜେଡି ସରକାରକୁ ଟାର୍ଗେଟ କରିବାକୁ ପଛାଉ ନାହାନ୍ତି।

### ପଞ୍ଚୁପାଣ୍ଡବଙ୍କୁ ...

ବିରୋଧୀ ବି ଲାଗାଇଆସୁଛନ୍ତି ସମାନ ଆରୋପ। ଭାଇରାଲ ରିଅଲ ଫାଇଭ୍ ଟିରେ ନମ୍ବର ୧ରେ ଥିବା ପାଣ୍ଡିଆନ୍ ହେଉଛନ୍ତି ନବୀନଙ୍କର ଚଳନ୍ତି ପ୍ରତିମା। ଦଳ ଓ ସରକାରକୁ ପ୍ରକୃତରେ ଚଳାଉଛନ୍ତି ପାଣ୍ଡିଆନ୍। ଦୁଇ ନମ୍ବର ଟି ବା ତାମିଲ ହେଉଛନ୍ତି ମାଥି ଭାତନନ। ବିରୋଧୀଙ୍କ ଅଭିଯୋଗ ରାଜ୍ୟ ସରାକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଥିବା ଏହି ତାମିଲ ଆଇଏଏସ ବାବୁ ପାଣ୍ଡିଆନଙ୍କ ଏଜେଣ୍ଡା କ୍ରିୟାନ୍ୱୟନର ମୁଖ୍ୟ କାର୍ପଟଦାର। ଅର୍ଥାତ ଫ୍ରଣ୍ଟଫୁଟ୍ ଖେଳାଳି। ପରଦା ପଛରେ ରହି ମାରୁଛନ୍ତି ଛକା ଓ ଚୌକା। ଠିକ୍ ସେମିତି ତୃତୀୟ ଟି ହେଉଛନ୍ତି ପ୍ରଭାକରନ୍। ଓଡ଼ିଶାର ଖଣି କାରବାରରେ ଆଧିପତ୍ୟ ବିସ୍ତାର କରିଥିବା ତାମିଲ ବ୍ୟବସାୟୀ ପ୍ରଭାକରନଙ୍କୁ କୁହାଯାଏ। ବିଜୁ ଜନତା ଦଳ ଓ ପାଣ୍ଡିଆନଙ୍କ ଏଟିଏମ୍। ଚତୁର୍ଥ ଟି ହେଉଛି ଭିନିଲକ୍ରୀଷ୍ଣା। ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଏହି ପାୱାରଫୁଲ ଅଧିକାରୀଙ୍କ ଦଳ ଓ ସରକାରରେ ବିସ୍ତାର କରିଛନ୍ତି ପ୍ରାଧାନ୍ୟ। କୁହାଯାଏ ଇଏ ପାଣ୍ଡିଆନ ମହାଶୟଙ୍କର ଅନ୍ୟତମ ଫ୍ରଣ୍ଟଫୁଟ୍ ଖେଳାଳି। ଶେଷ ଭାଇରାଲ ଟି ହେଉଛନ୍ତି ବାଲକ୍ରିଷ୍ଣନ୍ । ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଥିବା ବାଲକ୍ରିଷ୍ଣନଙ୍କୁ କିଏ ପାଣ୍ଡିଆନଙ୍କର ଗୁରୁ କୁହନ୍ତି ତ କିଏ କୁହନ୍ତି ଇଏ ପରଦା ଆଢୁଆଳରେ ରହି ଦଳ ଓ ସରକାର ଚଳାଇବା ପାଇଁ ତାମିଲ ଗୁମାସ୍ତାଙ୍କୁ ବୁଦ୍ଧି ଦେଇଥାନ୍ତି। ଆଉ ଏହି ୫ ଟି ମାନେ ତାମିଲଙ୍କ ବିରୋଧରେ ସାରା ରାଜ୍ୟରେ ରହିଛି ତୀବ୍ର ଅସନ୍ତୋଷ। ତେବେ ସମୟ କହିବ ଏ ବାବୁଙ୍କଠୁ କେବେ ମୁକ୍ତି ପାଉଛନ୍ତି ନବୀନ।

### ମେଣ୍ଟ ପାଇଁ ...

୨ କୋଟି ଚାକିରି, କୃଷକଙ୍କ ରୋଜଗାର ଦୁଇଗୁଣା କରିବା ଆଦି ଅନେକ କଥା କହିଥିଲେ। ହେଲେ ଦେଶବାସୀଙ୍କୁ ମିଳିଲା କ'ଣ। ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଖାଇବା ତେଲଠାରୁ ଆରମ୍ଭ କରି ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଆକାଶ ଛୁଆଁ ହେଲା। ନୋଟ୍ ବନ୍ଦୀ କରି ଲୋକମାନଙ୍କୁ ହଇରାଣ କରାଗଲା। ଅଥଚ ଆଦାନୀ, ଅମ୍ବାନୀଙ୍କ ଟଙ୍କା ବଢ଼ିଲା। ତେଣୁ ଚଳିତ ନିର୍ବାଚନରେ ମୋଦି ସରକାରଙ୍କ ବିରୋଧରେ ଦେଶର ଜନସାଧାରଣ ଲଢ଼େଇ କରୁଛନ୍ତି। କଂଗ୍ରେସ ପ୍ରତି ସେମାନଙ୍କ ବିଶ୍ୱାସ ଆହୁରି ଦୃଢ଼ ହୋଇଛି। ଫଳରେ ଏଥର ଇଣ୍ଡିଆ ମେଣ୍ଟ ବହୁମତ ହାସଲ କରିବା ସହ ଦେଶରେ ସରକାର ଗଢ଼ିବ ବୋଲି ଶ୍ରୀ ଖଡ୍‌ଗେ କହିଛନ୍ତି। ଦେଶରେ ଏକତା ବଜାୟ ରଖିବା ସହ ସମ୍ବିଧାନର ସୁରକ୍ଷା ପାଇଁ କଂଗ୍ରେସ ଲଢ଼େଇ କରୁଛି। ଅତିତରେ କଂଗ୍ରେସ ସରକାର ଖାଦ୍ୟ ସୁରକ୍ଷା ଆଇନ୍, ନରେଗା, ଶିକ୍ଷା ଅଧିକାର, ସୂଚନା ଅଧିକାର ଆଇନ୍ ଭଳି ଯୁଗାନ୍ତକାରୀ ଆଇନ୍ ଆଣିଥିଲା। ଓଡ଼ିଶା ସମେତ ସମଗ୍ର ଦେଶରେ ବହୁ ସରକାରୀ ଉଦ୍ୟୋଗ, ଶିଳ୍ପ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲା। ଏଥର ମଧ କଂଗ୍ରେସ ୫ ନ୍ୟାୟ ୨୫ ଗ୍ୟାରେଣ୍ଟିକୁ ନେଇ ନିର୍ବାଚନୀ ଇସ୍ତାହାର ପ୍ରସ୍ତୁତ କରିଛି। ଏଥିରେ ନାରୀ ନ୍ୟାୟ, ଯୁବା ନ୍ୟାୟ, କୃଷକ ନ୍ୟାୟ, ଶ୍ରମିକ ନ୍ୟାୟ ଓ ଭାଗିଦାରୀ ନ୍ୟାୟକୁ ଗୁରୁତ୍ୱ ଦିଆଯାଇଛି। କଂଗ୍ରେସ କ୍ଷମତାକୁ ଆସିଲେ ଗରିବ ପରିବାରର ମହିଳା ମୁଖ୍ୟଙ୍କୁ ବାର୍ଷିକ ୧ଲକ୍ଷ ଟଙ୍କା ପ୍ରଦାନ ସହ ୫୦୦ ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବ। ସ୍ନାତକ ଓ ଡିପ୍ଲୋମାଧାରୀ ଯୁବବର୍ଗଙ୍କୁ ପ୍ରଥମେ ଚାକିରି ପକ୍କା କରିବା, ବେକାରୀ ଭତ୍ତା ପ୍ରଦାନ କରିବାକୁ କଂଗ୍ରେସ ଗୁରୁତ୍ୱ ଦେଉଛି। ସବୁଠାରୁ ବଡ଼ କଥା ହେଲା ଜାତି ଜନଗଣନା। ଓଡ଼ିଶାରେ ଏସ୍‌ସି, ଏସ୍‌ଟି, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗର ଲୋକସଂଖ୍ୟା ୯୦ପ୍ରତିଶତରୁ ଅଧିକ ହୋଇଥିଲେ ମଧ ସେମାନେ ଅବହେଳିତ ହୋଇଅଛନ୍ତି। କଂଗ୍ରେସ କ୍ଷମତାକୁ ଆସିଲେ ସେମାନଙ୍କୁ ନ୍ୟାୟ ଓ ଅଧିକାର ପ୍ରଦାନ କରିବ। ତେଣୁ ଓଡ଼ିଶାବାସୀ ଚଳିତ ନିର୍ବାଚନରେ କଂଗ୍ରେସକୁ ଉଭୟ ଲୋକସଭା ଓ ବିଧାନସଭା ଆସନରେ ବିଜୟୀ ହେବାକୁ ସହଯୋଗ କରିବା ପାଇଁ ଶ୍ରୀ ଖଡ୍‌ଗେ ଅନୁରୋଧ କରିଛନ୍ତି।

## ରାଜ୍ୟ ସରକାରଙ୍କୁ କେନ୍ଦ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେଙ୍କ ପ୍ରଶ୍ନ

# ବିଜେଡିର ଆଦିବାସୀମାରଣ ନୀତି କାହା ସ୍ୱାର୍ଥରେ ?



**ଭୁବନେଶ୍ୱର :** ପ୍ରତିଶ୍ରୁତି ଦେଉଥିଲେ । ନିର୍ବାଚନ ପରେ ଧୋକା ଦେଲେ । ଶାସକ ବିଜୁ ଜନତା ଦଳର ଏହା ହେଉଛି ବାସ୍ତବ ରୂପ । ଦୀର୍ଘ ୨୫ ବର୍ଷ ଧରି ଓଡିଶାବାସିଙ୍କୁ ବାରମ୍ବାର ଧୋକା ଦେଇ ଆସୁଛି ବିଜେଡି । ଏଥର ଓଡିଶାବାସୀ ମନସ୍ଥିର କରିସାରିଛନ୍ତି ପରିବର୍ତ୍ତନ ପାଇଁ । ଦୁର୍ନୀତି, ଭ୍ରଷ୍ଟାଚାର ଓ ବ୍ୟଭିଚାରରେ ଲିପ୍ତ ବିଜେଡିକୁ କେନ୍ଦ୍ରମନ୍ତ୍ରୀ ଫଗନ ସିଂହ କୁଲସ୍ତେ ୫ଟି ପ୍ରଶ୍ନ କରିଛନ୍ତି । ଭୋଟ ହାତେଇବା ପାଇଁ ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଟଙ୍କା ଫେରାଇବା ପାଇଁ କର୍ପସ ଫଣ୍ଡ ଗଠନ ଘୋଷଣା କରିଥିଲା ବିଜେଡି ସରକାର। କୋଟି କୋଟି ଟଙ୍କା ହଡାଇଥିବା ଚିଟଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ଟଙ୍କା କାହିଁକି ଫେରାଇଲେ ନାହିଁ ରାଜ୍ୟ ସରକାର? ଶାସକ ବିଜେଡିର ସହାୟତାରେ ରାଜ୍ୟରେ ଖଣି ମାଫିଆ ସକ୍ରିୟ ଅଛନ୍ତି। ଖଣି ଲୁଟକାରୀଙ୍କୁ ସୁରକ୍ଷା ଦିଆଯାଉଛି । ଡିଏମଏଫ ପାଂଠିକୁ ଶାସକ ବିଜେଡିର ନେତା ଓ ମନ୍ତ୍ରୀମାନେ ଲୁଟ କରିଛନ୍ତି । ଶାହା କମିଶନଙ୍କ ରିପୋର୍ଟକୁ କାହିଁକି କାର୍ଯ୍ୟକାରୀ କରାଗଲା ନାହିଁ ଏବଂ ୬୦ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଦୁର୍ନୀତିକୁ କାହା ସ୍ୱାର୍ଥରେ ବିଜେଡି ସରକାର ଚାପି ଦେଲେ ? ମୁଖ୍ୟମନ୍ତ୍ରୀ ନିଜ ଜିଲ୍ଲା ଗଞ୍ଜାମ ଏବଂ ନିଜ ନିର୍ବାଚନମଣ୍ଡଳୀରେ ସର୍ବାଧିକ ଦାଦନ ଶ୍ରମିକ। ଦାଦନ ସମସ୍ୟାକୁ ରୋକିବାରେ ରାଜ୍ୟରେ ବିଜେଡି ସରକାର କଣ ପଦକ୍ଷେପ ନେଇଛି ? ରାଜ୍ୟରେ ମହିଳା ନିର୍ଯ୍ୟାତନା ପ୍ରତିଦିନ ବଢି ଚାଲିଛି। ଏଭଳି ସମ୍ବେଦନଶୀଳ ଘଟଣାରେ ଶାସକ ବିଜେଡିର ଅନେକ ନେତା ଓ ମନ୍ତ୍ରୀ ସଂପୃକ୍ତ ଅଛନ୍ତି। ଏଭଳି ହୀନ କାର୍ଯ୍ୟରେ ଲିପ୍ତ ନେତାମାନଙ୍କୁ ବିଜେଡି ଚଳିତ ନିର୍ବାଚନରେ ପ୍ରାର୍ଥୀ କରିଛି। ମହିଳା ଓ ଶିଶୁ ମୃତ୍ୟୁ ହାରରେ ଓଡିଶା ସର୍ବଭାରତୀୟ ସ୍ତରରେ ସର୍ବାଗ୍ରେ ରହିଛି। ମହିଳା ସଶକ୍ତୀକରଣ ନାମରେ ମିଛ ଡିଣ୍ଡିମ ଡିଣ୍ଡିମ ପିଟୁଛନ୍ତି ରାଜ୍ୟ ସରକାର। ୨୫ ବର୍ଷର ବିଜେଡି ସରକାରରେ ଆଜି ମହିଳାମାନେ କାହିଁକି ଅସୁରକ୍ଷିତ? ରାଜ୍ୟ ସରକାରଙ୍କ ବିଫଳତା କାରଣରୁ କଳିଙ୍ଗନଗରରେ ସରଳ ଆଦିବାସୀଙ୍କ ହତ୍ୟା ହୋଇଥିଲା। ଶାସକ ବିଜେଡି ନୂତନ ଆଇନ ପ୍ରଣୟନ କରି ଆଦିବାସୀମାନଙ୍କ ଜମିକୁ ବିକ୍ରି କରିବାର ଷଡଯନ୍ତ୍ର ରଚିଛି। ବିଜେଡିର ଆଦିବାସୀମାନଙ୍କ ମାରଣ ନୀତି କାହା ସ୍ୱାର୍ଥରେ? ଏ ସମସ୍ତ ପ୍ରଶ୍ନର ଜବାବ୍ ଖୋଦ୍ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦେବା ଉଚିତ୍ ବୋଲି ଶ୍ରୀ କୁଲସ୍ତେ କହିଛନ୍ତି। ଏହି ଅବସରରେ ରାଜ୍ୟ ସଭା ସାଂସଦ ମିଥିଲେଶ କୁମାର, ବରିଷ୍ଠ ନେତା ପିୟୁଷ ମହାନ୍ତି, ରାଜ୍ୟ ପ୍ୟାନେଲିଷ୍ଟ ପ୍ରକାଶ ରଥ, ପତଞ୍ଜଳୀ କରଶର୍ମା, ହିତେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଜିଲ୍ଲାପାଳ ବିଭାଗୀୟ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତି

**ବଲାଙ୍ଗିର :** ବଲାଙ୍ଗିର ଜିଲ୍ଲାରେ ସମକାଳୀନ ସାଧାରଣ ନିର୍ବାଚନ ପାଇଁ ଜନ ପ୍ରତିନିଧିତ୍ୱ ଅଧିନିୟମ ୧୯୫୧ ଅନ୍ତର୍ଗତ ବିଭାଗ ୧୬୦ ଅନୁସାରେ, ଆବଶ୍ୟକତା ଦୃଷ୍ଟିକୋଣରୁ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଈଶାଲଓ୍ୱାର ବିଭିନ୍ନ ବିଭାଗୀୟ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ନିମନ୍ତେ ନିଯୁକ୍ତି ଦେଇଛନ୍ତି। ୨୦ରେ ଜିଲ୍ଲାରେ ଭୋଟ ଗ୍ରହଣ ହେଉଥିବାରୁ ନିର୍ବାଚନ ସମ୍ପାଦନା କରିବା ପାଇଁ କର୍ମଚାରୀଙ୍କୁ ଡିସପର୍ସାଲ ଏବଂ ରିସିଭିଙ୍ଗ ସେଣ୍ଟରରେ ଯୋଗ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋଇଶିଙ୍ଘା ଏବଂ ବଲାଙ୍ଗିର କ୍ଷେତ୍ର ନିମନ୍ତେ ବଲାଙ୍ଗିର ସରକାରୀ ଆଇଟିଆଇର ସ୍କିଲ ଡେଭଲପମେଣ୍ଟ ସେଣ୍ଟର୍, ପାଟଣାଗଡ଼ ନିମନ୍ତେ ଜବାହାରଲାଲ କଲେଜ ଏବଂ ଟିଟିଲାଗଡ ପାଇଁ ଡିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ଆଇଡିପି ଏକାଡେମିକ ବ୍ଲକ ଓ କଣ୍ଟାବାଞ୍ଜି ପାଇଁ ପୁରୁଣା ଏକାଡେମିକ ବ୍ଲକ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେମାନଙ୍କୁ ୧୯ ମଇ ଦିନ ସକାଳ ୬ ଟାରେ ପହଞ୍ଚିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି କର୍ମଚାରୀ ଏହି ଆଦେଶ ପାଳନ ନକରି ନିର୍ବାଚନ କାର୍ଯ୍ୟରେ ଅବହେଳା କରନ୍ତି ବା ଯୋଗ ନ ଦିଅନ୍ତି ତାହେଲେ ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆ ଯିବ ବୋଲି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଶ୍ରୀ ଈଶାଲଓ୍ୱାର ପ୍ରକାଶ କରିଛନ୍ତି।

## ତୁଷାରକାନ୍ତି ବେହେରା ଓ ରାଜଶ୍ରୀ ମଲ୍ଲିକ୍‌ଙ୍କ ପ୍ରଚାର ଜୋରଦାର



**ଅସ୍ତରଙ୍ଗ :** ଅସ୍ତରଙ୍ଗ ବ୍ଲକର ତିନୋଟି ପଞ୍ଚାୟତରେ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତୁଷାରକାନ୍ତି ବେହେରା ଓ ଜଗତସିଂହପୁର ସାଂସଦ ପ୍ରାର୍ଥୀନୀ ରାଜଶ୍ରୀ ମଲ୍ଲିକ୍ ଏକ ମୋଟର ସାଇକେଲ ଶୋଭାଯାତ୍ରା ପାଟଳଦା ପଞ୍ଚାୟତର କୁଅଁରପୁର ଶିବମନ୍ଦିର ଠାରୁ ଆରମ୍ଭ ହୋଇ ପଞ୍ଚାୟତର ହୀରାଦେଇପୁର -ପାଟଳଦା ଦେଇ କୁସୁମ୍ବର ଛୁରିଆନା ପଞ୍ଚାୟତର ବଳଭଦ୍ରପୁର -ସହନ ଗୁଣ୍ଡଲବା, ଛୁରିଆନା, ଡ଼ାଳୁଅକଣି କୋରଣା ପଞ୍ଚାୟତର କୋରଣା, ଉଦୟପୁର, ପୋଟଳ, ବନ୍ତିଲୋ ଆଦି ଗ୍ରାମରେ ମୋଟର ସାଇକେଲରେ ଗ୍ରାମକୁ ଗ୍ରାମ ଶୋଭାଯାତ୍ରା କରି ଭୋଟରଙ୍କୁ ଭୋଟ ଭିକ୍ଷା କରିଥିଲେ। ଶୋଭାଯାତ୍ରାକୁ କାକଟପୁର ଯୁବ ନେତା ପୁରୀ ଜିଲ୍ଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନିର୍ବାଚନ ମଣ୍ଡଳୀ ବିଜୁ ଯୁବ ଜନତା ଦଳ ସଭାପତି ଋତୁରାଜ ରାଉତ, ବ୍ଲକ ସଭାପତି କେଦାରନାଥ ବିଶ୍ୱାଳ, ୧ ନଂ ଜୋନ ଜିଲ୍ଲାପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ଗଦାଧର ବିଶ୍ୱାଳ, ଯୁବନେତା ସାଇରଂଜନ ପ୍ରଧାନ, ସରପଞ୍ଚ ଖିରୋଦ କୁମାର କାଣ୍ଡି, ଯଶୋବନ୍ତ ନାୟକ, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ମନ୍ଦାକିନୀ ଛାଟୋଇ, କମଳା ରାଉତ, ଭୀମସେନ ସ୍ୱାଇଁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

# ହାଇସ୍ପର କାଟିଲା କିଏ ?

## ଚିନ୍ତାରେ ତାଳଦା ଦୀପାଞ୍ଚଳ ବାସୀ



**ଅସ୍ତରଙ୍ଗ :** ଅସ୍ତରଙ୍ଗ ଅଞ୍ଚଳ ତାଳଦା ଦୀପାଞ୍ଚଳ ଏକ ବନ୍ୟା ପ୍ରପୀଡ଼ିତ ପଞ୍ଚାୟତ, ଜଗତସିଂହପୁର ଜିଲ୍ଲା ଓ ପୁରୀ ଜିଲ୍ଲାର କିଛି ଅଞ୍ଚଳ ଏହି ଦ୍ୱୀପ ମଝିରେ ଅବସ୍ଥାନ। ବର୍ଷା ଦିନ ଆସିଗଲେ ଏହି ଅଞ୍ଚଳ ବାସୀଙ୍କ ଚିନ୍ତା ବଢିଯାଏ। ମହାନଦୀର ବନ୍ୟା ଜଳ ଯେଉଁ ସମୟରେ ଦେବୀ ନଦୀରେ ପ୍ରବେଶ କରେ ସେହି ସମୟରେ ବିରାଟ ବିରାଟ ଘାଇ ସୃଷ୍ଟି ହେବା ସହିତ ଏହି ଅଞ୍ଚଳର କୃଷି ଓ ଧନ ଜୀବନ ଉପରେ ବିଶେଷ ପ୍ରଭାବ ପକାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ତରଫରୁ ହାରାହାରି ୧୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ସ୍ପର ନିର୍ମାଣ କରିବାକୁ ଯୋଜନା ହୋଇଛି। କିନ୍ତୁ ଏହି ସ୍ପର ଗୁଡିକ ଶକ୍ତିଶାଳୀ ପଥର ଓ ବନ୍ଧ ସହିତ ସଂଲଗ୍ନ ହେବା କଥା। ଏହିପରି ସ୍ପରଟିର ନିର୍ମାଣ ହେଲେ ଆଗାମୀ ଦିନରେ ବଡ଼ ବଡ ବନ୍ୟା ଜଳର ଗତିପଥକୁ ନିଶ୍ଚିନ୍ତ ରୂପେ ଅଙ୍କୁଶ ଲଗାଯାଇପାରିବ। ଆଉ ଆଗଭଳି ବନ୍ୟା ଯୋଗୁ ତାଳଦା ଦୀପାଞ୍ଚଳ ବାସୀ ବିଶେଷ ପ୍ରଭାବିତ ହେବେ ନାହିଁ। ଜଗତସିଂହପୁର ଜଳସେଚନ ବିଭାଗ ତରଫରୁ ନିର୍ମାଣ କରାଯାଉଥିବା ସ୍ପରକୁ କୌଣସି କାରଣରୁ ଅଧାରୁ କାଟି ଦିଆଯାଇଛି। ଯାହାର କାରଣ ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଥିବା ବେଳେ ଅଞ୍ଚଳବାସୀ ବର୍ତ୍ତମାନ ଭୟଭୀତ ଅବସ୍ଥାରେ ରହିଛନ୍ତି। ଯାହାକୁ ନେଇ ତାଳଦା ପଞ୍ଚାୟତର ରଘୁନାଥ ନାୟକ, କାଙ୍ଗାଳି ନାୟକ ଓ ଅନ୍ୟ ବୁଦ୍ଧିଜୀବୀ ମାନେ ଅଭିଯୋଗ ଆଣିଛନ୍ତି। ତୁରନ୍ତ ନିର୍ମାଣ ଧୀନ ସ୍ପରକୁ ବନ୍ଧ ସମାନରେ ହାଇସ୍ପର କରି ନିର୍ମାଣ ନକଲେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନକୁ ଅଭିଯୋଗ କରିବା ସହିତ ଜଳସେଚନ କାର୍ଯ୍ୟାଳୟ ସାମ୍ନା ରେ ଧାରଣା ଦେବେ।



ପ୍ରେମାନନ୍ଦ ପାଣିଗ୍ରାହୀ



# ଦିଲ୍ଲୀ ଦରବାରରେ ମହିଳା

ଗଣତନ୍ତ୍ରରେ ଭୋଟଦାନ ଏକ ପ୍ରମୁଖ ଅଧିକାର। ନିଜ ପସନ୍ଦଯୋଗ୍ୟ ଜନପ୍ରତିନିଧି ତଥା ସରକାର ବାଛିବାର ଉନ୍ନତ ପ୍ରଣାଳୀ ନିର୍ବାଚନ। ସାଧାରଣ ନିର୍ବାଚନ କେବଳ ଭାରତର ନୁହେଁ, ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ନିର୍ବାଚନ ଭାବେ ଏଯାଏ ସ୍ୱୀକୃତି ପାଇଛି। ସାଧାରଣ ନିର୍ବାଚନ-୨୦୨୪ ପାଇଁ ଗତ ମାର୍ଚ୍ଚ ୧୬ ତାରିଖରୁ ନିର୍ବାଚନ ଆୟୋଗ କାର୍ଯ୍ୟସୂଚୀ ଘୋଷଣା କରିବା ପରେ ୭ଟି ପର୍ଯ୍ୟାୟରେ ୯୬.୮ କୋଟି ଭୋଟର ମତଦାନ କରୁଛନ୍ତି। ଯେଉଁଥିରେ ୪୭.୧ କୋଟି ମହିଳା ଭୋଟର ରହିଛନ୍ତି ଏବଂ ୧୨ଟି ରାଜ୍ୟରେ ପୁରୁଷଙ୍କ ତୁଳନାରେ ମହିଳା





ଭୋଟର ଅଧିକ ରହିଛନ୍ତି। ପ୍ରତ୍ୟେକ କ୍ଷେତ୍ରରେ ମହିଳାମାନେ ସଫଳତାର ସହ ଆଗେଇ ଚାଲିଥିବା ବେଳେ ରାଜନୀତିରେ ମଧ୍ୟ ନିଜକୁ ପ୍ରମାଣିତ କରି ପାରିଛନ୍ତି। ପାରା ମିଲିଟାରୀ ଫୋର୍ସରେ ୩୩ ପ୍ରତିଶତ ମହିଳା ଚାକିରୀ କଲେଣି, ଏତଦ୍ ବ୍ୟତୀତ ସେନାରେ ମହିଳାମାନେ ନେତୃତ୍ୱ ନେଲେଣି,ଚନ୍ଦ୍ରଯାନ-୩ ଅଭିଯାନର ସଫଳତା ପଛରେ ବହୁତ ବଡ ଭୂମିକା ରହିଛି ମହିଳାଙ୍କର। ଭାରତୀୟ ପରମ୍ପରାରେ ମହିଳାମାନଙ୍କୁ ସଂରକ୍ଷଣ, ଅଗ୍ରାଧିକାର ଓ ସଶକ୍ତୀକରଣ କରିବାର ପରମ୍ପରା ଅନେକ ଆଗରୁ ଅଛି। ଶିକ୍ଷା, ପ୍ରଶାସନ, ମହାକାଶ ବିଜ୍ଞାନ ଆଦି କ୍ଷେତ୍ରରେ ଉତ୍ତମ ଦକ୍ଷତା ରଖୁଥିବା ମହିଳା ଏବେ ରାଜନୀତିରେ ବି ଦକ୍ଷତା ପ୍ରତିପାଦନ କରିଛନ୍ତି। ରାଜନୀତିରେ ମହିଳାଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ନିଶ୍ଚିତ ଭାବେ ସେମାନଙ୍କ ବିକାଶ ଲାଗି ଶୁଭଙ୍କର। ଭାରତରେ ପୁରୁଷଙ୍କ ଅପେକ୍ଷା ନିର୍ବାଚନ ପ୍ରକ୍ରିୟାରେ ମହିଳାମାନଙ୍କ ସଂଖ୍ୟା କ୍ରମେ ବଢିବାରେ ଲାଗିଛି। ୧୯୯୦-୯୧ ନିର୍ବାଚନ ପର୍ଯ୍ୟନ୍ତ ମହିଳାମାନଙ୍କ ଅଂଶଗ୍ରହଣ ସେତେଟା ଉତ୍ସାହଜନକ ନଥିଲା । ମାତ୍ର ୧୯୯୬ ମସିହା ପରଠାରୁ ଏହି ସଂଖ୍ୟା ଧିରେଧିରେ ବୃଦ୍ଧି ପାଇବା ସହିତ ନିର୍ବାଚନରେ ମହିଳାଙ୍କ ବିଜୟ ହାର ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି । ଦେଶ ସ୍ୱାଧୀନ ହେବା ପରଠାରୁ ପ୍ରତି ସାଧାରଣ ନିର୍ବାଚନରେ ଏହି ହାର ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି । ନିର୍ବାଚନ କମିଶନଙ୍କ ପରିସଂଖ୍ୟାନ ଅନୁସାରେ ୧୯୯୬ ପରଠାରୁ ପ୍ରତି ଲୋକସଭା ନିର୍ବାଚନରେ ମହିଳା ସଦସ୍ୟଙ୍କ ସଂଖ୍ୟା ୪୦ରୁ ଅଧିକ ରହିଆସିଛି । ୧୯୫୧-୫୨ ମସିହାରେ ହୋଇଥିବା ପ୍ରଥମ ସାଧାରଣ ନିର୍ବାଚନ ଠାରୁ ୧୯୭୭ ମସିହା ପର୍ଯ୍ୟନ୍ତ ମହିଳା ପ୍ରାର୍ଥୀଙ୍କ ସଂଖ୍ୟା କେବେ ୧୦୦ ଟପିନଥିଲା । ମୋଟାମୋଟି ଭାବେ ନବମ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ମହିଳାଙ୍କ ପ୍ରତିଦ୍ୱନ୍ଦୀତା ପୁରୁଷଙ୍କ ତୁଳନାରେ ୩୦ ପ୍ରତଶତ କମ ରହିଥିଲା । ମାତ୍ର ଦଶମ ଲୋକସଭା ନିର୍ବାଚନ ପରଠାରୁ ସଚେତନ ଓ ଶିକ୍ଷିତ ମହିଳାଙ୍କ ଅଂଶଗ୍ରହଣ କ୍ରମେ ବୃଦ୍ଧି ପାଇବାରେ ଲାଗିଲା । ପ୍ରଥମ ଲୋକସଭା ନିର୍ବାଚନରେ ମାତ୍ର ୨୨ ଜଣ ମହିଳା ସାଂସଦ ନିର୍ବାଚିତ ହୋଇଥିବା ବେଳେ ୨୦୧୯ରେ ସର୍ବାଧିକ ୭୮ ଜଣ ମହିଳା ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଲୋକସଭାର ମୋଟ ଆସନ ତୁଳନାରେ ଏହା ମାତ୍ର ୧୪.୪ ପ୍ରତିଶତ। ୧୯୫୭ ମସିହାରେ ଲୋକସଭାର ମୋଟ ଆସନ ସଂଖ୍ୟା ୪୯୪ ଥିବାବେଳେ ଏବେ ତାହା ୫୪୩କୁ ବୃଦ୍ଧି ପାଇଛି। ୧୯୫୭ ମସିହା ନିର୍ବାଚନରେ ୪୫ ଜଣ ମହିଳା ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୨୬ ଜଣ ବିଜୟ ଲାଭ କରିଥିଲେ। ପୁରୁଷ ପ୍ରାର୍ଥୀଙ୍କ ସଫଳତା ହାର ୩୨.୨ ପ୍ରତିଶତ ଥିବା ବେଳେ ମହିଳାଙ୍କ ସଫଳତା ହାର ୬୦ ପ୍ରତିଶତ ଥିଲା। ୧୯୬୨ ନିର୍ବାଚନରେ ୭୦ ଜଣ ମହିଳା ଅଂଶଗ୍ରହଣ କରିଥିବା ବେଳେ ୩୫ଜଣ ବିଜୟୀ ହୋଇଥିଲେ। ମହିଳାମାନେ ୫୦ ପ୍ରତିଶତ ସଫଳତା ପାଇଥିବା ବେଳେ ପୁରୁଷମାନେ ୨୪ ଶତକଡା ସଫଳତା ପାଇଥିଲେ । ୧୯୬୭ ନିର୍ବାଚନରେ ୬୭ ଜଣ ମହିଳା ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରୁ ୩୦ ଜଣ ବିଜୟ ଲାଭ କରିଥିଲେ। ଏମାନଙ୍କ ବିଜୟ ହାର ୪୫ ପ୍ରତିଶତ ଥିବାବେଳେ ପୁରୁଷମାନଙ୍କ ସଫଳତା ହାର ୨୧ ପ୍ରତିଶତ ଥିଲା। ୧୯୭୧ ନିର୍ବଚନରେ ୮୬ ଜଣ ମହିଳା ପ୍ରତିଦ୍ୱନ୍ଦୀତା କରୁଥିବା ବେଳେ ୨୧ ଜଣ ବିଜୟ ଲାଭ କରିଥିଲେ। ମହିଳାମାନଙ୍କ ସଫଳତା ହାର ୨୪ ପ୍ରତିଶତ ଥିବାବେଳେ ପୁରୁଷମାନଙ୍କ ସଫଳତା ହାର ୧୮.୫ ପ୍ରତିଶତ ଥିଲା। ୧୯୭୭ ନିର୍ବାଚନରେ ୭୦ ଜଣ ମହିଳା ପ୍ରତିଦ୍ୱନଦୀତା କରୁଥିବା ବେଳେ ୧୯ ଜଣ ବିଜୟ ଲାଭ କରିଥିଲେ। ସଫଳତା ହାର ୨୭ ଶତକଡା ଥିବା ବେଳେ ପୁରୁଷଙ୍କ ସଫଳତା ହାର ୨୨ ଶତକଡା ଥିଲା। ୧୯୮୦ ନିର୍ବାଚନରେ ୧୪୨ ଜଣ ମହିଳାଙ୍କ ମଧ୍ୟରୁ ୨୮ ଜଣ ନିର୍ବାଚିତ ହୋଇଥିଲେ। ସଫଳତା ହାର ୨୦ ଶତକଡା ଥିବା ବେଳେ ପୁରୁଷମାନଙ୍କ ସଫଳତା ହାର ୧୧.୫ ଥିଲା। ୧୯୮୪ ନିର୍ବାଚନରେ ୧୭୧ ଜଣ ମହିଳା ପ୍ରତିଦ୍ୱନ୍ଦୀତା କରିଥିବା ବେଳେ ୪୩ ଜଣ ବିଜୟ ଲାଭ କରିଥିଲେ। ମହିଳାଙ୍କ ବିଜୟ ହାର ୧୯.୫୮ ଥିବା ବେଳେ ପୁରୁଷଙ୍କ ବିଜୟ ହାର ୧୧.୪୫ ଥିଲା। ୧୯୮୯ ନିର୍ବାଚନରେ ୧୯୮ ଜଣ ମହିଳା ନିର୍ବାଚନ ଲଢିଥିବା ବେଳେ ୨୯ ଜଣ ବିଜୟ ଲାଭ କରିଥିଲେ। ଏମାନଙ୍କ ବିଜୟ ହାର ୧୪.୬୫ ଥିବା ବେଳେ ପୁରୁଷଙ୍କ ହାର ମହିଳାଙ୍କ ଠାରୁ ୬.୦୩ ପ୍ରତିଶତ କମ୍ ଥିଲା । ୧୯୯୧ ନିର୍ବାଚନରେ ୩୩୦ ଜଣ ମହିଳା ପ୍ରତିଦ୍ୱନ୍ଦୀତା କରିଥିବା ବେଳେ ୩୪ ଜଣ ବିଜୟ ଲାଭ କରିଥିଲେ। ମହିଳାଙ୍କ ବିଜୟ ହାର ୧୧.୫୧ ଥିବା ବେଳେ ପୁରୁଷଙ୍କ ହାର ୫.୮୯ ପ୍ରତିଶତ ଥିଲା। ୧୯୯୬ ନିର୍ବାଚନରେ ସର୍ବାଧିକ ୫୯୯ ଜଣ ମହିଳା ନିର୍ବାଚନ ଲଢୁଥିବା ବେଳେ ୪୦ ଜଣ ବିଜୟ ଲାଭ କରିଥିଲେ। ମହିଳାଙ୍କ ବିଜୟ ହାର ୬.୬୮ ଥିବା ବେଳେ ପୁରୁଷଙ୍କ ହାର ୩.୭୬ ଥିଲା।



୧୯୯୮ମସିହା ସାଧାରଣ ନିର୍ବାଚନରେ ୨୭୪ ଜଣ ମହିଳା ନିର୍ବାଚନ ଲଢିଥିବା ବେଳେ ୪୩ ଜଣ ବିଜୟୀ ହୋଇଥିଲେ । ସଫଳତା ହାର ଥିଲା ୧୫.୬୯ ଓ ପୁରୁଷଙ୍କ ସଫଳତା ହାର ୧୧.୧୭ ଥିଲା । ୧୯୯୯ ନିର୍ବାଚନରେ ୨୮୪ ଜଣ ମହିଳା ପ୍ରତିଦ୍ୱନ୍ଦୀତା କରୁଥିବା ବେଳେ ୪୯ ଜଣ ବିଜୟ ଲାଭ କରିଥିଲେ। ମହିଳାଙ୍କ ବିଜୟ ହାର ଥିଲା ୧୭.୨୫ ଓ ପୁରୁଷଙ୍କ ବିଜୟ ହାର ଥିଲା ୧୧.୩୧। ୨୦୦୪ ନିର୍ବାଚନରେ ୩୫୫ ଜଣ ମହିଳା ନିର୍ବାଚନ ଲଢିଥିବା ବେଳେ ୪୫ ଜଣ ବିଜୟ ଲାଭ କରିଥିଲେ। ଏମାନଙ୍କ ବିଜୟ ହାର ଥିଲା ୧୨.୬୮ ଓ ପୁରୁଷଙ୍କ ବିଜୟ ହାର ୯.୮ ପ୍ରତିଶତ। ୨୦୦୯ ନିର୍ବାଚନରେ ୫୫୬ ଜଣ ମହିଳା ନିର୍ବାଚନ ଲଢୁଥିବା ବେଳେ ୫୯ ଜଣ ବିଜୟ ଲାଭ କରିଥିଲେ। ଏମାନଙ୍କ ବିଜୟ ହାର ୮.୨୦ ଥିବା ବେଳେ ପୁରୁଷଙ୍କ ବିଜୟ ହାର ୧୫.୫୨ ଥିଲା। ୨୦୧୪ ନିର୍ବାଚନରେ ୬୬୮ ଜଣ ମହିଳା ନିର୍ବାଚନ ଲଢୁଥିବା ବେଳେ ୬୧ ଜଣବିଜୟ ଲାଭ କରିଥିଲେ। ମହିଳାଙ୍କ ବିଜୟ ହାର ଥିଲା ୧୦.୧୦ ଓ ପୁରୁଷଙ୍କ ବିଜୟ ହାର ଥିଲା ୬.୩୬ ଶତକଡା । ୨୦୧୯ ନିର୍ବାଚନରେ ୭୨୬ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ୭୮ ଜଣ ବିଜୟୀ ହୋଇଥିଲେ। ମହିଳାମାନଙ୍କ ବିଜୟ ହାର ଥିଲା ୧୪.୩ ପ୍ରତିଶତ । ସବୁଠାରୁ ରୋଚକ ତଥା ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ବିଭିନ୍ନ ନିର୍ବାଚନରେ ପୁରୁଷ ପ୍ରାର୍ଥୀଙ୍କ ଅପେକ୍ଷା ମହିଳା ପ୍ରତିଦ୍ୱନ୍ଦୀଙ୍କ ବିଜୟ ହାର ସର୍ବାଧିକ ବୋଲି ଜଣାଯାଇଛି। ଦେଶ ଆଗରୁ ଦକ୍ଷ ନାରୀ ନେତ୍ରୀ ସୃଷ୍ଟି କରିଛି । ଏବେବି ରାଜନୀତିକୁ ଆସୁଥିବା ମହିଳାମାନେ କୌଣସି ଗୁଣରେ ପୁରୁଷଙ୍କ ଠାରୁ କମ୍ ନୁହେଁ। ୨୦୧୯ ସାଧାରଣ ନିର୍ବାଚନକୁ ବିଚାରକୁ ନେଲେ ଜଣାଯାଏ ଯେ ଆସାମର ଗୌହାଟିରୁ ନିର୍ବାଚିତ ହୋଇଥିବା କିଉନ ଓଜା ମହିଳା ସାଂସଦ ଭାବେ ସର୍ବାଧିକ ଭୋଟ ହାସଲ କରିବାର ଗୌରବ ଅର୍ଜନ କରିଥିଲେ। ସେ ୧୦ ଲକ୍ଷ ୮ ହଜାର ୯୩୬ ଭୋଟ ହାସଲ କରିଥିଲେ।

ଭାରତୀୟ ପରମ୍ପରାରେ ମହିଳାମାନଙ୍କୁ ସୁରକ୍ଷା, ଅଗ୍ରାଧିକାର ଓ ସଶକ୍ତିକରଣ କରିବାର ପରମ୍ପରା ଅନେକ ଆଗରୁ ଅଛି। ଲୋକସଭା ଓ



ବିଧାନ ସଭାରେ ମହିଳାମାନଙ୍କ ନିମନ୍ତେ ୩୩ ଶତକଡା ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ୧୨୮ତମ ସଂଶୋଧନ ବିଲ୍ ମହିଳା ବନ୍ଦନ ଅଧିନିୟମ ସର୍ବସମ୍ମତି କ୍ରମେ ଗୃହୀତ ହୋଇ ଆଇନ ପ୍ରଣୟନ କରାଯାଇଛି । ଜନଗଣନା ଓ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଶେଷ ହେବା ପରେ ଆଗାମୀ ୨୦୨୯ ଲୋକସଭା ନିର୍ବାଚନ ଠାରୁ ଏହି ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ । ଚଳିତ ସାଧାରଣ ନିର୍ବାଚନରେ ଆଶା କରାଯାଉଥିଲା ଯେ ରାଜନୈତିକ ଦଳମାନେ ନିଜ ଆଡୁ ମହିଳାମାନଙ୍କୁ ଅଧିକ ଆସନ ଦେବେ ଓ ମହିଳାମାନେ ନିଜ ବଳରେ ବଳିୟାନ ହୋଇ ନିଜର ସ୍ଥାନ ନିରୂପଣ କରିବେ। କାରଣ ମହିଳା ସଶକ୍ତୀକରଣର ବାର୍ତ୍ତା ସମସ୍ତ ରାଜନୈତିକ ଦଳ ନିଜ ନିର୍ବାଚନୀ ଆଭିମୁଖ୍ୟରେ ରଖିଛନ୍ତି। ସାତ ପର୍ଯ୍ୟାୟରେ ହେବାକୁ ଥିବା ସାଧାରଣ ନିର୍ବାଚନ-୨୦୨୪ର ଚାରିଟି ପର୍ଯ୍ୟାୟ ନିର୍ବାଚନ ଇତି ମଧ୍ୟରେ ସରିଲାଣି । ମାତ୍ର ଏହି ନିର୍ବାଚନରେ ଦେଖାଯାଇଥିବା ଲିଙ୍ଗଗତ ଅସମାନତା ସଂସଦରେ ତିଆରି ହୋଇଥିବା ମହିଳା ସଂରକ୍ଷଣ ଆଇନର ବାସ୍ତବତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଥମ ପର୍ଯ୍ୟାୟରେ ମୋଟ ୧୬୨୫ ପ୍ରାର୍ଥୀ ନିର୍ବାଚନ ଲଢୁ ଥିଲେ । ତେବେ ଏମାନଙ୍କ ମଧ୍ୟରେ ମାତ୍ର ୧୩୫ ମହିଳା ପ୍ରାର୍ଥୀ ଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ୧୬୨୫ ପ୍ରାର୍ଥୀଙ୍କ ମଧ୍ୟରେ ମାତ୍ର ୧୦୦ ମହିଳା ରହିଥିଲେ। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୯୫ଟି ଲୋକସଭା ଆସନରେ ୧୩୫୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୯ ପ୍ରତିଶତ ଅର୍ଥାତ ୧୨୩ ଜଣ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦୀତା କରିଥିଲେ । ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ୯୬ଟି ଆସନ ପାଇଁ ହୋଇଥିବା ବେଳେ ମୋଟ ୧୭୧୭ ପ୍ରାର୍ଥୀଙ୍କ ମଧରୁ ୧୭୦ ଜଣ ମହିଳା ପ୍ରାର୍ଥୀ ଥିଲେ। ଯାହାକି ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ମାତ୍ର ୧୦ ଶତକଡା । ତେଣୁ ଚଳିତ ନିର୍ବାଚନରେ ମଧ୍ୟ ମହିଳାଙ୍କ ସମ୍ପୃକ୍ତି କେବଳ ପରମ୍ପରାକୁ ଜୀବିତ ରଖିବାର ଏକ ପ୍ରୟାସ ପରି ଲାଗୁଛି।

ସଂସଦ ଓ ବିଧାନସଭାରେ ମହିଳାଙ୍କ ପ୍ରତିନିଧିତ୍ୱ ବୃଦ୍ଧି ଲାଗି ରାଜନୈତିକ ଦଳଗୁଡିକ ଦାବି କରୁଥିବା ବେଳେ ବାସ୍ତବ କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଛି। କାରଣ ବିଗତ ଦିନରେ ରାଜନୈତିକ ଦଳଗୁଡିକ ମହିଳାଙ୍କୁ ନିର୍ବାଚନରେ ପ୍ରାର୍ଥୀ କରିବା ଲାଗି ସେପରି ଗୁରୁତ୍ୱ ଦେଇନାହାନ୍ତି। ରାଜନୈତିକ ଦଳଗୁଡିକ ଯଦି ମହିଳାଙ୍କୁ ନିର୍ବାଚନରେ ପ୍ରାର୍ଥୀ କରୁଥାନ୍ତେ ତେବେ ଅଧିକ ସଂଖ୍ୟକ ସାଂସଦ ଓ ବିଧାୟକ ନିର୍ବାଚିତ ହେଉଥାନ୍ତେ। ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ୪୦୦୧ ଜଣ ବିଧାୟକ ଥିବାବେଳେ ସେଥି ମଧରୁ ୩୭୮ ଜଣ ହେଉଛନ୍ତି ମହିଳା। ଯାହା ମୋଟ ସଂଖ୍ୟାର ୧୦ ଶତକଡା। ବିଧାନସଭା ଓ ଲୋକସଭାଗୁଡିକୁ ସାମଗ୍ରୀକ ଭାବେ ହିସାବ କଲେ ମହିଳା ପ୍ରତିନିଧିଙ୍କ ସଂଖ୍ୟା ମାତ୍ର ୧୫ ଶତକଡା। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡିଶା ଦେଶରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ଦେଶର ଏକମାତ୍ର ରାଜ୍ୟ ଭାବେ ଓଡିଶାରୁ ୩୩ ଶତକଡା ମହିଳା ଏବେବି ଲୋକସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ବି.ଜେ.ଡି ପକ୍ଷରୁ ଗତ ୨୦୧୯ ସାଧାରଣ ନିର୍ବାଚନରେ ଏକ ତୃତୀୟାଂଶ ବା ୭ ଜଣ ମହିଳାଙ୍କୁ ସାଂସଦ ପ୍ରାର୍ଥୀ କରାଯାଇଥିଲା । ବି.ଜେ.ପି ମଧ୍ୟ ୩ ଜଣ ଓ କଂଗ୍ରେସ ଜଣକୁ ପ୍ରାର୍ଥୀ କରିଥିଲେ। ବି.ଜେ.ଡିର ୫ ଜଣ ମହିଳା ନିର୍ବାଚିତ ହୋଇଥିବା ବେଳେ ବି.ଜେ.ପିରୁ ୨ ଜଣ ମହିଳା ସପ୍ତଦଶ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ଗତ ସାଧାରଣ ନିର୍ବାଚନ ପରି ଚଳିତ ନିର୍ବାଚନରେ ବି.ଜେ.ଡି ୭ ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ ବି.ଜେ.ପି ୪ ଓ କଂଗ୍ରେସ ୪ ଜଣ ମହିଳାଙ୍କୁ ସାଂସଦ ପ୍ରାର୍ଥୀ କରିଛି।

*ଭୁବନ,ଢେଙ୍କାନାଳ*
*ଭ୍ରାମ୍ୟଭାଷ : ୯୪୩୭୭୨୯୩୮୪*

ଏକମାତ୍ର
ଭୁବନେଶ୍ୱର, ୨୦ - ୨୬ ମଇ, ୨୦୨୪






# ‘ମହିଳାଙ୍କୁ ସୁରକ୍ଷା ଦେବାରେ ବିଜେଡି ସରକାର ବିଫଳ’



**ଭୁବନେଶ୍ୱର :** ରାଜ୍ୟରେ ମହିଳା ସଶକ୍ତିକରଣ ନାଁରେ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେଡି ସରକାର ପ୍ରତିଦିନ ଲୋକହସା ହେଉଛି। ସମଗ୍ର ରାଜ୍ୟରେ ମହିଳାମାନଙ୍କ ସୁରକ୍ଷା ଆଜି ପ୍ରଶ୍ନବାଚୀ ହୋଇଛି। କଟକ କେନ୍ଦ୍ରାଂଚଳ ଅଗ୍ନିଶମ ବିଭାଗର ଜଣେ ମେଜର(ଏସ୍ଆଇ)ପାହ୍ୟାଙ୍କ ଯୌନ କେଳେଙ୍କାରି ସାମ୍ନାକୁ ଆସିଛି। ଥଣ୍ଡା ପାନୀୟରେ ନିଶା ଦେଇ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଏହି ଦୁଷ୍କର୍ମର ଭିଡିଓ ଦେଖାଇ ବାରମ୍ବାର ବ୍ଲାକ୍ ମେଲିଂ କରିବା ସହ ଅଭିଯୁକ୍ତ ୩ବର୍ଷ ହେଲା ଦୁଷ୍କର୍ମ କରିଆସୁଥିଲା । ସେହିଭଳି ରାଜଧାନୀରେ ଜଣେ ନର୍ସଙ୍କର ଝୁଲନ୍ତା ମୃତଦେହ ଜବତ ହୋଇଛି, ଯାହାଙ୍କ ମୃତ୍ୟୁର କାରଣ ବର୍ତ୍ତମାନ ସୁଧା ମିଳିପାରିନାହିଁ। ମହିଳା କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପିପିଲ ସହର ପଣ୍ଡା ବଜାର ନିକଟସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମର ଜିଲ୍ଲା ପରିଚାଳକଙ୍କ କାର୍ଯ୍ୟାଳୟରେ ଆଜି ଜଣେ ମହିଳା କର୍ମଚାରୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି। ପୋଲିସ ସୂଚନା ଅନୁସାରେ କାର୍ଯ୍ୟାଳୟର ମହିଳା କର୍ମଚାରୀ ସ୍ନେହପ୍ରଭା ମିଶ୍ରଙ୍କୁ କାର୍ଯ୍ୟାଳୟର ଆକାଂଉଟାଟ୍ ଚିନ୍ମୟ ନାୟକ ହାତୁଡି ଦ୍ୱାରା ଆକ୍ରମଣ କରିଛନ୍ତି। ସେହିପରି ବାରିପଦା ସଦର ଥାନା ରାଜାବସା ଅଂଚଳରେ ସ୍ୱାମୀ ପରିତ୍ୟକ୍ତ ମହିଳା ଗଣ ଦୁଷ୍କର୍ମ ଶିକାର ହୋଇଛନ୍ତି। ଏବେ ଶିକାର ହୋଇଥିବା ପିଡୀତାଙ୍କ ଅବସ୍ଥା ଗୁରୁତର ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲର ଆୟୁସିରେ ଭର୍ତି କରାଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଓଡିଶାରେ ମହିଳାମାନଙ୍କ ସୁରକ୍ଷା ବିପନ୍ନ ହୋଇଛି । ନବୀନ ବାବୁଙ୍କର ସରକାର କେବେବି ମହିଳାମାନଙ୍କୁ ସୁରକ୍ଷା ଦେବାରେ ସଫଳ ହୋଇନାହାନ୍ତି ବୋଲି ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର କହିଛନ୍ତି।

# ମୁଖ୍ୟମନ୍ତ୍ରୀ ନିବାସରେ କଣ୍ଟାବାଞ୍ଜି ପ୍ରେସ କ୍ଲବର ପ୍ରତିନିଧି ଦଳ



**ବଲାଙ୍ଗିର :** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ନିଜେ ମୁଖ୍ୟମନ୍ତ୍ରୀ ଏଥର ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେଣୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ପ୍ରେସ କ୍ଲବ କଣ୍ଟାବାଞ୍ଜି ସଭାପତି ପ୍ରଭଜିତ ସିଂ ସାଲୁଜାଙ୍କ ନେତୃତ୍ୱରେ ଏକ ୧୨ ଜଣିଆ ପ୍ରତିନିଧି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ପାଇଁ ଆଲୋଚନା କରିବା ସହ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଥିବା ଅନନ୍ୟ ପ୍ରାଚୀନ କୀର୍ତ୍ତିରାଜି ତଥା ଐତିହାସିକ ଧରୋହର ରାଣୀପୁର ଝରିଆଲ ର ଉନ୍ନତି ବିକାଶ ସମ୍ପର୍କରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତ କଥା ଶୁଣିବା ପରେ ଯଥାଶୀଘ୍ର ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଲେ। ମୁଖ୍ୟମନ୍ତ୍ରୀ ଙ୍କ ସାକ୍ଷାତ ସମୟରେ ବରିଷ୍ଠ ବିଜେଡି ନେତା ଭି କେ ପାଣ୍ଡିଆନ ମଧ୍ୟ ଆଲୋଚନାରେ ସାମିଲ ହୋଇ ବିଜେଡିର ବିକାଶ ଟାର୍ଗେଟରେ ରାଣୀପୁର ଝରିଆଲ ରହିଥିବା କହିଥିଲେ। ଏହି ସାକ୍ଷାତକାର ସମୟରେ ଡାକ୍ତର ଅମଜଦ ଖାନ, ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ସୁରଦାସ ବାଗ, କୋଷାଧ୍ୟକ୍ଷ କମଳଜିତ ସିଂ ମାଖିଜା, ଉପସଭାପତି ମନୋଜ ଶର୍ମା, ମୁରିବାହାଲ ସାମ୍ବାଦିକ ସଂଘର ଆଇନ ପରାମର୍ଶଦାତା ଜୟଦୀପ ପୁରୋହିତ, ପ୍ରେସକ୍ଲବ ପରାମର୍ଶ ଦାତା ଆଶିଷ ଖୈତାନ, ବଣ୍ଟି ଗୁପ୍ତା, ଆନନ୍ଦ ମୋଟେ, ସଦସ୍ୟ ଅନିଲ ତ୍ରିପାଠୀ, ବିଶିକେସନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ମା’ ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ ପାଳିତ



**କୋଣାର୍କ :** ଚଳିତ ବୈଶାଖ ମାସ ଶୁକ୍ଳ ପକ୍ଷ ୧୬ ତାରିଖ ଶେଷ ଗୁରୁବାର ଦିନ ମା’ଙ୍କ ପୀଠରେ ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଯାଇଛି। ଅର୍କକ୍ଷେତ୍ରର ରକ୍ଷାକର୍ତ୍ତୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା’ ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ। ମା’ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ଏହା ଓଡ଼ିଆଣୀ କୂଳବଧୁମାନଙ୍କର ଏକ ନିଆରା ପର୍ବ। କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୁଳବଧୂମାନେ ନିଜ ପରିବାରେର ଶୁଭ ମନାସି ମା’ ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ମହାଅଡ଼ମ୍ବରରେ ପାଳନ କରିଥାନ୍ତି। ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା’ ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି।

ମା’ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରି ଥିଲେ । ମା’ ରାମଚଣ୍ଡୀଙ୍କ ନିମନ୍ତେ କୂଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଂଚିବା ପରେ ମା’ଙ୍କ ପୂଜକ ଗାଧୁଆ ନିତୀ ସମ୍ପନ୍ନ କରିଥିଲେ। ପ୍ରତ୍ୟକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥିଲେ ହାଣ୍ଡିରନ୍ଧା ସାମଗ୍ରୀ। ମା’ଙ୍କ ମନ୍ଦିର ବେଢ଼ାରେ ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥିଲା। ମନ୍ଦିରର ପୂଜକ ଓ ମାଳି ମା’ଙ୍କ ରୋଷ ଘରଚୂଲାରୁ ଅଗ୍ନୀ ଆଣୀ ପ୍ରତ୍ୟକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବାସହ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥିଲେ। ମାହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବା ମିଶା ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥିଲେ। ଏହି ସମୟରେ ମା’ଙ୍କ ରୋଷଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଏତାଦୃଶ୍ୟ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା’ଙ୍କ ନିକଟରେ ଭୋଗଲଗାଇ ଥିଲେ । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢ଼ିଥିଲେ। ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣିଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରିବା ପରେ ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୂଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରୀ ନିରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥିଲେ। ମା’ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଂଚି ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥିଲେ। ଏହାପରେ ମହିଳାମାନେ ଏକ ମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥିଲେ । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥିଲା ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଶରେ ମା’ଙ୍କ ପାଖରେ ଗୁହାରିଆ ପଡ଼ିବେ। ଗୁରୁବାର ପ୍ରତ୍ୟୁଶରେ ମା’ ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥିଲା। ମା’ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଭିଡ ଲାଗିରହିଥିଲା। ଏହି ଅବସରରେ ଦିନତମା ଭଜନ କୀର୍ତ୍ତନ ଆୟୋଜିତ ହୋଇଥିଲା। ମା’ ରାମଚଣ୍ଡୀ ବଜାର କମିଟିର ସଭାପତି ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦନ ବେହେରା, ଅନିଲ ନାୟକ, ସଦଶିବ ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନ କରିଥିଲେ।

# ‘+୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ କଲ ଗ୍ରହଣ କରନି’



**ଭୁବନେଶ୍ୱର :** ହ୍ୱାଟସ୍ ଆପ୍ +୯୨ରୁ ଆରମ୍ଭ ହୋଇଥିବା ବିଦେଶୀ ନମ୍ବରରୁ କଲ ଗ୍ରହଣ ନ କରିବାକୁ ଓଡିଶା ପୁଲିସ୍ ଗୁରୁବାର ଦିନ ମୋବାଇଲ୍ ବ୍ୟବହାରକାରୀଙ୍କୁ ଚେତାବନୀ ଦେଇଛି। ମୋବାଇଲ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ତଥା ପୁଲିସ୍ ଏକ୍ସ-ହ୍ୟାଣ୍ଡେଲରେ ଏନେଇ ପରାମର୍ଶ ଦେଇଛି। ଠକେଇ ହେଉଥିବା ନେଇ ପୁଲିସ୍ ସତର୍କ ସୂଚନା ଜାରି କରିଛି। ଜାଣିବାକୁ ମିଳିଛି ଯେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପୋଲିସ୍ ଅଧିକାରୀଙ୍କ ଛଦ୍ମନାମରେ ଠକେଇର ଖବର ଆସିବା ପରେ ଓଡ଼ିଶା ପୋଲିସ ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କୁ ସତର୍କ କରାଇବାକୁ ନିଷ୍ପତ୍ତି ନେଇଛି। ସାଇବର ଠକମାନେ ଏହି ନୂତନ କୌଶଳ ଆପଣେଇ ନିଜକୁ ପୋଲିସ୍ ଅଧିକାରୀ ଭାବରେ ପରିଚିତ କରି ମୋବାଇଲ ବ୍ୟବହାରୀଙ୍କ ନିକଟ ସମ୍ପର୍କୀୟଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣି ସାଧାରଣ ଲୋକଙ୍କୁ ପ୍ରତାରଣା କରୁଛନ୍ତି। ତେଣୁ ଓଡ଼ିଶା ପୋଲିସ ଲୋକଙ୍କୁ ସଜାଗ ରହିବାକୁ ପରାମର୍ଶ ଦେଇଛି ଏବଂ ଏପରି କଲ୍ ଗ୍ରହଣ ନ କରିବା ସହିତ କୌଣସି ସୂଚନା ସେୟାର ନକରିବାକୁ କହିଛି। ଏହାପୂର୍ବରୁ ଟେଲି ଯୋଗାଯୋଗ ବିଭାଗ, ଯୋଗାଯୋଗ ମନ୍ତ୍ରଣାଳୟ ଏକ ସତର୍କ ସୂଚନା ଜାରି କରି ମୋବାଇଲ୍ ବ୍ୟବହାରକାରୀଙ୍କୁ ହ୍ୱାଟସ୍ ଆପ୍‌ରେ +୯୨ରୁ ଆରମ୍ଭ ହେଉଥିବା ବିଦେଶୀ ନମ୍ବରରୁ କଲ ନେଇ ସତର୍କ ରହିବାକୁ କହିଥିଲେ। ଯୋଗାଯୋଗ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଏହି ସୂଚନାରେ ମୋବାଇଲ ବ୍ୟବହାରକାରୀମାନେ ବେଆଇନ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା କହି ଠକମାନେ ମୋବାଇଲ୍ ନମ୍ବର ବିଚ୍ଛିନ୍ନ କରିବାକୁ ଧମକ ଦେଉଥିବା ଘଟଣା ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥିଲା।

PLOT FOR SALE
MOUZA:BHOLA




N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

# ସରକାରୀ ଜମିରେ ବେଆଇନ ଇଟାଭାଟି

**ବଲାଙ୍ଗିର,(ଜନାବ ଖାନ୍) :** କେନ୍ଦ୍ର ସରକାର ବିଶ୍ୱ ଜଳବାୟୁ ସମ୍ମିଳନୀରେ ଏକ ସ୍ୱାକ୍ଷର କରି ସମଗ୍ର ଭାରତରେ ଉତ୍ତାପ ହ୍ରାସ କରିବା ନିମନ୍ତେ ପୋଡା ଇଟାଭାଟିକୁ ସମ୍ପୂର୍ଣ୍ଣ ବ୍ୟାନ କରିଛନ୍ତି। ହେଲେ କେତେକ ଟାଉଟର ଶ୍ରେଣୀର ବ୍ୟକ୍ତି ସରକାରର ନିର୍ଦ୍ଦେଶକୁ ଅବମାନନା କରି ରେଭେନ୍ୟୁ ବିଭାଗର କର୍ମଚାରୀମାନଙ୍କ ସହିତ ସଲାସୁତୁରା କରି ବେଆଇନ ଇଟା ଭାଟି ଚଳାଉଛନ୍ତି। ଗତବର୍ଷ ବଲାଙ୍ଗୀର ଜିଲ୍ଲାରେ ଜିଲ୍ଲାପାଳ ପୋଡା ଇଟା ଭାଟି ଗୁଡିକୁ ଭାଙ୍ଗି ଦେଇଥିବା ବେଳେ, ବେଆଇନ ଭାଟି ମାଲିକ ମାନଙ୍କ ମନରେ କୋଉଆ ଭୟ ସୃଷ୍ଟି ହୋଇଥିଲା। କିନ୍ତୁ ଏବେ ପୁଣି ବେଆଇନ ଇଟା ଭାଟି ଗୁଡିକ ନିଜର କାୟା ବିସ୍ତାର କରି ଚାଲିଛି। ଠିକ ଏହିଭଳି ବେଆଇନ ଇଟାଭାଟି ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ବେଲପଡା ତହସିଲ ଅନ୍ତର୍ଗତ ବେଛୁବାହଲି ଗାଁରେ। ବେଛୁବାହାଲୀ ଗାଁର ବିଷମ୍ବର ପୁଟେଲ ନାମକ ବ୍ୟକ୍ତି ଜଣକ ଖେଳ ପଡିଆକୁ ଲାଗି ରହିଥିବା ଗ୍ରାମ୍ୟ ଜଙ୍ଗଲ ଓ ଗୋଚର ଜମିର ଗଛ ଗୁଡିକୁ ସପୂର୍ଣ୍ଣ ନଷ୍ଟ କରି ଦେଇ ଦୁଇ ବର୍ଷ ହେଲା ପୋଡା ଇଟାଭାଟିର ବ୍ୟବସାୟ କରି ଆସୁଛି। ଗ୍ରାମର ଶିକ୍ଷିତ ଯୁବକ ମାନେ ବେଆଇନ ଭାଟି ମାଲିକକୁ ସରକାରୀ ଜମି ଉପରେ ଇଟାଭାଟି ନ କରିବାକୁ ତାଗିଦ କରିଥିଲେ ସୁଦ୍ଧା ସମସ୍ତଙ୍କ କଥାକୁ ଅବମାନନା କରି ନିଜର ବ୍ୟବସାୟ କରିଚାଲିଛନ୍ତି। ବେଲପଡା ତହସିଲର ପୂର୍ବତନ ତହସିଲଦାର ଉକ୍ତ ଇଟାଭାଟି ମାଲିକଙ୍କ ଠାରୁ ବିନା ରସିଦରେ ୨୦ ହଜାର ଟଙ୍କା ନେଇ ନିର୍ଭୟରେ ଭାଟି ଚଳାଉ ଥାଅ ବୋଲି କହି ସେ ଅନ୍ୟତ୍ର ବଦଳି ହୋଇ ଚାଲି ଯାଇଛନ୍ତି। ଚଳିତ ବର୍ଷ ଇଟାଭାଟି ଚାଲୁଥିବା ବେଳେ ସୁଲେକେଲା ଆରଆଇ ମହାଶୟ ମଧ୍ୟ ଭାଟି ମାଲିକ ପାଖକୁ ଯାଇ ନାଲି ଆଖି ଦେଖାଇ ବିନା ରସିଦରେ ଅଗ୍ରିମ ୧୦ ହଜାର ଟଙ୍କା ନେଇଥିବା ବେଳେ ଆଉ ୧୦ ହଜାର ଟଙ୍କା ଇଟା ବିକ୍ରି ହେଲାପରେ ଦେବ ବୋଲି କହି ନିଜ ପକେଟ ଗରମ କରିଥିବା ଭାଟି ମାଲିକ ନିଜେ ଅଭିଯୋଗ ଆଣିଛି। ଲାଞ୍ଚ ନେଇଥିବା ବିଷୟକୁ ନେଇ ସୁଲେକେଲା ଆରଆଇ ମହାଶୟଙ୍କୁ ପଚାରିବାରୁ ସେ ୧୦ ହଜାର ନେଇଥିବା କଥା ଠିକ ବୋଲି କହିଥିଲେ, ହେଲେ ଆଉ ୧୦ ହଜାର ଟଙ୍କା ନ ଦେବା ପର୍ଯ୍ୟନ୍ତ କିଭଳି ଭାବରେ ମୁଁ ରସିଦ ଦେବି ବୋଲି କହିଥିଲେ। ପ୍ରଥମେ ପୂର୍ବତନ ତହସିଲଦାର ୨୦ ହଜାର ଟଙ୍କା ନେଲା ପରେ ଏବେ ଆରଆଇ ଜଣକ ୧୦ ହଜାର ଟଙ୍କା ନେଇ ଆଜି ପର୍ଯ୍ୟନ୍ତ ରସିଦ ଦେଇ ନଥିବା ବେଳେ ସରକାରୀ ଜମିରେ ବେଆଇନ ଇଟାଭାଟି କାହା ବଳରେ ଚାଲୁଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳ ଏହି ବେଆଇନ ଇଟା ଭାଟିକୁ ତୁରନ୍ତ ବନ୍ଦ କରିବା ସଙ୍ଗେ ସଙ୍ଗେ ଲାଞ୍ଚୁଆ ବିଭାଗୀୟ ଅଧିକାରୀ ମାନଙ୍କ ଉପରେ କଡାରୁ କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସମଗ୍ର ଅଞ୍ଚଳବାସୀ ଦାବି କରିଛନ୍ତି।



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30th Approch Road
Contact : 8658607286 / 8917571455

# ଆବାସ ଯୋଜନାରେ ଦୁର୍ନୀତି; ଗୋଟିଏ ଘରେ ଦୁଇଟି ବିଲ୍



**ବଲାଙ୍ଗୀର :** କେନ୍ଦ୍ର ସରକାର ବାସହୀନ ପରିବାରକୁ ବିନା ମୂଲ୍ୟରେ ଆବାସ ଗୃହ ଯୋଗାଇ ଦେବାପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଓଡ଼ିଶା ସରକାର ଏହି ଯୋଜନାରେ ନିଜ ଲୋକଙ୍କୁ ସାମିଲ କରି ଲାଞ୍ଚ ନେଉଥିବା କଥା ସାମ୍ନାକୁ ଆସିଛି। ସରକାରଙ୍କ ଯେଉଁ ତଳିଆ କର୍ମଚାରୀମାନେ ଗ୍ରାମ ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଛନ୍ତି ସେମାନେ ଘର ପିଛା ଦଶ ହଜାରରୁ କୋଡ଼ିଏ ହଜାର ଟଙ୍କା ଲାଞ୍ଚ ନେଇ ଅଯୋଗ୍ୟ ହିତାଧୀକାରୀ ମାନଙ୍କୁ ଦେଉଥିବା ବେଳେ ଯୋଗ୍ୟ ହିତାଧିକାରୀ ମାନେ ବାଦ୍ ପଡୁଛନ୍ତି। ପୁରୁଣା ଘରକୁ ରଙ୍ଗ କରି ବିଲ କରିବା, ଗୋଟିଏ ଘରେ ଦୁଇଗୋଟି ହିତାଧିକାରୀଙ୍କ ପାଇଁ ବିଲ କରିବା, ଦାଦନ ଯାଇଥିବା ଲୋକର ଘର ତିଆରି କରି ମୋଟା ଅଙ୍କ ଲାଞ୍ଚ ମାଗି ମାଲାମାଲ ହେବା ଘଟଣା ସମଗ୍ର ସରମୁହାଣ ଅଞ୍ଚଳବାସୀ ଦୃଢ ଅଭିଯୋଗ ଆଣିଛନ୍ତି। ଏଠିକାର ୱାର୍ଡ ମେମ୍ବର ଠୁଁ ନେଇ ପିଇଓ ପର୍ଯ୍ୟନ୍ତ ସମସ୍ତେ ଚୋର ଅଧେ ମୋର ଅଧେ କରି ଭାଗ ବଣ୍ଟନ କରି ନୀରିହ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହେଉଛି। ବାରମ୍ବାର ବିରୋଧୀ ଦଳ ନେତା ଶ୍ରୀଯୁକ୍ତ କନକ ବାବୁ ଏସବୁ ବିଷୟକୁ ନେଇ ବ୍ଲକ ଓ ଜିଲ୍ଲା ପ୍ରଶାସନ ପାଖରେ ଅଭିଯୋଗ ଆଣିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଉନଥିବା ଦେଖିବାକୁ ମିଳୁଛି। ପରିଣାମ ସ୍ୱରୂପ ଚୋର କର୍ମଚାରୀ ଏବଂ କୁଜି ନେତାଙ୍କୁ ଲାଞ୍ଚ କାରବାରରେ କିଏ ବଳ ଦେଉଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ସରମୁହାଣ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖରଖରା ଗ୍ରାମର ଡାଲିମ୍ବ ମାଝୀ ଓ ଆଦ୍ରା ମାଝୀ ଦୁଇ ଜଣ ହିତାଧିକାରୀଙ୍କ ଠାରୁ ଆବାସ ଗୃହ ଯୋଗାଇ ଦେବାପାଇଁ ତାଙ୍କ ଗାଁର ୱାର୍ଡ ମେମ୍ବର ଅଲେଖ ସୁନା ୬ ହଜାର ଲେଖାଏଁ ଦୁଇ ଭାଇଙ୍କ ଠାରୁ ୧୨ ହଜାର ଟଙ୍କା ଅଗ୍ରୀମ ଲାଞ୍ଚ ନେଇଥିବା ଡାଲିମ୍ବଙ୍କ ସ୍ୱାମୀ ଆମ ପ୍ରତିନିଧିଙ୍କ ପାଖରେ ଗୁହାରି କରିଥିଲେ। ଏ ବିଷୟକୁ ନେଇ ସରମୁହାଣ ଗ୍ରାମ ପଞ୍ଚାୟତର ସରପଞ୍ଚ ନୀରମା ନାଗଙ୍କୁ ପଚାରିବାରୁ ସେ କହିଥିଲେ ଯେ ଲାଞ୍ଚ ନେବାକୁ ମୁଁ ସମସ୍ତଙ୍କୁ ମନା କରିଛି। ଯଦି କେହି ଏଭଳି କୁକର୍ମ କରିଛି ମୁଁ ଛାଡ଼ିବି ନାହିଁ, ସେମାନଙ୍କ ଉପରେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ହେଲେ ଭିତିରିଆ ପଞ୍ଚାୟତ ର ସମସ୍ତେ ଲାଞ୍ଚ ନେଇ ଭାଗ ବଣ୍ଟନ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଶୁଣିବାକୁ ମିଳୁଛି । ଉକ୍ତ ଦୁଇ ଭାଇଙ୍କ ଦୁଇ ବଖରା ଘରେ ଗୋଟିଏ ଛାତ ଦୁଇଟି ବାଟ ନିର୍ମାଣ ହୋଇଥିବା ବେଳେ ବହୁ ଚଞ୍ଚକତାର ସହିତ ଜିଓଟେଗ ଫଟୋ ଏଡିଟ କରି ଦୁଇଟି ଆବାସ ଗୃହର ବିଲ୍ କରି ଟଙ୍କା ମାଗିନେଇଥିବା ଅଭିଯୋଗ ହେଉଛି। ଘର ଗୁଡ଼ିକ ଆଜି ପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଥିବା ବେଳେ ସମ୍ପୂର୍ଣ୍ଣ ବିଲ୍ ହୋଇ ଟଙ୍କା ଆତ୍ମସାତ କରି ସରକାରୀ ଯୋଜନାକୁ ବିଫଳ କରୁଛନ୍ତି। ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଲାଞ୍ଚ ଦେବାକୁ କୌଣସି ସୁବିଧା ନଥିବାରୁ ତାଙ୍କୁ ଘର ଦିଆଯାଉ ନାହିଁ ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏବିଷୟରେ ଜିଲ୍ଲା ପ୍ରଶାସନ ନିରପେକ୍ଷ ଭାବେ ଯାଞ୍ଚ କରି ସାରମୁହାଣ ଗ୍ରାମପଞ୍ଚାୟତରେ ଲାଞ୍ଚ କାରବାର କରୁଥିବା କର୍ମଚାରୀ ତଥା ୱାର୍ଡ ମେମ୍ବରଙ୍କ ପ୍ରତି ସଠିକ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି।

Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି